
-49

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!



# ଚରମ

ନବମ ପୁଷ୍ପ ❊ ଷଷ୍ଠ ପାଖୁଡ଼ା ❊ ଊନପଞ୍ଚାଶତ୍ ସଂଖ୍ୟା ❊ ୪୯ ❊

ସମ୍ପାଦକ : କେଶବ ଦାସ

ପ୍ରକାଶକ : ଶ୍ରୀ କେଶବ ଚନ୍ଦ୍ର ସାମଲ
ସାଧାରଣ ସମ୍ପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ ।

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧ ।

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା ।
ପିନ୍ - ୭୫୪୨୦୬
ଫୋନ୍-(୦୬୭୧) ୨୭୬୭୧୦୧, ୨୭୬୬୭୬୭

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ ଏବଂ ରସଦ୍ ଆଡ୍ ଏଜେନ୍ସି, କଟକଙ୍କ ଦ୍ୱାରା ମୁଦ୍ରିତ । ପ୍ରକାଶକଙ୍କ ଦ୍ୱାରା ସର୍ବସ୍ୱତ୍ୱ ସଂରକ୍ଷିତ ।

❊ ଭକ୍ତି ପ୍ରେମାଞ୍ଜଳି : ପ୍ରତିଖଣ୍ଡ - ଏକବିଂଶ ମୁଦ୍ରାଞ୍ଜଳି ❊

❋ କେଶବାବ୍ଦ : ଏକଷଷ୍ଟିତମ (୬୧) ❋ ଆବିର୍ଭାବ ମାସ ❋ କୁମାର ପୂର୍ଣ୍ଣିମା ❋

# ପ୍ରବେଶ ପରିଚିତି

❋ ନବମ ପୁଷ୍ପ ❋
ଷଷ୍ଠ ପାଖୁଡ଼ା
ଊନପଞ୍ଚାଶତ୍ ସଂଖ୍ୟା (୪୯)

❖ ବୈଦିକ ପ୍ରାର୍ଥନା ❖

ଦିଶାଳ ବିଶ୍ୱସ୍ୟ ନିଧାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ଶ୍ରୀପାଦ ସ୍ତୁତି ସ୍ତବକ | ୧ |
| **ସିଂହଦ୍ୱାର** | |
| ଭଜନ (୧) | ୨ |
| ଭଜନ (୨) | ୩ |
| **ମୁଖଶାଳା** | |
| ସମ୍ପାଦକୀୟ | ୪ |
| 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ | ୬ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୧୦ |
| ପୁରାଣ ପୃଷ୍ଠାରୁ ଗଳ୍ପାଂଶ | ୧୧ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : ମୋହ | ୧୫ |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୯ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚୟି : | ୨୨ |
| ଉତ୍ତିଷ୍ଠତଃ ! ଜାଗ୍ରତଃ !! | ୨୫ |
| ଜିଜ୍ଞାସା : ଜିଜ୍ଞାସୁ : | ୨୯ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୪୦ |
| କଲ୍ୟାଣ ଦେଖି ତୋତେ | ୪୫ |
| କେଶବ କୈବଲ୍ୟ କଣିକା | ୪୯ |
| **ନୀଳଚକ୍ର** | |
| ଚରମର ସଂକେତ-ଚରମ ଚୈତନ୍ୟ ମହାଯଜ୍ଞ | ୫୨ |
| ଆଶ୍ରମ ସନ୍ଦେଶ | ୬୯ |


## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପତ୍ରିକା ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସମ୍ପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ତ ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।


# ଅରୁଣସ୍ତମ୍ଭ

ଭକ୍ତାନୁଭବଂ ଶରଣ୍ୟଂ ବରେଣ୍ୟମ୍ ।
ଭକ୍ତାନାଂଧନମ୍ ପରମଂ ବରଦମ୍ ॥
ଭକ୍ତାନାଂ ହୃଦ-ଭୂଷଣଂ ପ୍ରାଣେଶମ୍ ।
ୱିଖିଳବିଶ୍ୱପତିମ୍ ପ୍ରଣମାମିତ୍ୱାହମ୍ ॥

## ମଙ୍ଗଳାଚରଣ

## ଶ୍ରୀପାଦ ସ୍ତୁତି ସ୍ତବକ

ଶ୍ରୀପାଦରୁ ଗଳେ ଅମିୟ ଶାନ୍ତି ।
ଭକ୍ତଶିଷ୍ୟଗଣ ପାନ କରନ୍ତି ॥
ଶ୍ରୀପାଦ ଭକ୍ତର ସଦା ଆରାଧ୍ୟ ।
ବିସ୍ମରି ଯିବ କେ କାହାର ସାଧ୍ୟ ॥
ଶ୍ରୀପାଦ ଯୁଗଳ ଭାବ ସାଗର ।
କ୍ଷଣେକ୍ଷଣେ ସୃଜେ ଭାବ ସମ୍ଭାର ॥
ଶ୍ରୀପାଦ ଚିନ୍ତନେ ପ୍ରକୃତି ସ୍ଥିର ।
ଲୟ ଟଳିଗଲେ ସର୍ବ ବିକାର ॥
ଶ୍ରୀପାଦ ଚିନ୍ତନ ସର୍ବ ସମ୍ପତ୍ତି ।
ସେ ସମ୍ପତ୍ତି ଟାଳେ ସର୍ବ ବିପତ୍ତି ॥
ଶ୍ରୀପାଦ ଭକତ ମଉଡ଼ମଣି ।
ଜନକକ ଦିଶେ ସ୍ମରଣ କ୍ଷଣି ॥
ଶ୍ରୀପାଦ ଚରମ ପ୍ରାପତି ପଥ ।
ଶୁଣନ୍ତି ଅନ୍ତର ବାଣୀ ସତତ ॥
ଶ୍ରୀପାଦ ଯୁଗଳ ଭାବ ପିୟାସୀ ।
ତହିଁ ଭକ୍ତିଭରେ ଯାଅରେ ରସି ॥
ଶ୍ରୀପାଦ ସକଳ ବିଭୂତି ଖଣି ।
ଶ୍ରୀପାଦ ଭକ୍ତର ନୟନ ମଣି ॥
ଶ୍ରୀପାଦ ଭକତ ନୟନ ତାରା ।
ଶ୍ରୀପାଦ ବ୍ୟାପିଛି ବ୍ରହ୍ମାଣ୍ଡ ସାରା ॥
ଶ୍ରୀପାଦ ଚଳଇ ଘର ଦୁଆର ।
କେହି ନୁହେଁ ପର-ଆପଣା ତା'ର ॥
ଶ୍ରୀପାଦ ଚଳଇ ଅଗ୍ରତେ ସଦା ।
ଦୂରେଇ ନରହେ ବିସ୍ମରି କଦା ॥



ଶ୍ରୀପାଦ ମହିମା ଅଟେ ଅପାର ।
ଅନନ୍ତ ଅଚ୍ୟୁତ ପୁଣି ଅକ୍ଷର ॥
ଶ୍ରୀପାଦ ଧ୍ୟାନରେ ସଞ୍ଜ ସକାଳ ।
ଦର୍ଶନ କରିଲେ ନ ଘୋଟେ କାଳ ॥
ଶ୍ରୀପାଦ ମହତ୍ତ୍ୱ ଯାହାକୁ ଜଣା ।
ସାଧନା ପଥରେ ନ ହୁଏ ବଣା ॥
ଶ୍ରୀପାଦ ସୁନ୍ଦର ସଦା ବରଦ ।
କଲ୍ୟାଣକାରୀ ସେ, ସେ ଶରଣଦ ॥
ଶ୍ରୀପାଦରେ ଠୁଳ ଅଶେଷ ଦୟା ।
ଦୟା କଲେ କାଟିଦିଅଇ ମାୟା ॥
ଶ୍ରୀପାଦ ଯୁଗଳ କରୁଣାମୟ ।
ଦୂରକରେ କାଳ କରାଳ ଭୟ ॥
ଶ୍ରୀପାଦେ ଅଟଳ ଯାହାର ଲୟ ।
ତା'ପାଇଁ ଶ୍ରୀପାଦ କଲ୍ୟାଣମୟ ॥
ଶ୍ରୀପାଦ ବୁଝଇ ଭକ୍ତ ଯାତନା ।
ଶ୍ରୀପାଦ ଖଣ୍ଡଇ ସର୍ବ କାମନା ॥
ଶ୍ରୀପାଦ ପାଖରେ ଭକତ ବନ୍ଦୀ ।
ଭକତ ଜନକୁ ରଖିଛି ଛନ୍ଦି ॥
ଭକତ ହୃଦରେ ଶ୍ରୀପାଦ ବନ୍ଦୀ ।
ଭାବ ଭକତିରେ ରହିଛି ଛନ୍ଦି ॥
ଭାବ ଭକତିରେ ଶ୍ରୀପାଦ ବନ୍ଧି ।
ହୃଦ କାରାଗାରେ ଯେ'କରେ ବନ୍ଦୀ ॥
ତା'ପାଇଁ ତା' ଠାଇଁ କୃପା ଅଶେଷ ।
ସଦା ଝରୁଥାଏ ନୋହି ନିଃଶେଷ ॥

ଶୂନ୍ୟ ଶୂନ୍ୟ ମହାଶୂନ୍ୟ ଶ୍ରୀପାଦ ।
ଶ୍ରୀପାଦ ଖଣ୍ଡଇ ସର୍ବ ପ୍ରମାଦ ॥



## ସିଂହଦ୍ୱାର୍

# ଭଜନ



ନାବ ମଙ୍ଗେ ବସିଛନ୍ତି ଠାକୁର ମୋର
ଆଶିଷ ଆହୁଲାରେ ଶୋଭିତ ଶ୍ରୀକର ........... ॥ ୦॥

ବିଶ୍ୱାସ ଆଶ୍ରା କରି ...... କେତେ ଯେ ନରନାରୀ
ବସିଛନ୍ତି ସେ ନାବରେ ହେବାକୁ ପାରି
ଶକତି ଭକତି ଏକା ଅନ୍ତରେ ସାର ........... ॥୧॥

ଲୋଭ ମୋହ ମାୟା ଚିନ୍ତୁ ଦିଅରେ ତଡ଼ି
ସତ୍‌ସଙ୍ଗ ଭେଳାକୁ ତୁ ଧର ଜାବୁଡ଼ି
ଚରମପତିଙ୍କୁ ଦୃଢ଼େ ଭଜନ୍ କର ........... ॥୨॥

ସନ୍ଦେଶପତ୍ର ବାଣ୍ଟି କାତକୁ ସେ ଆଣ୍ଟି
ବୁଡ଼ାଇ ଦେବେ ଜଳେ ତୋ ଇନ୍ଦ୍ରିୟ ପାଣ୍ଡି
ଲଗାଇ ଦେବେ କୂଳେ କାଟି ଅନ୍ଧାର ........... ॥ ୩ ॥

# ଭଜନ

ଝରିଆ କୂଳରେ ତୁମେ ବଗାର ଗ୍ରାମରେ
ଆର୍ବିଭାବ ହେଲ ପ୍ରଭୁ କେଶବ ନାମରେ ।

ତୁମେ ଅଟ ବ୍ରହ୍ମଚାରୀ ମର୍ଯ୍ୟାଦା ପୁରୁଷ
କାଳ କାଳକୁ ରଖିଲ ତବ କୀର୍ତ୍ତିଯଶ ।

ଅତି ମାତ୍ରାରେ ଶ୍ରଦ୍ଧାକୁ ଆସନ୍ତି ଯେ ଧାଇଁ
ଆଶିଷ ପ୍ରଦାନ କର ମନ ମଧ୍ୟେ ରହି ।

ସନ୍ତୋଷ ଲଭନ୍ତି ଭକ୍ତେ ତବ ଦରଶନେ
ଏହି ରୂପେ ଲୀଳା ଲାଗିଥାଏ ତୁମ ସ୍ଥାନେ ।

ତୁମେ ଅଟ ନିର୍ବିକାର ନିରାମୟ ହେ ଠାକୁର
କି ବର୍ଣ୍ଣିବି ତୁମ ଲୀଳା ନାହିଁ ତା'ର ପଟାନ୍ତର ।

ସତ୍‌ସଙ୍ଗ ଗଢ଼ିଉଠେ ବିଭିନ୍ନ ସ୍ଥାନରେ
ସଦ୍‌ଭାବନା ଆଣିଦିଏ ମାନବ ଚିତ୍ତରେ ।

ସଦା ସର୍ବଦା ବସିଛ ମଉନ ହୋଇଣ
ନାହିଁ ଲଘୁକ୍ରିୟା ଆଡ଼ମ୍ବର ଯେ ଭାଷଣ ।

ସ୍ଥୂଳ ଶରୀରରେ ଆସି ପ୍ରବେଶ ହୋଇଲ
ଭକ୍ତଙ୍କ ମାୟାରେ ତୁମେ ଛନ୍ଦି ହୋଇଗଲ ।

ସବୁଦିନ ପାଇଁ ତୁମେ ବନ୍ଧା ଯେ ପଡ଼ିଲ
ଭକ୍ତଙ୍କର ଭାବ ପ୍ରଭୁ ଏଡ଼ି ନ ପାରିଲ ।

କ୍ଷମା କର ହେ ଠାକୁରେ ଏ ଭକ୍ତ ଜନଙ୍କୁ
ତବ ବାନା ଉଡୁଥାଉ ସେ ଚିରକାଳକୁ ।।

## ମୁଖଶାଳା

## ସଂପାଦକୀୟ

**ଓଁ ନମୋ ଭଗବତେ କେଶବଚନ୍ଦ୍ରାୟଃ !!**

ଠାକୁରେ ମୋର ପରମପ୍ରେମମୟ, ମୋର ପରମ ପ୍ରେମାସ୍ପଦ, ମୋ ଜୀବନ ଦେବତା । ସେ ହିଁ ମୋ ମାତା, ପିତା, ଭାଇ, ବନ୍ଧୁ, ସଖା । ସେ ମୋର ସବୁକିଛି । ତାଙ୍କ ଛଡ଼ା ମୋର ସମସ୍ତେ ଥାଇ ମଧ କେହି ହିଁ ନାହାନ୍ତି । ତାଙ୍କ ବ୍ୟତୀତ ମୋର ସବୁ ଥାଇ ମଧ କିଛି ନାହିଁ । ତାଙ୍କ ବିହୁନେ ଏ ବିଶ୍ୱରେ ମୁଁ ନିଃସ୍ୱ । ଏ ବାର୍ଦ୍ଧକ୍ୟ ଅବସ୍ଥାରେ ମୁଁ ରାତିରାତି ଉନିଦ୍ର ରହି ଆତ୍ମସମୀକ୍ଷା କରି ଦେଖିଛି - ମୋର ଅଛି କ'ଣ ? ମୁଁ ଏ ପର୍ଯ୍ୟନ୍ତ କରିଛି କ'ଣ ? ? ସତ କହିବାକୁ ଗଲେ, ମଥା ଗୁଞ୍ଜିବା ପାଇଁ ମୋର ନିଜର ବୋଲି ଘରଟିଏ ନାହିଁ । ଦୀର୍ଘ ପ୍ରାୟ ଚାଳିଶବର୍ଷର ଚାକିରୀକାଳ ମଧ୍ୟରେ ମୋ ଜମାରେ ଚାଳିଶଟଙ୍କା ମଧ ନାହିଁ । ସତରେ ମୁଁ ଜୀବନରେ ଏ ପର୍ଯ୍ୟନ୍ତ କିଛି ବି କରିନାହିଁ । ଚେଷ୍ଟାକରି ମଧ ପାରିନାହିଁ । ପ୍ରଶ୍ନ ଉଠେ - ଏ ଦୀର୍ଘ ଚଉଷଠି ବର୍ଷର ଜୀବନଯାତ୍ରା ପଥରେ ମୁଁ ପାଇଛି କ'ଣ ? କ'ଣ ଅବା ଅର୍ଜନ ଉପାର୍ଜନ କରିଛି ? ନିଜକୁ ନିଜେ ମୁଁ ସମୀକ୍ଷା, ପରୀକ୍ଷା ନିରୀକ୍ଷା କରି ଦେଖୁଛି - ମୁଁ କିଛି ନପାଇ ଥିଲେ ମଧ ପାଇଛି ପ୍ରଚୁର ଆନନ୍ଦ, ପାଇଛି ପ୍ରଚୁର ଶାନ୍ତି । ପାଇଛି ମୋ' ପ୍ରେମମୟ ଠାକୁରଙ୍କୁ । ଠାକୁରଙ୍କୁ ପାଇବା ପୂର୍ବରୁ ଅନେକ ମହାପୁରୁଷ, ସାଧୁସନ୍ଥ, ଯୋଗୀଯୋଗିନୀ, ସିଦ୍ଧପୁରୁଷଙ୍କ ଗହଣରେ ବହୁ ସମୟ ଅତିବାହିତ କରି ଅପାର ଶାନ୍ତି ଓ ଅସୀମ ଆନନ୍ଦ ଲାଭ କରିବାର ସୌଭାଗ୍ୟ ମଧ ଲାଭ କରିଛି । ସେ ସମସ୍ତ ଦିବ୍ୟାତ୍ମାଙ୍କ ପ୍ରତି ଏବେ ମଧ ମୋର ବିଶ୍ୱାସ ଅତୁଟ ରହିଛି, ସେମାନଙ୍କ ପ୍ରତି ମୋ ଭକ୍ତି ମଧ କୌଣସି ଗୁଣରେ ଉଣା ହୋଇନାହିଁ । ସେମାନଙ୍କର ସ୍ନେହ ଶ୍ରଦ୍ଧାପୂର୍ଣ୍ଣ ଆଚରଣ ମୁଁ ପାଶୋରି ନାହିଁ । ମୁଁ ସେମାନଙ୍କ ଠାରେ କୃତଜ୍ଞ । ଏ ତ ଗଲା ମୋ ପାଇବାର କଥା । ଅର୍ଜନ କରିଛି କେତେଜଣ ସଚ୍ଚାବନ୍ଧୁ (True Friends), ଯେଉଁମାନଙ୍କର ସାହାଯ୍ୟ ସହଯୋଗ ସାହଚର୍ଯ୍ୟ ସହାନୁଭୂତି ଯାହାକୁ କି ମୁଁ ଜନ୍ମାଜନ୍ମାନ୍ତର ଯୁଗଯୁଗାନ୍ତରରେ ମଧ ପାଶୋରି ପାରିବି ନାହିଁ । ତାହା ପାଶୋରିବାର ନୁହେଁ । ଆଉ ଅର୍ଜନ କରିଛି, କେତେଜଣ ପ୍ରକୃତ ଓ ପ୍ରକୃଷ୍ଟ ଛାତ୍ରଛାତ୍ରୀ (ମୁଁ ଜଣେ ଶିକ୍ଷକ) । ଏହି କତିପୟ ପ୍ରିୟ ଛାତ୍ରଛାତ୍ରୀମାନଙ୍କର ଶ୍ରଦ୍ଧା ଭକ୍ତି ଓ କର୍ତ୍ତବ୍ୟବୋଧରେ ମୁଁ ଚକିତ ଓ ମୁଗ୍ଧ ହୋଇଯାଏ । ଏ ସବୁ ସତ୍ତ୍ୱେ ଏସବୁର ଊର୍ଦ୍ଧ୍ୱରେ, ବହୁ ଊର୍ଦ୍ଧ୍ୱରେ ଠାକୁରେ ଏବଂ ସେ ଯେ ଦିନରାତି ସବୁବେଳେ ସବୁସ୍ଥାନରେ ସବୁଅବସ୍ଥାରେ ମୋ' ପାଖେ ପାଖେ ରହି ମୋ ହାତଧରି ବାଟ କଢ଼ାଇ ନେଉଛନ୍ତି, ଏହା ମୁଁ ପ୍ରତିଦିନ, ପ୍ରତି ମୁହୂର୍ତ୍ତରେ ପ୍ରତ୍ୟକ୍ଷରେ ଅନୁଭବ କରିଚାଲିଛି । ଦେଖୁଛି ତାଙ୍କର ବିଚିତ୍ର ଲୀଳା । ଲାଭ କରୁଛି ପ୍ରାଣପ୍ରାଚୁର୍ଯ୍ୟପୂର୍ଣ୍ଣ ଅପାର ଆନନ୍ଦ ତଥା ଅସୀମ ଶାନ୍ତି ।

ଠାକୁରେ ହିଁ ସତ୍ୟ । ଠାକୁରେ ହିଁ ଜ୍ଞାନ । ଠାକୁରେ ହିଁ ଆନନ୍ଦ । ଜୀବନ ଅୟନରେ ତାଙ୍କୁ ପାଇ ମୁଁ ବାସ୍ତବ ସତ୍ୟ, ଜ୍ଞାନ ଓ ଆନନ୍ଦ ଲାଭ କରିପାରିଛି । ଜୀବନରେ କିଛି ନଥାଇ, କେହି ନଥାଇ ଯଦି ପ୍ରକୃତ

ସତ୍ୟ ଥାଏ, ତେବେ କୌଣସି ଭୟ ପାଖ ମାଡ଼ି ପାରିବ ନାହିଁ । ସତ୍ୟ ତୁମ ସମସ୍ତଙ୍କ ଜୀବନର ଲକ୍ଷ୍ୟ ହେଉ । ସତ୍ୟ ତୁମ ଜୀବନର ପଥ ହେଉ । ଚିନ୍ତାରେ, କଥାରେ, କାମରେ, ବ୍ୟବହାରରେ ଚାଲ ଆମ ସମସ୍ତେ ସତ୍ୟରକ୍ଷା କରି ଚାଲିବା । ସତ୍ୟକୁ ଆମ ଜୀବନର ମୂଳମନ୍ତ୍ର କରିଦେଲେ ଦେଖିବା, ଦୁଃଖ ଆମକୁ ସ୍ପର୍ଶ ସୁଦ୍ଧା କରିପାରିବ ନାହିଁ । ଅସତ୍ୟ ତୁମ୍ଭମାନଙ୍କୁ ସବୁବେଳେ ପ୍ରଲୋଭିତ କରୁଛି - ଅସତ୍ୟ ତୁମକୁ ଏହି ଶିକ୍ଷା ଦେଉଛି ଯେ, ତୁମେ ସତ୍‌ରେ ରହିଲେ କି ସତ କହିଲେ ବିପଦରେ ପଡ଼ିଯିବ । କିନ୍ତୁ ଆମର କହିବାର କଥା - ଅସତ୍ୟର ମିଥ୍ୟା ପ୍ରବଞ୍ଚନାରେ ପଡ଼ିଯାଅ ନାହିଁ । ମନେରଖ, ଅସତ୍ୟ ଠକଟାଏ । ଗୋଟାଏ ବଡ଼ ପ୍ରବଞ୍ଚକ ।

ସତ୍ୟ ହିଁ ଏକମାତ୍ର ସୁନ୍ଦର । ଆମେ ସମସ୍ତେ ସତ୍ୟକୁ ଆଶ୍ରୟ କରି ସୁନ୍ଦର ହୋଇଯିବା । କାହାରି ସହିତ ଅସତ୍ ଆଚରଣ କରିବା ନାହିଁ । ସତ୍‌ରେ ରହିଲେ, ଠାକୁରେ ନିଶ୍ଚୟ ଆମ ହୃଦୟକନ୍ଦରରେ ବିରାଜିତ ହେବେ, ହେଉଛନ୍ତି ମଧ୍ୟ । ଯେଉଁ ଲୋକ କଥାରେ ସତ୍, ସେ ହିଁ କେବଳ କର୍ମରେ ସତ୍ ହୋଇପାରେ । ଆଉ ଯିଏ କର୍ମରେ ସତ୍, ସତ୍ୟ ଶିବସୁନ୍ଦର ଠାକୁରେ ତା'ର ହାତ ଧରି କଲ୍ୟାଣ ପଥରେ ଆଗେଇ ନେଇ ଚାଲନ୍ତି । ଆଉ ଯିଏ ସବୁ ପଛରେ ପଡ଼ିରହିବା କଥା ପଡ଼ିରହନ୍ତି ।

ତୁମେ ଏ ସଂସାରରେ ଅନ୍ୟ ସମସ୍ତଙ୍କୁ ନିଜଠାରୁ ଅଲଗା ଭାବୁଛ । ତେଣୁ ସେମାନଙ୍କ ସୁଖଦୁଃଖରେ ଉଦାସୀନ ରହୁଛ । ତୁମେ କେବେ ଥରୁଟିଏ ସେମାନଙ୍କୁ ନିଜର ବୋଲି ଭାବି ପାରିଛ କି ? ଏବେଠାରୁ ଏମିତି ଆଉ କେବେ ଭାବିବ ନାହିଁ । ଭାବି ଦେଖ, ତୁମ ଦେହର କୌଣସି ଗୋଟିଏ ଅଂଶରେ ଆଘାତ ଲାଗିଲେ, ସେ ଆଘାତ ଅନ୍ୟ କେଉଁଠି ଲାଗିଛି ବୋଲି ତୁମେ କେବେ ଭାବିଛ କି ? ତୁମେ ତୁମ ସମଗ୍ର ଶରୀରରେ ଯନ୍ତ୍ରଣା ଅନୁଭବ କର ନାହିଁ କି ? ସେହିପରି ଏ ସଂସାରକୁ ନିଜର ବୋଲି ଥରେ ମନେ କରିନେଇ ପାରିଲେ, ତୁମେ ଅନ୍ୟକୁ ପର ଭାବି ତା' ଦୁଃଖରେ ନୀରବ ରହି ବସି ପାରିବ ନାହିଁ । କୌଣସି ଲୋକର ଭଲ କି ମନ୍ଦ ଉପରେ ବିଶ୍ଳେଷଣ ନକରି ତାଙ୍କୁ ପରଂବ୍ରହ୍ମ ଠାକୁରଙ୍କର ଗୋଟିଏ ଅଂଶ ବୋଲି ଭାବିବାକୁ ଚେଷ୍ଟା କର । ଏହା ତୁମର ସାଧନା ହେଉ । ଏ ସାଧନାରେ ସିଦ୍ଧି ଲାଭକଲେ ସଂସାର ସମାଜର ସମସ୍ତେ ଠାକୁରଙ୍କ ପରି ମହାସାଗରର ଗୋଟିଏ ଗୋଟିଏ ତରଙ୍ଗ ବା ଢେଉ ବୋଲି ମନେହେବେ । ସେତେବେଳେ କାହାରି ପ୍ରତି ଆସକ୍ତି ବା ଘୃଣାଭାବ ତଥା ହିଂସା ଓ ଈର୍ଷା ଭାବ ମନରେ ଜନ୍ମ ହେବନାହିଁ । ମନ ଆଉ କଦାପି ବିଦ୍ରୋହ କରିପାରିବ ନାହିଁ କିମ୍ବା ତୁମେ ଅଶାନ୍ତି ରୂପକ ଦୁଃଖରେ ସଢ଼ି ଯିବ ନାହିଁ । ବରଂ ପରମ ଶାନ୍ତି, ସନ୍ତୋଷ ଓ ଆନନ୍ଦର ଅଧିକାରୀ ହୋଇ ଉଠିବ ।

ବାସ୍ତବରେ ଯେଉଁ ଲୋକ ତ୍ୟାଗର ସ୍ୱାଦୁ ପାଇଛି, ତା'ପାଇଁ ଏ ସାରା ସଂସାର ତୁଚ୍ଛ । ବହୁ ସମୟରେ ତୁମ ମନକୁ ଉପଭୋଗ କରିବାର ଇଚ୍ଛା ପ୍ରବଳ ଭାବରେ ଆକର୍ଷଣ କରୁଥିବ; ଏହି ଆକର୍ଷଣ ପୁଣି ନାନା ଭାବରେ ଏବଂ ନାନା ରୂପରେ ଆସେ, ଆସୁଥିବ । କିନ୍ତୁ ତ୍ୟାଗ ବ୍ରତରେ ବ୍ରତୀ ହେଲେ ଏ ସବୁ ତୁଚ୍ଛ ମନେହେବ । ରତ୍ନମୁଣ୍ଡାଟାଏ ମଧ୍ୟ ତା'ପାଇଁ କାଚର ପେପର୍‌ୱେଟ୍‌ଟାଏ ପରି ମୂଲ୍ୟହୀନ ବୋଧହେବ, ଯଦି ସେ ତ୍ୟାଗବ୍ରତରେ ପ୍ରକୃତରେ ବ୍ରତୀ ହୋଇ ପାରିଛି । ବାରାନ୍ତରେ ପୁଣି ଆଲୋଚନା କରିବି । ଶ୍ରୀକେଶବ ସମର୍ପଣମସ୍ତୁ !!

ଓମିତି ନମସ୍କାରାନ୍ତେ,
ବିନୀତ,
କେଶବଦାସ ।
ସମ୍ପାଦକ, 'ଚରମ' ।

# 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ

## 'ମହାମନ୍ତ୍ର ସଂକୀର୍ତ୍ତନ ଧ୍ୱନିର ମହାତ୍ମ୍ୟ'

ପଞ୍ଚମହାଭୂତର ସମଷ୍ଟିରେ ଆମର ଜନ୍ମଭୂମି ଓ କର୍ମଭୂମି ଏହି ପୃଥିବୀର ସୃଷ୍ଟି । ପରମ ପରମେଶ୍ୱର ଭଗବାନ ଠାକୁରଙ୍କର ଏହି ସୃଷ୍ଟି ମଧୁମୟ, ଅମୃତମୟ ତଥା ଆନନ୍ଦମୟ । ପ୍ରକୃତି ପୁରୁଷଙ୍କର ଅପାର କରୁଣା ଓ କଲ୍ୟାଣର ବାର୍ତ୍ତାବହ ଏହି ସୃଷ୍ଟି ସମ୍ଭାରରେ କ'ଣ ନାହିଁ ସତେ ! କ'ଣ ସେ ଆମକୁ ଉପହାର ଦେଇ ନାହାନ୍ତି ସତରେ ! କ'ଣ ଅବା ଆମର ଅଭାବ ସେ ରଖିଛନ୍ତି ? ମାତ୍ର, ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ହେଉଛି, କ୍ଷିତି, ଜଳ, ବାୟୁ, ତେଜ ଓ ଆକାଶର ମଧୁମୟ ସମ୍ମିଶ୍ରଣରେ ଗିରିବନ ପ୍ରାନ୍ତର, ନଦନଦୀ, ହ୍ରଦ ନିର୍ଝର,  ସାଗର ମହାସାଗର ସୁଶୋଭିତ ଆମର ଜନ୍ମ ଓ କର୍ମସ୍ଥଳ ସୁଜଳା ସୁଫଳା ସୁଶ୍ୟାମଳା ଏ ଧରାଧରିତ୍ରୀ ଆଜି ଅତି ଉତ୍କଟ ଓ ଭୟଙ୍କର ଭାବରେ ନାନା ପ୍ରକାର ପ୍ରଦୂଷଣରେ ପ୍ରଦୂଷିତ ହୋଇଯାଉଛି ଏବଂ ଦିନକୁ ଦିନ ଏହି ପ୍ରଦୂଷଣ ସଂକ୍ରାମକ ବ୍ୟାଧି ପରି ଆମ ସମସ୍ତଙ୍କୁ ଭୀଷଣ ଭାବରେ ସଂକ୍ରମିତ କରିବାରେ ଲାଗିଛି । ଦୋଷ ଦେବା କାହାକୁ ? ସ୍ରଷ୍ଟା ପୁରୁଷ ଭଗବାନ ଠାକୁରଙ୍କୁ ? ନା ପ୍ରକୃତିର କାନ୍ତକମନୀୟ ରୂପ ସୁଷମାକୁ ? ନା ପ୍ରକୃତି ମାତାଙ୍କର ସମ୍ଭାରର ପ୍ରାଚୁର୍ଯ୍ୟକୁ ? ଦୋଷ ତ ଆମ ନିଜକୃତ । ଆପଣା କୃତକର୍ମର ଦୋଷରେ ଆମେ ନିଜେ ହିଁ ଦୁଷ୍ଟ । ଏହାର ପ୍ରାମାଣିକ ସତ୍ୟତା ସର୍ବଦା ସର୍ବଥା ପରିଦୃଷ୍ଟ ।

ବିଗତ ଶତାବ୍ଦୀ ଶତାବ୍ଦୀ ଧରି ଆମ ଚତୁଃପାର୍ଶ୍ୱସ୍ଥ ପରିବେଶ ଯେତେ ପ୍ରଦୂଷିତ ହୋଇ ନଥିଲା ଗତ ପଚାଶ ବର୍ଷ ମଧ୍ୟରେ ତାହା ବହୁଭାବରେ ଓ ବହୁମାତ୍ରାରେ ପ୍ରଦୂଷଣର ଶିକାର ହୋଇଛି । ଏବେ ବୁଦ୍ଧିଜୀବୀଗୋଷ୍ଠୀ ସମ୍ମୁଖରେ ଏହା ଏକ ବିରାଟ ସମସ୍ୟା ହୋଇ ଛିଡ଼ା ହେଲାଣି । ଏହି ବିଶ୍ୱ ସମସ୍ୟାକୁ ନେଇ ବିଶ୍ୱର ବହୁ ଚିନ୍ତାଶୀଳ ବ୍ୟକ୍ତି ଏହାର ଆଶୁ ସମାଧାନ ପାଇଁ ଅହର୍ନିଶ ଚିନ୍ତିତ ଓ ଭାରାକ୍ରାନ୍ତ । ବିଶେଷ ଭାବରେ ବାୟୁ, ଜଳ, ଶବ୍ଦ ଓ ମୃତ୍ତିକାରେ ପ୍ରଦୂଷଣ ଏତେ ଅଧିକମାତ୍ରାରେ ଦିନକୁ ଦିନ ଘଟି ଚାଲିଛି ଯେ, ଏହାର ପ୍ରତିରୋଧ ବା ପ୍ରତିକାର ଏକପ୍ରକାର ଅସମ୍ଭବ ହୋଇ ଛିଡ଼ା ହେବାକୁ ଯାଉଛି । ବୈଜ୍ଞାନିକମାନଙ୍କର ଗବେଷଣାଲବ୍ଧ ପରିସଂଖ୍ୟାନରୁ ଜଣାଯାଏ, ଅତି ନିକଟ ଭବିଷ୍ୟତରେ ପ୍ରଦୂଷଣର ମାତ୍ରା ଆୟତ୍ତ ବାହାରକୁ ଚାଲିଯିବ ଓ ଭୟାବହ ପ୍ରଦୂଷଣର ପ୍ରତିରୋଧ ସମ୍ପୂର୍ଣ୍ଣ ଅସମ୍ଭବ ହେବା କାରଣରୁ ଏହି ସୁଜଳା ସୁଫଳା ସୁଶସ୍ୟଶ୍ୟାମଳା ପୃଥିବୀ ଏକ ନିଶ୍ଚିତ ମରୁଭୂମିରେ ପରିଣତ ହେବ ।

ମୁଖ୍ୟତଃ ଜଳ, ତେଜ ଓ ବାୟୁ ଏହି ବ୍ରହ୍ମାଣ୍ଡକୁ ଧରି ରଖିଛି । ପିଣ୍ଡକୁ ଧରି ରଖିଛି- ବାତ, ପିତ୍ତ ଓ କଫ । ବାତ କହିଲେ ବାୟୁ ତତ୍ତ୍ୱ, ପିତ୍ତ କହିଲେ ତେଜ ତତ୍ତ୍ୱ ଓ କଫ କହିଲେ ଜଳତତ୍ତ୍ୱକୁ ବୁଝାଇଥାଏ । ଏହି ତ୍ରିତତ୍ତ୍ୱ ମଧ୍ୟରେ ବାୟୁ ତତ୍ତ୍ୱ ମହତ୍ତ୍ୱପୂର୍ଣ୍ଣ । ବାୟୁ ପ୍ରାଣର ଉପାଦାନ । ତେଣୁ ବିଶୁଦ୍ଧ ବାୟୁ ଶୁଦ୍ଧପ୍ରାଣ ଓ ନିରାମୟ ଜୀବନ ପାଇଁ ଏକାନ୍ତ ଅପରିହାର୍ଯ୍ୟ । ଆଧ୍ୟାତ୍ମିକ ସାହିତ୍ୟରେ ବାୟୁର ଶୁଦ୍ଧତା ବ୍ରହ୍ମଙ୍କର ସହାୟତାରେ ହିଁ ସମ୍ଭବ ହୋଇଥାଏ । ପ୍ରାଚୀନ ଆଧ୍ୟାତ୍ମିକ ବ୍ୟାକରଣଗତ ଜ୍ଞାନରେ ଶବ୍ଦ ହିଁ ବ୍ରହ୍ମ । ଶବ୍ଦ ଆକାଶର ଗୁଣ

ଅଟେ । ଆକାଶ ଅତୀବ ସୂକ୍ଷ୍ମ ତତ୍ତ୍ୱ ଏବଂ ତହିଁରେ ବାୟୁର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆମେ ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ପୃଥିବୀର କୋଣ ଅନୁକୋଣରେ ନାନା ପ୍ରକାର ଶବ୍ଦ କରୁଅଛୁଁ । ଏହି ଶବ୍ଦର ଧ୍ୱନି ବାୟୁମଣ୍ଡଳରେ ପ୍ରତିଧ୍ୱନି ସୃଷ୍ଟି କରୁଅଛି ଓ ବାୟୁ ତରଙ୍ଗରେ ଭାସି ବୁଲୁଛି । ଶବ୍ଦର ଏ ଧ୍ୱନି ଓ ପ୍ରତିଧ୍ୱନି ସୂକ୍ଷ୍ମ ଆକାଶ ତତ୍ତ୍ୱରେ ପ୍ରଭାବ ପକାଇଥାଏ । ଯେକୌଣସି ଶବ୍ଦର ଉତ୍କଟତା ଓ ବ୍ୟାପକତା ଉପରେ ଆକାଶ ତତ୍ତ୍ୱରେ ପ୍ରଭାବର ମାତ୍ରା ନିର୍ଭର କରିଥାଏ । ସୁମଧୁର ନାଦ ବା ଶବ୍ଦର ଧ୍ୱନି ଆକାଶକୁ ଶାନ୍ତ କରେ । ଉତ୍କଟ ବିକୃତ ଶବ୍ଦର ଧ୍ୱନି ଓ ପ୍ରତିଧ୍ୱନି ସେହିପରି ଆକାଶକୁ ଅଶାନ୍ତ ଏବଂ ବିକ୍ଷୁବ୍ଧ କରିଥାଏ ।

ବର୍ତ୍ତମାନ ସମୟରେ ରେଳ, ମୋଟର, ଉଡ଼ାଜାହାଜ ପରି ଯାନ୍ତ୍ରିକଯାନ ସକଳର ଅହର୍ନିଶ ଚଳପ୍ରଚଳ ଜନିତ ଉତ୍କଟ ଶବ୍ଦ, ଲାଉଡ଼ସ୍ପିକର ପରି ବିଭିନ୍ନ ଯନ୍ତ୍ରରୁ ସୃଷ୍ଟି ହେଉଥିବା ଭୀଷଣ ଶବ୍ଦ, ବିଭିନ୍ନ ସ୍ଥାନରେ ବିଭିନ୍ନ କାରଣ ପାଇଁ ଖଞ୍ଜା ଯାଉଥିବା ସତର୍କ ଘଣ୍ଟି (ସାଇରନ୍) ଆଦିର କାନଫଟା ଧ୍ୱନି ଆମ ପରିବେଶକୁ ମାତ୍ରାଧିକ ଶବ୍ଦପ୍ରଦୂଷଣରେ ପ୍ରଦୂଷିତ କରୁଅଛି । ଫଳରେ ବାୟୁମଣ୍ଡଳ ଓ ଆକାଶମଣ୍ଡଳ ବିକ୍ଷୁବ୍ଧ ଏବଂ ଅଶାନ୍ତ ହୋଇ ଦୀର୍ଘସମୟ ପର୍ଯ୍ୟନ୍ତ ରହୁଛନ୍ତି । ଏହାର କୁ ପ୍ରଭାବରୁ ତମଗୁଣ ଓ ରଜଗୁଣ ମାତ୍ରାଧିକ ଭାବରେ ବୃଦ୍ଧି ପାଇବାରେ ଲାଗିଛି । ପୁନଶ୍ଚ ଏହାର କୁଫଳରୁ ନାନା ବ୍ୟାଧିର ସୃଷ୍ଟି ହେଉଛି । ଏପରିକି ସୁସନ୍ତାନମାନଙ୍କର ସଂଖ୍ୟା ଯଥେଷ୍ଟ ସଂଖ୍ୟାରେ ହ୍ରାସ ପାଉଛି । ମାନସିକ ବିକାରଗ୍ରସ୍ତ ମଣିଷମାନଙ୍କର ସଂଖ୍ୟା ପୃଥିବୀର ପ୍ରାୟ ସବୁ ଦେଶରେ ଆଶାତୀତ ଭାବରେ ବୃଦ୍ଧିପାଉଛି । ତମ ଓ ରଜ ଗୁଣର ପ୍ରଭାବରୁ ବହୁ ସଂଖ୍ୟକ ଲୋକଙ୍କର ଧୀଶକ୍ତି କ୍ରମଶଃ ହ୍ରାସ ପାଇଯାଉଛି, ଧୀମାନ ସନ୍ତାନସନ୍ତତି ଜନ୍ମ ହେଉନାହାନ୍ତି । ପୁଣି ମଣିଷମାନଙ୍କଠାରେ ଅସହିଷ୍ଣୁତା, ଧୈର୍ଯ୍ୟହୀନତା, ଈର୍ଷା, ହିଂସା, ଘୃଣା, ଅବିଶ୍ୱାସ, କପଟତା, ଛଳନା, ମିଥ୍ୟାଚାର ଆଦି ସକଳ ଅସତ୍ ପ୍ରକୃତି ଓ ପ୍ରବୃତ୍ତି ବହୁଳ ଭାବରେ ପରିଲକ୍ଷିତ ହେଉଛି । ଏହିପରି ଉତ୍କଟ ଶବ୍ଦ ପ୍ରଦୂଷଣରୁ ସତ୍ତ୍ୱଗୁଣର ବିକାଶ ସମ୍ଭବ ହୋଇପାରୁନାହିଁ । ଫଳରେ ଲୋକଙ୍କ ଠାରେ ମାତ୍ରାଧିକ ଭାବରେ ଆଳସ୍ୟ ପରାୟଣତା, କର୍ମବିମୁଖତା, ପ୍ରତିକ୍ଷେତ୍ରରେ ଅନାବଶ୍ୟକ ପ୍ରତିଯୋଗିତା, ଅସତ୍ୟତା, ଠକାମି, ଭଣ୍ଡାମି, ଚୌର୍ଯ୍ୟବୃତ୍ତି ଆଦି ସକଳପ୍ରକାର ଅମାନବିକତା ଆଶାତୀତ ଭାବରେ ବହୁଳ ପରିମାଣରେ ପରିଦୃଷ୍ଟ ହେଉଅଛି ।

ଅନ୍ୟ ପକ୍ଷରେ ସୁମଧୁର, ସୁଶାନ୍ତଧ୍ୱନି ଓ ପ୍ରତିଧ୍ୱନି ଆକାଶ ଓ ବାୟୁ ତତ୍ତ୍ୱଦ୍ୱୟକୁ ବିକ୍ଷୁବ୍ଧତାରୁ ରକ୍ଷାକରି ଶାନ୍ତ କରେ । ସୁମଧୁର ସୁଲଳିତ ନାମ ସଂକୀର୍ତ୍ତନ ଦ୍ୱାରା ନାଦବ୍ରହ୍ମ ଓ ଶବ୍ଦବ୍ରହ୍ମର ସୁଶାନ୍ତ ଧ୍ୱନିତରଙ୍ଗ ସୃଷ୍ଟିହୁଏ, ତାହା ସୂକ୍ଷ୍ମ ଆକାଶ ତତ୍ତ୍ୱ ଉପରେ ଯେଉଁ ଦିବ୍ୟପ୍ରଭାବ ବିସ୍ତାର କରେ, ତାହା ଅଚିନ୍ତନୀୟ ଓ ଅନିର୍ବଚନୀୟ । ଆକାଶ ସହିତ ବାୟୁର ସମ୍ପର୍କ ନିବିଡ଼ । ହରିନାମ ସଂକୀର୍ତ୍ତନ ଦ୍ୱାରା ବାୟୁ ତରଙ୍ଗ ଆକାଶକୁ ପ୍ରଭାବିତ କରେ । ସୁଲଳିତ ମହାମନ୍ତ୍ର ସଂକୀର୍ତ୍ତନର ଦିବ୍ୟ ମଧୁର ଧ୍ୱନିର ପ୍ରଭାବ ସୁଦୂରପ୍ରସାରୀ ଓ ବହୁକ୍ଷଣସ୍ଥାୟୀ । ଏହା ସମଗ୍ର ବିଶ୍ୱବିତାନରେ ପରିବ୍ୟାପ୍ତ ହୋଇ ବ୍ରହ୍ମାଣ୍ଡରେ ବ୍ୟାପିଥିବା ତମ ଓ ରଜ ଗୁଣଦ୍ୱୟକୁ ମଧ ଶାନ୍ତ କରି ପରିବେଶକୁ ବହୁଭାବରେ ଓ ବହୁମାତ୍ରାରେ ଦିବ୍ୟ ସତ୍ତ୍ୱଗୁଣର ପ୍ରକାଶରେ ଉଦ୍ଭାସିତ କରିଥାଏ । ଏହି କାରଣରୁ ପରମପୁରୁଷ ଚରମାବତାର ଠାକୁରେ କ୍ଷିତିଜ୍ୟୋତିଃ

ଆଶ୍ରମରେ ଦିବାରାତ୍ର ଚବିଶଘଣ୍ଟା ଅଖଣ୍ଡ ମହାମନ୍ତ୍ର ସଂକୀର୍ତ୍ତନ କରିବା ପାଇଁ ଆଶ୍ରମ ଅନ୍ତେବାସୀ ନାମାଚାରୀମାନଙ୍କୁ ପରାମର୍ଶ ଦେଇଅଛନ୍ତି ଓ ପ୍ରଭୁଙ୍କର ପରାମର୍ଶ ଅନୁସାରେ ବର୍ଷବର୍ଷ ଧରି ଆଠକାଳ ବାରମାସ ଚବିଶଘଣ୍ଟା ଅଖଣ୍ଡ ହରିନାମ ସଂକୀର୍ତ୍ତନ ଚାଲୁ ରହିଅଛି ।

ସୂର୍ଯ୍ୟୋଦୟରେ ରାତ୍ରିର ଅନ୍ଧକାରର ଲେଶମାତ୍ର ଯେପରି ଅବଶିଷ୍ଟ ରହେ ନାହିଁ, ଠିକ୍ ସେହିପରି ସୁମଧୁର ସୁଲଳିତ ମହାମନ୍ତ୍ର ସଂକୀର୍ତ୍ତନର ଦିବ୍ୟ ଧ୍ୱନିରେ ପରିବେଶ ପ୍ରଦୂଷଣମୁକ୍ତ ହୋଇଥାଏ । ସଂକୀର୍ତ୍ତନ ଧ୍ୱନିର ଶକ୍ତି ଓ ପ୍ରଭାବ ବ୍ୟାପକ । ଏହାଦ୍ୱାରା ବାୟୁ, ଆକାଶ, ଜଳ, ଦେଶ, କାଳ ଓ ପାତ୍ର ସକଳ ସ୍ୱତଃ ବିଶୁଦ୍ଧ ହୋଇଯାଆନ୍ତି । ପ୍ରଦୂଷଣମୁକ୍ତ ବିଶୁଦ୍ଧ ପରିବେଶ ଆଧାତ୍ମିକ ବିକାଶ ଓ ଆତ୍ମୋନ୍ନୟନର ପଥ ସୁଗମ ଓ ସହଜ କରେ । ଏହା ତମ ଓ ରଜ ଗୁଣକୁ ବିକ୍ଷୁବ୍ଧ ଅବସ୍ଥାରୁ ଶାନ୍ତ ଅବସ୍ଥାକୁ ଆଣିବା ସହିତ ସତ୍ତ୍ୱଗୁଣର ବିକାଶ ଓ ପ୍ରକାଶରେ ସହାୟତା କରେ । ଆଧିଭୌତିକ, ଆଧିଦୈବିକ ଓ ଆଧାତ୍ମିକ - ଏହି ତ୍ରିତାପରେ ସତତ ଦଗ୍ଧଜର୍ଜ୍ଜରିତ ମଣିଷ ମହାମନ୍ତ୍ର ସଂକୀର୍ତ୍ତନ କଲେ ବା ଶ୍ରବଣ କଲେ ପରମ ଆନନ୍ଦ ଓ ଶାନ୍ତି ଲାଭ କରେ । କଥିତ ଅଛି - ହରିନାମ ସଂକୀର୍ତ୍ତନରେ ଯେତେ ପରିମାଣରେ ପାପ କ୍ଷୟହୁଏ, ପାପୀ ସେତେ ପାପ ତା'ଜୀବନରେ କରିବାକୁ ସମର୍ଥ ହୋଇପାରେ ନାହିଁ । ହରିନାମ ସଂକୀର୍ତ୍ତନରୁ ଅଧର୍ମ ବିନାଶ ହୋଇ ସୃଷ୍ଟି ଧ୍ୱଂସମୁଖରୁ ରକ୍ଷାପାଏ । ସତ୍ୟଯୁଗରେ ତପ, ତ୍ରେତୟାରେ ଜପ, ଦ୍ୱାପରରେ ଯାଗ ଓ କଳିକାଳରେ ନାମ ସଂକୀର୍ତ୍ତନ ଦ୍ୱାରା ହିଁ ଭଗବତ୍ ପ୍ରାପ୍ତି ଓ ଆତ୍ମୋପଲବ୍ଧି ସମ୍ଭବ ହୁଏ ।

କଳିଯୁଗରେ ପ୍ରଭୁନାମ ସଂକୀର୍ତ୍ତନ ଦ୍ୱାରା ପ୍ରଭୁଙ୍କର କୃପା, କରୁଣା ଓ କଲ୍ୟାଣ ଲାଭ କରାଯାଇ ପାରେ । ଏହା ସକଳ ପ୍ରକାର ଆଧିବ୍ୟାଧିର ମହୌଷଧି । ଏହାଦ୍ୱାରା ପରିବେଶ ଶାନ୍ତ, ସୁଷମ, ପବିତ୍ର ଓ ବିଶୁଦ୍ଧ ହୋଇଥାଏ । ଉଚ୍ଚ ସ୍ୱରରେ ମହାମନ୍ତ୍ର ସଂକୀର୍ତ୍ତନ କରିବା ଦ୍ୱାରା ସଂକୀର୍ତ୍ତକ ତଥା ଶ୍ରୋତାର ପ୍ରକୃତ ହିତ ସାଧିତ ହେବା ସହିତ ଜଗତର ଅଶେଷ କଲ୍ୟାଣ ମଧ୍ୟ ସାଧିତ ହୁଏ ।

ମହାମନ୍ତ୍ର ସଂକୀର୍ତ୍ତନ ଭାବ ଭକ୍ତିର ସହିତ ତାଳ ଓ ସ୍ୱର ରକ୍ଷାକରି ଉଚ୍ଚ ତାନରେ ଗାନ କଲେ ଶରୀରର ସମସ୍ତ କୋଷରୁ ପାପ (ବିଷ) ଶରୀର ମଧ୍ୟରୁ ବାହାରକୁ ସ୍ୱତଃ ବାହାରି ଆସି ଶରୀରକୁ ପାପମୁକ୍ତ ଓ ବିଷଶୂନ୍ୟ କରିଦେଇଥାଏ ।

ବିଧିବଦ୍ଧ ଭାବରେ ନିୟମିତ ଯଥା ସମୟରେ ପ୍ରାତଃ କାଳ ଓ ସାୟଂକାଳରେ ମହାମନ୍ତ୍ର ସଂକୀର୍ତ୍ତନ କଲେ ବିଶୁଦ୍ଧ ପ୍ରାଣବାୟୁ (ପ୍ରାଣ, ଉଦାନ, ସମାନ, ବ୍ୟାନ ଓ ଅପାନ) ଦେହ ଓ ମନକୁ ଶୁଚିମନ୍ତ, ଶୁଦ୍ଧ ପବିତ୍ର, ସ୍ନିଗ୍ଧ, ରୋଗଶୂନ୍ୟ ଓ ପାପମୁକ୍ତ କରିଦିଏ ।

ସ୍ୱର ଓ ତାଳ ଭଙ୍ଗ ନକରି ଉଚ୍ଚକଣ୍ଠରେ ମହାମନ୍ତ୍ର ଦୀର୍ଘ ସମୟଧରି ଗାନକଲେ, ଅତି ସହଜ ସରଳ ଭାବରେ ଗାୟକର ଅଜାଣତରେ ପ୍ରାଣାୟାମ (ପୂରକ, ସ୍ତମ୍ଭକ, ରେଚକ) କ୍ରିୟା ହୋଇଥାଏ । ଏହାଦ୍ୱାରା କ୍ଷୟମାନ ଆୟୁ କ୍ଷୟ ନହୋଇ ସଞ୍ଚିତ ହୋଇ ରହେ ଓ ଆୟୁଷ ବୃଦ୍ଧିପାଏ ।

ତାଳ, ମାନ, ଲୟ ଓ ସ୍ୱର ଭଙ୍ଗ ନକରି ମହାମନ୍ତ୍ର ସଂକୀର୍ତ୍ତନ କଲେ ଅଶ୍ରୁ, ସ୍ୱେଦ, କମ୍ପନ, ପୁଲକ, ମୂର୍ଚ୍ଛାଦି ପ୍ରେମଭାବର ସୃଷ୍ଟି ହୁଏ । ଏହା ଫଳରେ ଶାରୀରିକ ତଥା ମାନସିକ ବିଭିନ୍ନ ରୋଗରୁ ସହଜରେ ମୁକ୍ତି ମିଳିଥାଏ ।

ମହାମନ୍ତ୍ର ଓ ଶଙ୍ଖଧ୍ୱନିର ମିଳିତ ତରଙ୍ଗରୁ ନାଦବ୍ରହ୍ମ ସୃଷ୍ଟି ହୋଇଥାଏ । ଏହି ନାଦବ୍ରହ୍ମର ମହାଶକ୍ତି ଅବର୍ଣ୍ଣନୀୟ ଅଟେ । ଯେଉଁ ସ୍ଥାନରେ ଉକ୍ତ ମହାଶକ୍ତିର ଉତ୍ପନ୍ନ ହୁଏ, ତାହାର ପ୍ରଭାବ ସେହି ସ୍ଥାନର ଅନ୍ତଃ ତଥା ବାହ୍ୟ ପରିବେଶ ଶକ୍ତିର ତରଙ୍ଗରେ ତରଙ୍ଗାୟିତ ହୋଇଯାଏ । ଯେତେଦୂର ପର୍ଯ୍ୟନ୍ତ ତରଙ୍ଗାୟିତ ନାଦବ୍ରହ୍ମ ପ୍ରସାରିତ ହୁଏ ସେତେଦୂର ପର୍ଯ୍ୟନ୍ତ ଆପଦ, ବିପଦ, ସଙ୍କଟ, ପାପ, ଭୟାଦି ଅପସରିଯାଏ ଏବଂ ଜନସମାଜରେ ଅଶେଷ କଲ୍ୟାଣ ଓ ମଙ୍ଗଳ ସାଧନ କରିଥାଏ ।

ଶବ୍ଦ ବ୍ରହ୍ମର ଦିବ୍ୟଧ୍ୱନି ସହିତ ମହାମନ୍ତ୍ରର ସଂକୀର୍ତ୍ତନର ସୁଲଳିତ ନାଦ ବାୟୁ ତରଙ୍ଗରେ ବହୁଦୂର ପର୍ଯ୍ୟନ୍ତ ପ୍ରସାରିତ ହୋଇ ଏକ ବିସ୍ତୃତ ଅଥଚ୍ ସୀମିତ ଅଞ୍ଚଳର ବାୟୁମଣ୍ଡଳକୁ ରୋଗଜୀବାଣୁ ମୁକ୍ତ କରେ ଏବଂ ପରିବେଶକୁ ପ୍ରଦୂଷଣମୁକ୍ତ କରି ବିଶୁଦ୍ଧ କରିଥାଏ ।

ଏ ସୃଷ୍ଟିକୁ ନାନା ପ୍ରକାର ପ୍ରାକୃତିକ ବିପର୍ଯ୍ୟୟରୁ ଏବଂ ଜୀବଜଗତ ତଥା ମାନବ ସମାଜକୁ ଧ୍ୱଂସ ମୁଖରୁ ରକ୍ଷା କରିବା ପାଇଁ ଏକ ସୁରକ୍ଷାବଳୟ ନିର୍ମାଣ ଉଦ୍ଦେଶ୍ୟରେ ପରମ କାରୁଣିକ ଭଗବାନ ଠାକୁର ଆଶ୍ରମରେ ଅଖଣ୍ଡ ମହାମନ୍ତ୍ର ସଂକୀର୍ତ୍ତନ ଏବଂ ପ୍ରତିଶାଖାରେ ସଞ୍ଜେ ସକାଳେ/ଶାଖାବାଡିରେ ସଂଧ୍ୟାରେ ଏକ ନିର୍ଦ୍ଦିଷ୍ଟ ସମୟପାଇଁ ମହାମନ୍ତ୍ର ସଂକୀର୍ତ୍ତନ ପ୍ରବର୍ତ୍ତନ କରିଅଛନ୍ତି । ଆସନ୍ତୁ, ଆମେ ଆମ ନିଜନିଜର ଘର ପରିବାରରେ ଦୈନିକ ସକାଳେ ଓ ସଂଧ୍ୟାରେ ଉଚ୍ଚରୋଳରେ ମହାମନ୍ତ୍ର ସଂକୀର୍ତ୍ତନ ଆରମ୍ଭ କରି ମହାମନ୍ତ୍ରର ସେହି ମହାଯଜ୍ଞରେ ନିଜକୁ ଆହୁତି ଦେବା ॥

ଓଁ ବିଶ୍ୱଗୁରୁ ପରମାତ୍ମନେ ନମଃ !!!

ଦେଖାଇ ହୋଇଲୁ ପରମ ଶିଷ୍ୟ
ଅନ୍ତରରେ ତିଳେ ନାହିଁ ସାହସ
ରଖିଥା'ନ୍ତୁ ଯଦି ଗୁରୁ ଆଦର୍ଶ
ହୁଅନ୍ତୁ କି ପରିସ୍ଥିତିର ଦାସ ?
ଗଲା କେଣେ ପ୍ରତିଶ୍ରୁତି
ସନାତନ ଧର୍ମ ଯୁଦ୍ଧରେ ମୁଁ ତୋତେ କରିଥିଲି ମୋ ସାରଥି !

# ଶ୍ରୀମନ୍ଦିର

ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!!


## ଅଚ୍ୟୁତଙ୍କ ଲେଖନୀରୁ

## ଯେକାକ୍ଷର ଗୀତାରୁ ଉଦ୍ଧୃତ :

## ଅଚ୍ୟୁତ ଗୀତ

ଶୁଣ ଆହେ ରାମଦାସ ମନ୍ତ୍ରଙ୍କର ମୂଳ
ଅଣାକ୍ଷରେ ପଞ୍ଚମନ୍ତ୍ର ହୁଅନ୍ତି ଯେ ମେଳ ।୧।
ଅଣାକ୍ଷର ଯେକାକ୍ଷର ଶ୍ୟାମ ପଞ୍ଚାକ୍ଷର
ତାରକ ଯେ ହରେ ରାମ କୃଷ୍ଣ ମନ୍ତ୍ରସାର ।୨।
ଅନନ୍ତ ଯୁଗର ମନ୍ତ୍ର ଅଟେ ଅଣାକ୍ଷର
ସତ୍ୟଯୁଗେ ଯେକାକ୍ଷର ମନ୍ତ୍ର ଅଟେ ସାର ।୩।
ତ୍ରିତୟା ଯୁଗର ମନ୍ତ୍ର ଅଟଇ ତାରକ
ଦ୍ୱାପର ଯୁଗରେ ଶ୍ୟାମ ପଞ୍ଚାକ୍ଷର ଜପ ।୪।
କଳିଯୁଗେ ହରେ ରାମ ଷୋଳନାମ ହୋଇ
ସବୁମନ୍ତ୍ର ମାନ ସେହି ଗର୍ଭରେ ସମଇ ।୫।
ଷୋଳ ନାମୁଁ ତିନି ନାମ କଳିରେ ପ୍ରଚାର
ଚଇତନ ଠାକୁରେ ତାହା କଲେକ ବାହାର ।୬।
ହରେକୃଷ୍ଣ ମହାମନ୍ତ୍ର ସଂସାରେ କହିଲେ
ତେର ନାମ ଲୁଚାଇଣ ଗୋପ୍ୟାନେ ରଖିଲେ ।୭।
ଶ୍ୟାମ ପଞ୍ଚାକ୍ଷର କଲେ ଅଠର ଅକ୍ଷର
ବ୍ରହ୍ମାପୁଣି ନିଗମରୁ କଲେକ ବାହାର ।୮।
ତାରକ ମନ୍ତ୍ରରୁ କଲେ ଗାୟତିରୀ ଆଠ
ଯେକାକ୍ଷରୁଁ ନାରାୟେଣ ମନ୍ତ୍ର କଲେ ପାଠ ।୯।
ସେ ଅଣଅକ୍ଷର ସବୁ ମନ୍ତ୍ରଙ୍କର ମୂଳ
ତାରକ ଯେ ଯେକାକ୍ଷର ଶ୍ୟାମହେଲେ ଡାଳ ।୧୦।
ଯେ ମନ୍ତ୍ର ଯେ ସବୁ ମନ୍ତ୍ର ତାଳ ଶାଖା ଜାଣ
ହେଜାଇ କହଇ ଯେବେ ଅଚ୍ୟୁତ ଅଗ୍ୟାଂନ ।୧୧।

***



# ପୁରାଣ ପୁଷ୍କର

## ଗଳ୍ପାଂଶ

## ଦନୁସୁତ - କବନ୍ଧ

ରାମଲକ୍ଷ୍ମଣ ସୀତାଙ୍କୁ ଖୋଜିବା ପାଇଁ ପଶ୍ଚିମ ଦିଗକୁ କିଛିଦୂର ଯିବା ପରେ ପୁଣି ଦକ୍ଷିଣ ଦିଗକୁ ଗଲେ । ଜନବସତି ଠାରୁ ତିନିକୋଶ ଯିବାପରେ କ୍ରୌଞ୍ଚାରଣ୍ୟ ନାମକ ଘନ ଜଙ୍ଗଲରେ ପ୍ରବେଶ କଲେ । ମଧ୍ୟେମଧ୍ୟେ ସେମାନେ ବିଶ୍ରାମ କରୁଥିଲେ । ଅରଣ୍ୟ ମଧ୍ୟରେ ତିନିକୋଶ ଯିବାପରେ ମାତଙ୍ଗାଶ୍ରମରେ ପ୍ରବେଶ କଲେ । ବାଟ ଖୋଜି ଖୋଜି ଯାଉ ଯାଉ ସେମାନେ ପାତାଳ ସଦୃଶ ଗଭୀର ଗୋଟିଏ ଅନ୍ଧକାରାଚ୍ଛନ୍ନ ଗିରି ଗହ୍ୱର ଦେଖିବାକୁ ପାଇଲେ । ଏହି ସମୟରେ ଗୋଟିଏ ବୀଭତ୍ସ, ଲମ୍ବୋଦରା, ବିକୃତବଦନା, ତୀକ୍ଷ୍ଣଦନ୍ତଯୁକ୍ତା ଭୀଷଣାକୃତି ରାକ୍ଷସୀ ସେଠାରେ ପହଞ୍ଚି ରାମ ଲକ୍ଷ୍ମଣଙ୍କୁ ଦେଖି ଆଗରେ ଥିବା ଲକ୍ଷ୍ମଣଙ୍କୁ ଆଲିଙ୍ଗନ କରି କହିଲା - ମୋ ନାମ ଅୟୋମୁଖୀ । ତୁମେ ମୋର ପ୍ରିୟ ପତି ହେଲ । ତାଲ, ପର୍ବତ ଶିଖର ଓ ନଦୀପୁଳିନମାନଙ୍କରେ ମୋ ସହିତ ବିହାର କରିବ । ଲକ୍ଷ୍ମଣ ଅତ୍ୟନ୍ତ କ୍ରୁଦ୍ଧ ହୋଇ ଖଡ୍‌ଗାଘାତରେ ରାକ୍ଷସୀର ନାସାକର୍ଣ୍ଣ ଓ ସ୍ତନଦ୍ୱୟ ଛେଦନ କଲେ । ରାକ୍ଷସୀ ଭୟଙ୍କର ଚିତ୍କାର କରି ଘନ ଅରଣ୍ୟ ମଧ୍ୟରେ ପଶିଗଲା ।

ବେଗରେ ଯାଇ ରାମଲକ୍ଷ୍ମଣ ପୁଣି ଏକ ଗହନ ବନ ମଧ୍ୟରେ ପ୍ରବେଶ କଲେ । ଲକ୍ଷ୍ମଣ କହିଲେ - ମୋର ବାମବାହୁ ସ୍ପନ୍ଦିତ ଓ ମନ ଉଦ୍‌ବିଗ୍ନ ହେଉଛି ଏବଂ ଅନିଷ୍ଟକାରୀ ଲକ୍ଷଣମାନ ମୁଁ ଦେଖିପାରୁଛି । ତେଣୁ ଆସନ୍ନ ବିପଦପ୍ରତି ଆମେ ପ୍ରସ୍ତୁତ ହୋଇ ରହିବା । କିନ୍ତୁ ଗୋଟିଏ ନିଦାରୁଣ ବଞ୍ଜୁଳକ ପକ୍ଷୀ ଯେପରି ରାବୁଛି, ସେଥିରୁ ଜଣାଯାଏ ଯେ, ଯୁଦ୍ଧରେ ଆମର ବିଜୟ ନିଶ୍ଚିତ । ଏହି ସମୟରେ ପ୍ରଚଣ୍ଡ ପ୍ରଭଞ୍ଜନରେ ବନ ଓ ଆକାଶ ଆଚ୍ଛାଦିତ ହେଲା । ରାମ ଲକ୍ଷ୍ମଣ ଏହାର କାରଣ ଜାଣିବା ପାଇଁ ଚେଷ୍ଟା କରୁଥିବା ବେଳେ ଏକ ଭୀମକାୟ ବିଶାଳ ରାକ୍ଷସକୁ ଦେଖି ପାରିଲେ । ଗ୍ରୀବାମସ୍ତକ ଓ ଜାନୁହୀନ ସେ ଏକ ଅଦ୍ଭୁତ କବନ୍ଧ ସଦୃଶ ଦେଖାଯାଉଥିଲା । ତା'ର ମୁହଁ ତା' ଉଦରରେ ରହିଥିଲା । ତା'ବକ୍ଷରେ ଏକମାତ୍ର ଚକ୍ଷୁ ଅଗ୍ନିଶିଖା ପରି ପ୍ରଜ୍ୱଳିତ ହେଉଥିଲା । ସେ ନିଜର ଯୋଜନ ପରିମିତ ବାହୁ ଦୁଇଟିକୁ ବିସ୍ତାର କରି ହାତୀ, ସିଂହ, ମୃଗ, ଭଲ୍ଲୁକମାନଙ୍କୁ ବହୁ ସଂଖ୍ୟାରେ ଧରି ଭକ୍ଷଣ କରୁଥିଲା । କୋଶେ ଦୂରରୁ ସେ ତା'ର ବାହୁଦ୍ୱୟକୁ ପ୍ରସାରିତ କରି ରାମ ଲକ୍ଷ୍ମଣଙ୍କୁ ବଳପୂର୍ବକ ଧରି ପକାଇ ପୀଡ଼ା ଦେବାକୁ ଲାଗିଲା । ରାକ୍ଷସ

ଦ୍ୱାରା ଭୀଷଣ ଭାବରେ ପୀଡ଼ିତ ହୋଇ ସେ ଦୁଇଭାଇ ବିବଶ ହୋଇ ପଡ଼ିଲେ । ରାମ ଧୀର ଏବଂ ବୀର । ତେଣୁ ସେ ଯଥାଶୀଘ୍ର ନିଜକୁ ସଂଯତ କରିନେଲେ । କିନ୍ତୁ ଲକ୍ଷ୍ମଣ ବ୍ୟାକୁଳ ହୋଇ କହିଲେ - ଭାଇ ! ରାକ୍ଷସ ମୋତେ କବଳିତ କରି ଭୀଷଣ ପୀଡ଼ା ଦେଉଛି । ମୋତେ ବଳି ସ୍ୱରୂପ ଛାଡ଼ିଦେଇ ତୁମେ ନିଜେ ମୁକ୍ତହୋଇ ଚାଲିଯାଅ । ଅଚିରେ ବୈଦେହୀଙ୍କୁ ମୁକ୍ତ କରି ପିତୃରାଜ୍ୟ ଭୋଗକର । କିନ୍ତୁ ମନେରଖ, ମୁଁ ଯେପରି ତୁମ ସ୍ମୃତି ପଟରୁ ଲୁଚି ନଯାଏ । ଏହା ଶୁଣି ରାମ କହିଲେ - ବୀର ଲକ୍ଷ୍ମଣ ! ତୁମ ପରି ବ୍ୟକ୍ତି ପକ୍ଷରେ ଏପରି ଭୟ ଓ ବିଷାଦ ଶୋଭା ପାଏ ନାହିଁ, ଶୋଭା ମଧ ପାଉନାହିଁ ।

ଏହି ସମୟରେ କବନ୍ଧ ପଚାରିଲା - ବୃଷ ପରି କାନ୍ଧଥିବା ଧନୁଶର ଧରିଥିବା ତୁମେ ଦୁଇଜଣ କିଏ? କାହିଁକି ଏ ମହାବନରେ ବିଚରଣ କରୁଛ ? ମୁଁ କ୍ଷୁଧାର୍ତ୍ତ । ମୋ ମୁହଁରୁ ତୁମେ ବର୍ତ୍ତିଯାଇ ପାରିବ ନାହିଁ । ଲକ୍ଷ୍ମଣ ରାମଙ୍କୁ କହିଲେ - ଏ ରାକ୍ଷସର ଏକମାତ୍ର ବଳ ହେଉଛି ବାହୁବଳ । ଏହାର ବିଶାଳ ବାହୁଦ୍ୱୟ ଶୀଘ୍ର ଛେଦନ କରାଯିବା ଉଚିତ । ଏହାଶୁଣି କ୍ରୁଦ୍ଧ ରାକ୍ଷସ ନିଜ ଭୟଙ୍କର ମୁହଁ ମେଲାକରି ସେମାନଙ୍କୁ ଗିଳିଦେବା ପାଇଁ ବାହାରିଲା । ଅପେକ୍ଷା ନକରି ରାମ ତା'ର ଦକ୍ଷିଣ ବାହୁ ଓ ଲକ୍ଷ୍ମଣ ବାମ ବାହୁକୁ ଖଡ୍ଗାଘାତରେ ଛେଦନ କଲେ । ବାହୁଛିନ୍ନ ରାକ୍ଷସ ବନଭୂମି କମ୍ପାଇ ଭୂତଳଶାୟୀ ହେଲା । ଭୂପତିତ ରାକ୍ଷସ ରାମଲକ୍ଷ୍ମଣଙ୍କ ପରିଚୟ ପାଇବା ପରେ ହୃଷ୍ଟ ଚିତ୍ତରେ କହିଲା - ତୁମେ ଦୁହେଁ ମୋର ବାହୁ ଛେଦନ କରିଥିବାରୁ ମୁଁ ତୁମକୁ ସ୍ୱାଗତ କରୁଅଛି । ଅତୀତରେ ଦିନେ ସୂର୍ଯ୍ୟ, ଚନ୍ଦ୍ର, ଇନ୍ଦ୍ରଙ୍କ ପରି ମୋ ଶରୀର ମଧ ଅତି ସୁନ୍ଦର ଓ ବଳବାନ ଥିଲା । କିନ୍ତୁ ମୁଁ ରାକ୍ଷସରୂପରେ ବନବାସୀ ଋଷିମାନଙ୍କୁ ଭୟଭୀତ ଓ ପୀଡ଼ିତ କରୁଥିବାରୁ ସେମାନେ ମୋ ଉପରେ ଅସନ୍ତୁଷ୍ଟ ହେଲେ । ଥରେ ସ୍ଥୂଳଶିରା ନାମକ ଜଣେ ମହର୍ଷି ବିବିଧ ବନ୍ୟଜାତ ଫଳମୂଳ ସମିଧାଦି ସଂଗ୍ରହ କରୁଥିବା ବେଳେ ମୁଁ ତାଙ୍କୁ ରାକ୍ଷସରୂପରେ ଭୟ ଦେଖାଇଲି । ସେ ଥିଲେ ଯୋଗସିଦ୍ଧ ଅମିତବଳ ତପସ୍ୱୀ । ମୁଁ ତାହା ନଜାଣି ସାଧାରଣ ଋଷି ବୋଲି ମନେକରି ଭୁଲ କରିଦେଲି । ସ୍ଥୂଳଶିରା କ୍ରୁଦ୍ଧହୋଇ ମୋତେ ଅଭିଶାପ ଦେଲେ - ଆରେ ଦୁରାଚାରୀ ! ତୁ ଏପରି କୁତ୍ସିତ ରାକ୍ଷସ ଶରୀର ଓ ରୂପ ସବୁବେଳେ ପାଇଁ ଧାରଣ କରି ରହ । ମୁଁ ଶାପମୁକ୍ତ ହେବାପାଇଁ ବହୁତ ଅନୁନୟ ବିନୟ ହୋଇ ପ୍ରାର୍ଥନା କରିବାରୁ ସେ ପୁଣି କହିଲେ - ରାମ ଯେତେବେଳେ ତୋର ଭୁଜଦୁଇଟିକୁ ଛେଦନ କରି ନିର୍ଜନ ବନରେ ଦଗ୍ଧ କରିବେ, ସେତେବେଳେ ତୁ ଶାପମୁକ୍ତ ହୋଇ ତୋର ପୂର୍ବ ସୁନ୍ଦର ଶରୀର ଓ ରୂପ ଫେରିପାଇବୁ ।

କବନ୍ଧ ପୁଣି କହିଲା - ମହାବାହୁ ଲକ୍ଷ୍ମଣ ! ମୁଁ ଦନୁର ପୁତ୍ର । ଉଗ୍ର ତପସ୍ୟା ଦ୍ୱାରା ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରିବାରୁ ସେ ମୋତେ ଦୀର୍ଘ ଆୟୁ ଦେଇଥିଲେ । ଆୟୁ ଓ ବଳ ଗର୍ବରେ ମୁଁ ଇନ୍ଦ୍ରଙ୍କୁ ଅବଜ୍ଞା କରି ଆକ୍ରମଣ କରିବାରୁ ସେ ବଜ୍ରାଘାତ ଦ୍ୱାରା ମୋତେ ଏପରି ବିକୃତ କରିଦେଲେ ଯେ ମୋର ଦୁଇ ଜଙ୍ଘ, ବେକ ଓ ମସ୍ତକ ଶରୀର ମଧରେ ପଶିଗଲା । ମୁଁ ଦେଖିଲି ଏପରି ବିକୃତ ଆକୃତି ଧରି ବଞ୍ଚିବା ଅପେକ୍ଷା ମୃତ୍ୟୁ ବରଂ ଭଲ । ମୁଁ ତାଙ୍କୁ ମୃତ୍ୟୁ ପ୍ରାର୍ଥନା କରିବାରୁ ସେ କହିଲେ, ''ତୋର ଦୀର୍ଘ ଆୟୁ ପାଇଁ ପିତାମହ ବ୍ରହ୍ମା ବରଦାନ କରିଛନ୍ତି, ତାହା ଅନ୍ୟଥା ହେବ ନାହିଁ ।'' ମୁଁ କହିଲି - ଇନ୍ଦ୍ର ! ମୋର ଜଙ୍ଘ, ମସ୍ତକ ଓ ମୁଖ ଭଗ୍ନ

ହୋଇଛି, ମୁଁ କିପରି ଅନାହାରରେ ଦୀର୍ଘକାଳ ବଞ୍ଚିପାରିବି ? ଇନ୍ଦ୍ର ସଦୟ ହୋଇ ମୋର ବାହୁଯୁଗଳକୁ ଏକଯୋଜନ ଦୀର୍ଘ କରିଦେଲେ ଏବଂ ମୁହଁରେ ତୀକ୍ଷ୍ଣଦନ୍ତ ସବୁ ଖଞ୍ଜିଦେଲେ । ତେଣୁ କବନ୍ଧ ହେଲେ ମଧ ମୋର ଦୀର୍ଘ ବାହୁ ଦ୍ୱାରା ବନଜନ୍ତୁମାନଙ୍କୁ ଧରି ତୀକ୍ଷ୍ଣଦନ୍ତ ସାହାଯ୍ୟରେ ଭକ୍ଷଣ କରେ । ଇନ୍ଦ୍ର ମୋତେ କହିଥିଲେ- ଯେତେବେଳେ ରାମଲକ୍ଷ୍ମଣ ତୋର ବାହୁଦ୍ୱୟ ଛେଦନ କରିବେ, ତୁ ତୋର ପୂର୍ବ ସୁନ୍ଦର ରୂପରେ ସ୍ୱର୍ଗକୁ ଗମନ କରିବୁ । ହେ ରାମ ! ତୁମ ଛଡ଼ା ମୁଁ ସମସ୍ତଙ୍କର ଅବଧ ଥିଲି । ଏବେ ତୁମେ ଅଗ୍ନି ସଂସ୍କାର କରି ମୋତେ ଶାପମୁକ୍ତ କର । ମୁଁ ତୁମକୁ ମିତ୍ର ସଂଗ୍ରହ ପାଇଁ ଯଥାର୍ଥ ପରାମର୍ଶ ଦେଇପାରିବି ।

ରାମ କହିଲେ - କବନ୍ଧ ! ଆମେ ତୁମକୁ ଦଗ୍ଧ କରିବାର ବ୍ୟବସ୍ଥା କରୁଛୁ । କିନ୍ତୁ ଆମେ ଶୋକାର୍ତ୍ତ । ରାକ୍ଷସ ରାବଣ ମୋର ଯଶସ୍ୱିନୀ ପ୍ରିୟପତ୍ନୀଙ୍କୁ ଅପହରଣ କରି ନେଇଛି । ଆମେ ତା' ନାମ ବ୍ୟତୀତ ତା' ବିଷୟରେ କିଛି ବି ଜାଣି ନାହୁଁ । କେବଳ ଅନାଥ ଭାବରେ ବନରୁ ବନ ବିଚରଣ କରୁଛୁ । ତୁମେ ଏ ବିଷୟରେ ପ୍ରକୃତ ତଥ୍ୟ ଦେଇ ଆମର ମଙ୍ଗଳ କର । ରାକ୍ଷସ କହିଲା - ମୋର ଦିବ୍ୟଜ୍ଞାନ ନାହିଁ । ତେଣୁ ସୀତା ବର୍ତ୍ତମାନ କେଉଁଠି ତାହା ମୁଁ କହିପାରିବି ନାହିଁ । ଶାପଗ୍ରସ୍ତ ହେତୁ ମୋର ଶକ୍ତି ମଧ ନଷ୍ଟ ହୋଇଯାଇଛି । ତେଣୁ ସୀତା ଅପହରଣକାରୀ ସେହି ମହାବଳୀ ରାକ୍ଷସ ସମ୍ପର୍କରେ ମୁଁ କିଛି କହିପାରିବି ନାହିଁ । ମୁଁ ଦଗ୍ଧୀଭୂତ ହେବାପରେ ପୂର୍ବ ରୂପ ଫେରି ପାଇ ରାବଣକୁ ଜାଣିଥିବା ବ୍ୟକ୍ତି ସମ୍ପର୍କରେ ତୁମକୁ ସୂଚନା ଦେଇପାରିବି । ସେ ବ୍ୟକ୍ତି ପୂର୍ବେ ପୃଥିବୀ ଭ୍ରମଣ କରିଥିଲେ । ତୁମେ ସେହି ବ୍ୟକ୍ତି ସହିତ ମିତ୍ରତା କଲେ ତାଙ୍କ ସାହାଯ୍ୟରେ ସୀତାଙ୍କୁ ଉଦ୍ଧାର କରିପାରିବ ।

ସୂର୍ଯ୍ୟାସ୍ତ ପୂର୍ବରୁ ରାକ୍ଷସ ଶରୀରକୁ ଦାହ କରିବା ପାଇଁ ରାମଲକ୍ଷ୍ମଣ ଗୋଟିଏ ଗିରିଗର୍ତ୍ତ ଆବିଷ୍କାର କଲେ । ବନହସ୍ତୀମାନଙ୍କ ଦ୍ୱାରା ଭଗ୍ନ ଶୁଷ୍କକାଷ୍ଠ ସଂଗ୍ରହ କରି ଏବଂ ବଡ଼ବଡ଼ ହୁଳାମାନ ଜାଳି ଅଗ୍ନି ସଂଯୋଗକଲେ ଓ କବନ୍ଧ ଶରୀରକୁ ତହିଁରେ ଦଗ୍ଧ କଲେ । ଚିତାଗ୍ନି ମଧ୍ୟରୁ ନିର୍ମଳବସ୍ତ୍ର, ଦିବ୍ୟମାଳା ଓ ନାନା ଅଳଙ୍କାର ଭୂଷିତ ଜଣେ ସୁନ୍ଦର ପୁରୁଷ ଉତ୍‌ଥିତ ହେଲା । ହଂସଯୋଜିତ ଏକ ଦୀପ୍ତିମୟ ବିମାନ ଆରୋହଣ କରି ସେ ଅନ୍ତରୀକ୍ଷକୁ ଉଠିଯାଇ କହିଲା - ତୁମେ ଯେଉଁ ଉପାୟରେ ସୀତାଙ୍କୁ ଲାଭ କରିବ, ତାହା କହୁଛି ଶୁଣ । ସଂସାରରେ ଛଅଟି ଉପାୟ ଅଛି - ସନ୍ଧି, ବିଗ୍ରହ, ଯାନ, ଆସନ, ଦୈଧୀଭାବ ଓ ସମାଶ୍ରୟ । ବର୍ତ୍ତମାନ ତୁମକୁ ଏ ମଧ୍ୟରୁ ଶେଷୋକ୍ତ ଉପାୟ-ସମାଶ୍ରୟକୁ ଅବଲମ୍ବନ କରିବାକୁ ପଡ଼ିବ । ଅର୍ଥାତ୍ ତୁମ ସହିତ ସମଦଶାପନ୍ନ ବ୍ୟକ୍ତି ସହିତ ତୁମେ ଶୀଘ୍ର ମିତ୍ରତା କରିବା ଆବଶ୍ୟକ । ସେହିପରି ଜଣେ ବ୍ୟକ୍ତି ହେଉଛନ୍ତି, ବାନରରାଜ ସୁଗ୍ରୀବ । ସେ ବାଳି ଦ୍ୱାରା ବିତାଡ଼ିତ ହୋଇ ପମ୍ପାସର ତୀରବର୍ତ୍ତୀ ଋଷ୍ୟମୂକ ପର୍ବତରେ ଚାରିଜଣ ବାନରଙ୍କ ସହିତ ବାସ କରୁଅଛନ୍ତି । ସେ ଶୂର, ବୀର, ବିନୟୀ, ବକ୍ତା, ସତ୍ୟ ପ୍ରତିଜ୍ଞ, ଧୀର ଏବଂ ଦକ୍ଷ । ସୀତା ଅନ୍ୱେଷଣରେ ସେ ତୁମର ମିତ୍ର ହୋଇ ତୁମକୁ ସାହାଯ୍ୟ କରିବେ । ତୁମେ ବାନର ଭାବି ତାଙ୍କୁ ଅବଜ୍ଞା କରିବ ନାହିଁ । ସେ କାମରୂପୀ ଓ କୃତଜ୍ଞ । ସେ ପୁଣି ବର୍ତ୍ତମାନ ସାହାଯ୍ୟପ୍ରାର୍ଥୀ । ତୁମେ ଓ ସେ ମିତ୍ରତା ସୂତ୍ରରେ ମିଶିଗଲେ ତାଙ୍କର କାର୍ଯ୍ୟ ସାଧିତ ହେବ । ରାଘବ ! ସୂର୍ଯ୍ୟପୁତ୍ର ସୁଗ୍ରୀବଙ୍କ ସହିତ ଅଗ୍ନିଙ୍କୁ ସାକ୍ଷୀ ରଖି ତୁମେ ମିତ୍ରତା କର । ସେ ନଦୀ, ପର୍ବତ, ଗିରିଦୁର୍ଗମାନ

ବାନରମାନଙ୍କ ସାହାଯ୍ୟରେ ଖୋଜି ତୁମ ପତ୍ନୀଙ୍କୁ ସନ୍ଧାନ କରିପାରିବେ । ଅନିନ୍ଦିତା ସୀତା ମେରୁ ପର୍ବତରେ ଥାଆନ୍ତୁ ବା ପାତାଳରେ ଥାଆନ୍ତୁ ମହାକାୟ ବାନରମାନଙ୍କୁ ଧରି ସୁଗ୍ରୀବ ସେଠାରେ ପ୍ରବେଶ କରିପାରିବେ ଏବଂ ରାକ୍ଷସମାନଙ୍କୁ ନିହତ କରି ତୁମ ପ୍ରିୟାଙ୍କୁ ତୁମ ହସ୍ତରେ ପ୍ରଦାନ କରିବେ ।

କେଉଁ ପଥରେ ଗଲେ ଋଷ୍ୟମୂକ ପର୍ବତ ପଡ଼ିବ, ତାହା ବତାଇ ଦେବାକୁ ଯାଇ ଦିବ୍ୟରୂପ କବନ୍ଧ କହିଲା - ରାମ ! ଆମ୍ୱ, ପଣସ, ଜାମୁ, କେନ୍ଦୁ, ବର, ଅଶ୍ୱତ୍ଥ, କଦମ୍ୱ, ନାଗେଶ୍ୱର, ଆଶୋକ, କନିଅର ଆଦି ଯେଉଁ ସବୁ ଗଛ ପଶ୍ଚିମ ଦିଗରେ ଦେଖୁଛ, ତୁମେ ସେହି ଦିଗକୁ ଯାଅ । ସେଠାରେ ବହୁ ରସଯୁକ୍ତ ମଧୁର ଫଳ ତୁମକୁ ଖାଇବାକୁ ମିଳିବ । ସେଠାରୁ ଗଲେ ନନ୍ଦନବନ ତୁଲ୍ୟ ଆହୁରି ଏକ ସୁନ୍ଦର ବନ ପଡ଼ିବ । ସେଠାରେ ବର୍ଷସାରା ପୁଷ୍ପିତ ତରୁଲତା ଓ ଫଳଭାରରେ ଅବନତ ବୃକ୍ଷମାନ ଦେଖି ପାରିବ । ତାହାର ଅମୃତତୁଲ୍ୟ ଫଳ ସବୁ ଭୋଜନ କରି ଏପରି ଭାବରେ ବନରୁ ବନାନ୍ତର ଗଲେ ତୁମେ ପମ୍ପାସର କୂଳରେ ପହଞ୍ଚିବ । ଏ ସରୋବରରେ ଶୈବାଳ ନାହିଁ । ଏହାର ନିମ୍ନଭାଗ ବାଲୁକାମୟ । କମଳ ଉତ୍ପଳ ଶୋଭିତ ଏହାର ସ୍ୱଚ୍ଛ ସୁନ୍ଦର ଶୀତଳ ଜଳରେ ହଂସ କ୍ରୌଞ୍ଚ ଆଦି ବହୁପକ୍ଷୀ କୂଜନ କରୁଥାଆନ୍ତି । ସେମାନେ ମନୁଷ୍ୟଙ୍କୁ ଦେଖି କେବେ ଭୟ କରନ୍ତି ନାହିଁ । ଘୃତପିଣ୍ଡ ତୁଲ୍ୟ ସେହି ସ୍ଥୂଳକାୟ ପକ୍ଷୀ ତୁମର ଭୋଜନ ପାଇଁ ବେଶ୍ ସ୍ୱାଦୁକର ହେବ । ସେହି ସରରେ ରୋହି, ବେକଟି, ଚିଙ୍ଗୁଡ଼ି ମାଛ ଆଦି ବହୁ ଜାତିଆ ମାଛ ମିଳିବେ । ଲକ୍ଷ୍ମଣ ସେହିସବୁ ଏକକଣ୍ଟିଆ ମାଛମାନଙ୍କୁ ଶରମୁନରେ ମାରି ଓ କାତିଖୋଳ ଛଡ଼ାଇ ନିଆଁରେ ପୋଡ଼ି ତୁମକୁ ଖାଇବାକୁ ଦେବେ । ଭୋଜନପରେ ପମ୍ପାର ନିର୍ମଳ ଜଳ ପଦ୍ମପତ୍ରରେ ଆଣି ତୁମକୁ ପିଇବାକୁ ଦେବେ । ପଦ୍ମଗନ୍ଧଯୁକ୍ତ ଏହାର ସ୍ୱଚ୍ଛଜଳରେ ଆକୃଷ୍ଟ ହୋଇ ପୁଷ୍ପମାଲ୍ୟଧାରୀ ବୃଷଭତୁଲ୍ୟ ବାନରମାନେ ସେଠାରେ ବିଚରଣ କରୁଥିବାର ତୁମେ ଦେଖି ପାରିବ । ପମ୍ପାର ପଶ୍ଚିମ ତୀରରେ ମାତଙ୍ଗ ଋଷିଙ୍କର ଗୋପନୀୟ ଅନୁପମ ଆଶ୍ରମ ତୁମେ ଦେଖିବାକୁ ପାଇବ । ଏହି ଆଶ୍ରମ ମାତଙ୍ଗବନ ନାମରେ ନାମିତ । ଦିନେ ମତଙ୍ଗ ଋଷିଙ୍କର ଶିଷ୍ୟମାନେ ସେଠାରେ ଅତି ସାବଧାନରେ ବାସ କରୁଥିଲେ । ସେମାନଙ୍କ ତପୋଜାତ ସ୍ୱେଦବିନ୍ଦୁ ସକଳ ଭୂତଳରେ ପଡ଼ି ମାଲ୍ୟରୂପେ ପରିଣତ ହୋଇଥିଲା । ଏବେ ମଧ ତାହା ଅମଳିନ ହୋଇ ରହିଛି । ସେମାନେ କିନ୍ତୁ ଆଉ ନାହାନ୍ତି । କିନ୍ତୁ ସେମାନଙ୍କର ସେବାକାରିଣୀ ଶବରୀ ନାମରେ ଜଣେ ଶ୍ରମଣୀ ଏବେ ମଧ ସେଠାରେ ବାସ କରୁଛି । ସେହି ଚିରଞ୍ଜୀବିନୀ ଶବରୀ ସର୍ବଲୋକର ନମସ୍ୟା, ତୁମକୁ ଦର୍ଶନ କରି ସ୍ୱର୍ଗଲୋକକୁ ଯିବ । ସେଥିପାଇଁ ସେ ଅପେକ୍ଷା କରି ରହିଛି । ପମ୍ପାର ସମ୍ମୁଖରେ ପୁଷ୍ପିତ ବୃକ୍ଷପୂର୍ଣ୍ଣ ଋଷ୍ୟମୂକ ପର୍ବତ । ଶିଶୁହସ୍ତୀମାନଙ୍କ ଦ୍ୱାରା ରକ୍ଷିତ ବ୍ରହ୍ମାନିର୍ମିତ ଏହି ପର୍ବତ ଶିଖରରେ ସୁପ୍ତବ୍ୟକ୍ତି ଯଦି ଧନଲାଭର ସ୍ୱପ୍ନଦେଖେ, ସେ ଧନଲାଭ କରେ । ସେହି ଋଷ୍ୟମୂକ ପର୍ବତର ପ୍ରକାଣ୍ଡ ଗୁହାରେ ସୁଗ୍ରୀବ ତାଙ୍କର ଚାରିଜଣ ବାନର ସହଚରଙ୍କ ସହିତ ରହନ୍ତି । ବେଳେବେଳେ ପର୍ବତର ଶିଖର ଦେଶରେ ମଧ ତୁମେ ତାଙ୍କୁ ଦେଖିବାକୁ ପାଇବ ।

ଏହିପରି ଋଷ୍ୟମୂକ ପର୍ବତର ଅବସ୍ଥିତି ଓ ରାମଙ୍କ ଯାତ୍ରା ପଥ ବିଷୟରେ ସବିଶେଷ ବିବରଣୀ ଦେଇ ଜ୍ୟୋତିର୍ମୟ ରୂପଧାରୀ କବନ୍ଧ ଦିବ୍ୟଲୋକ ଗମନ କଲେ ଏବଂ ରାମଲକ୍ଷ୍ମଣ ଋଷ୍ୟମୂକ ଅଭିମୁଖେ ଯାତ୍ରା କଲେ ।

# ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ ମୋହ



ଗୁରୁ ଗ୍ରହଣ କୌଣସି ସୌଖୀନ କଥା ନୁହେଁ । ଗୁରୁ ଗ୍ରହଣ ପୂର୍ବରୁ ଏକଥା ପ୍ରଥମେ ମସ୍ତିଷ୍କରେ ବଦ୍ଧମୂଳ କରିବା ପ୍ରତି ପ୍ରତ୍ୟେକଙ୍କର ଅବଶ୍ୟ କର୍ତ୍ତବ୍ୟ । ଗୁରୁଗ୍ରହଣ କରାଯାଏ କିଛି ଅବିନଶ୍ୱର ଓ ଶାଶ୍ୱତ ବସ୍ତୁ ପ୍ରାପ୍ତି ଲକ୍ଷ୍ୟରେ । ବିଶ୍ୱ ଦୁନିଆରେ ବିଶେଷତଃ ଭାରତ ଦେଶରେ ଗୁରୁ ପରମ୍ପରା ଯୁଗଯୁଗ ଧରି ରହି ଆସିଛି । ଏହାକୁ ଅସ୍ୱୀକାର କରିବାର ଅନ୍ୟ ନାମ ଅଜ୍ଞତା ଓ ମୂର୍ଖତା ବ୍ୟତୀତ ଅନ୍ୟ କିଛି ବି ହୋଇ ନପାରେ ।

ଗୁରୁଙ୍କର ଗୁରୁତ୍ୱ, ଗୁରୁଙ୍କର ମହିମା, ଗୁରୁଙ୍କର ମହତ୍ତ୍ୱ ହିଁ ଗୁରୁଙ୍କୁ କାଳଜୟୀ କରେ । ଗୁରୁ ନିର୍ବାଚନ କରି ଗ୍ରହଣ କରିବା କୌଣସି ସହଜସାଧ୍ୟ ବିଷୟ ନୁହେଁ । ସମସ୍ତେ ଗୁରୁଗ୍ରହଣ କରି ପାରନ୍ତି ନାହିଁ । ଗୁରୁବାଦ ଓ ଗୁରୁ ପରମ୍ପରା ପ୍ରସଙ୍ଗରେ ଆମ ଦେଶର ଶାସ୍ତ୍ରମାନଙ୍କରେ ବହୁ କଥା ଲିପିବଦ୍ଧ ହୋଇ ରହିଛି । ଗୁରୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର- ଏକାଧାରରେ ତ୍ରିଦେବ ଅଟନ୍ତି । ଏହା ବିଶ୍ୱାସର କଥା । ବିଶ୍ୱାସ କଲେ, ଅନୁଗତ ହେଲେ ଗୁରୁଦେବଙ୍କର ସଞ୍ଚାରିଣୀ ଶକ୍ତି ଶିଷ୍ୟକୁ ମହିମାମଣ୍ଡିତ କରେ । ମାତ୍ର ଅବିଶ୍ୱାସ ଓ ଅନାନୁଗତ୍ୟ ଲେଶ ମାତ୍ର ଥିଲେ, ଶିଷ୍ୟ ଭ୍ରମରେ ପଡ଼େ । ତା'କୁ ମୋହ ଗ୍ରାସ କରେ । ମୋହାନ୍ଧ ହୋଇ ସେ ଗର୍ବ ଅହଂକାରର ଫସଲ ଅମଳ କରେ । ଭୌତିକ ପ୍ରାପ୍ତି ଆଶାରେ ବିଷୟ ଲୋଭରେ ସେ ଉଦ୍‌ଭ୍ରାନ୍ତ ହୁଏ । ସକଳ ଆଧ୍ୟାତ୍ମିକତା ଓ ମାନବିତା ତାର ନଷ୍ଟଭ୍ରଷ୍ଟ ହୋଇ ଧ୍ୱଂସ ହୁଏ । ସମୟ ଆସେ । ସେ ଅନୁତାପ କରେ । ମାତ୍ର ପଶ୍ଚାତ୍ତାପ କରିବା ବେଳକୁ ନେଡ଼ି ଗୁଡ଼ କହୁଣିକୁ ବହି ଯାଇଥାଏ ।

ଗୁରୁ ସ୍ୱୟଂ ଅଗ୍ନି ସ୍ୱରୂପ । ବିନୀତ ଅନୁଗତ ପ୍ରତ୍ୟୟୀ ଶିଷ୍ୟର ସକଳ ଦୁର୍ଗୁଣ ଯଥା- କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଜନିତ ଅମାନବିକତା ସେହି ଅଗ୍ନିରେ ଭସ୍ମୀଭୂତ ହୁଏ । ମାତ୍ର ଅବିଶ୍ୱାସୀ, ବିଶ୍ୱାସଘାତକ. ଗୁରୁଦ୍ରୋହୀ, ଅହଂକାରୀ, ମାନବିକତାବିହୀନ ଶିଷ୍ୟ ସ୍ୱୟଂ ସେହି ଅଗ୍ନିରେ ପଡ଼ି ଧୀରେ ଧୀରେ ପାଉଁଶ [illegible] ହୋଇଯାଏ । ଏହାହିଁ ଗୁରୁଙ୍କର ବୈଶିଷ୍ଟ୍ୟ । ଅବଶ୍ୟ ଜଣେ ପ୍ରକୃତ ସଦ୍‌ଗୁରୁଙ୍କର ଏହାହିଁ ବୈଶିଷ୍ଟ୍ୟ । ତଥାକଥିତ ଆତ୍ମଘୋଷିତ ଗୁରୁ, ଭଗବାନ, ଈଶ୍ୱର ଓ ସର୍ବନିୟନ୍ତାଙ୍କର ଏ ବୈଶିଷ୍ଟ୍ୟ ଅବଶ୍ୟ ଆଦୌ ନଥାଏ ।

ପ୍ରକୃତ ସଦ୍‌ଗୁରୁ ବାଚାଳ ପରି ବକନ୍ତି ନାହିଁ । ସାଧାରଣ ମଣିଷ ପରି ସେ ଚଳପ୍ରଚଳ ହୁଅନ୍ତି ସତ, ମାତ୍ର ସ୍ୱତଃ ତାଙ୍କର ଅସାଧାରଣତ୍ୱ ପ୍ରକଟିତ ହୋଇଥାଏ । ସେ ନିଜକୁ ଠାକୁର, ଈଶ୍ୱର, ଭଗବାନ ବୋଲି

କହି ବୁଲନ୍ତି ନାହିଁ । ବିଶେଷ ଆଧ୍ୟାତ୍ମିକ କର୍ମୋପଲକ୍ଷ୍ୟେ ସେ ସ୍ଥାନାନ୍ତର ଗମନ କରନ୍ତି । ଆଧ୍ୟାତ୍ମିକ ଉଦ୍ଦେଶ୍ୟ ବିନା ସେ କୌଣସି ସ୍ଥାନକୁ ଆଦୌ ଯାଆନ୍ତି ନାହିଁ । ଗୁରୁ ହିଁ ଧର୍ମ । ସେ ନିଜର ଜୀବନଶୈଳୀ ଓ ଜୀବନଯାପନ ପ୍ରଣାଳୀ ଦ୍ୱାରା ସେହି ପରମ ଧର୍ମର ସ୍ଥାପନ କରନ୍ତି ପ୍ରକୃତ ଶିଷ୍ୟର ହୃଦୟରେ, ଶିଷ୍ୟର ଜୀବନରେ ଏବଂ ତଦ୍ଦ୍ୱାରା ମଣିଷ ସମାଜ ମଧ୍ୟରେ । ତେଣୁ ପ୍ରକୃତ ଓ ପ୍ରକୃଷ୍ଟ ଶିଷ୍ୟ ଗୁରୁଙ୍କର କୃପା ପ୍ରାର୍ଥନା କରନ୍ତି ନୀରବରେ, ନୀରବ ପ୍ରାର୍ଥନାରେ, ନୀରବ ସାଧନାରେ ।

ଶ୍ରୀମଦ୍ ଭାଗବତ ମହାପୁରାଣରେ ଅତିବଡ଼ୀ ଜଗନ୍ନାଥ ଦାସ ଉଲ୍ଲେଖ କରିଅଛନ୍ତି:...

''ମୋ ନାମ ଯେଣୁ ମାୟାଧର । ମୋ ମାୟା ମୋତେ ଅଗୋଚର ॥
ନ ଲଭି ମୋହର କରୁଣା । ବ୍ରହ୍ମାଶଙ୍କର ହୁନ୍ତି ବଣା ॥
ମୁଁ ଯାକୁ ହୁଅଇ ସଦୟ । ଜ୍ଞାନ ତା' ହୃଦରୁ ଉଦୟ ।''

ଏବେ ଏବେ କେବଳ ଓଡ଼ିଶା କାହିଁକି ସମଗ୍ର ଭାରତର ବିଭିନ୍ନ ପ୍ରାନ୍ତରେ ନୈତିକ ଓ ଆଧ୍ୟାତ୍ମିକ ଶଠତା ଆଚରଣ କରୁଥିବା/କରିଥିବା ଏକାଧିକ ଆତ୍ମଘୋଷିତ ବାବା, ଭଗବାନ, ଭବିଷ୍ୟପ୍ରବକ୍ତାଙ୍କର ସମ୍ବାଦ ଶୁଣିବାକୁ ମିଳୁଛି । ନୈତିକ ଶଠତା ସତେ ଯେପରି ଏ ମାଟିମାଆର କୋଳରେ ଏକ ସୁଆଙ୍ଗ । ଏହି ପରିପ୍ରେକ୍ଷୀରେ କେତେକ ପ୍ରକୃତ ନୀତିନିଷ୍ଠ ଓ ଅଧ୍ୟାତ୍ମବାଦୀ ନୀରବ ଗୁରୁଙ୍କୁ ଅନେକେ ସନ୍ଦେହ ଚକ୍ଷୁରେ ଦେଖିବା ଆରମ୍ଭ କରି ଦେଇଛନ୍ତି । ସେମାନଙ୍କର ଉଦ୍ଦେଶ୍ୟ କେବଳ ସେମାନଙ୍କୁ ହିଁ ଜଣା । ମାତ୍ର ଏହା ଯେ ଆଦୌ ଶୁଭଙ୍କର ନୁହେଁ, ମଙ୍ଗଳଜନକ ନୁହେଁ, ଏହା ଆମେ ନିଶ୍ଚିତ ଭାବରେ ବ୍ୟକ୍ତ କରୁଅଛୁ । ଏ ପ୍ରସଙ୍ଗରେ ଦୃଷ୍ଟାନ୍ତଟିଏ ଦେଉଅଛୁ-

ଜଣେ ବଦାନ୍ୟ ବ୍ୟକ୍ତି ଥିଲେ । ତାଙ୍କ ଠାରେ ସକଳ ମାନବିକ ଗୁଣ ଠୁଳ ହୋଇଥିଲା । ସେ ଦୁଃଖୀଜନଙ୍କ ଦୁଃଖରେ କରୁଣା ବିଗଳିତ ହୋଇ ଯଥାସାଧ୍ୟ ସାହାଯ୍ୟ କରୁଥିଲେ । ତାଙ୍କର ଉଦାରତା ଓ ଅମାୟିକତାର ସୁଯୋଗ ନେବାକୁ ଧୂର୍ତ୍ତମାନେ ଆଗେଇ ଆସିଲେ । ସରଳ ପ୍ରକୃତିର ବଦାନ୍ୟ ବ୍ୟକ୍ତି ଜଣକ ତାଙ୍କର ସ୍ୱଭାବସୁଲଭ ଗୁଣରେ ସେମାନଙ୍କୁ ସାହାଯ୍ୟ ଦେଲେ । ବିତିଗଲା କିଛି ବର୍ଷ । କ୍ରମଶଃ ବଦାନ୍ୟ ବ୍ୟକ୍ତିଙ୍କର ଅର୍ଥାଗମ ବାଧାପ୍ରାପ୍ତ ହେବାକୁ ଲାଗିଲା । ତାଙ୍କର ପୁଞ୍ଜି କ୍ରମେ କ୍ରମେ କମି କମି ଆସିଲା । ତାଙ୍କର ଜଣେ ବନ୍ଧୁ ଦୀର୍ଘଦିନ ଧରି ତାଙ୍କର ବଦାନ୍ୟତାକୁ ଲକ୍ଷ୍ୟ କରୁଥିଲେ । ମାତ୍ର ପଦେ ମଧ୍ୟେ ଏ ପ୍ରସଙ୍ଗରେ କିଛି କହୁ ନ ଥିଲେ । ଶେଷରେ ସେ ମୁହଁ ଖୋଲିବାକୁ ବାଧ୍ୟ ହେଲେ । କହିଲେ:- 'ବନ୍ଧୁ ! ତୁମେ ଆଉ ମାଗଣାରେ କାହାକୁ ବି କିଛି ଦିଅ ନାହିଁ । ପ୍ରକୃତ ଦୁଃଖୀଙ୍କୁ ଧାର ଉଧାର ଦିଅ । ଯେଉଁମାନେ ଧାର ଉଧାର ପରିଶୋଧ କରିବେ, ସେମାନଙ୍କୁ ତାଙ୍କର ଆବଶ୍ୟକ ମତେ ପୁଣି ଧାର ଦିଅ । ସୁଧ କଳନ୍ତର ନେବାର ଆବଶ୍ୟକତା ନାହିଁ । ମାତ୍ର ଯେଉଁମାନେ ଧାର ପରିଶୋଧ ନକରିବେ, ତାଙ୍କୁ ପୁଣି ଥରେ ଆଦୌ ଦେବନାହିଁ ।' ବନ୍ଧୁଙ୍କର ପରାମର୍ଶ ଶତ ପ୍ରତିଶତ ମାନି ବଦାନ୍ୟ ବ୍ୟକ୍ତି ଜଣକ ନିଜର କର୍ମପନ୍ଥା ନିର୍ଣ୍ଣୟ କରିନେଲେ । ଧୀରେ ଧୀରେ ତାଙ୍କ ମନରେ ସନ୍ଦେହ ଘନୀଭୂତ ହେବାକୁ ଲାଗିଲା । ସନ୍ଦେହବଶତଃ

ଅନେକଙ୍କୁ ସେ ଧାର ଦେଇ ସାହାଯ୍ୟ କରିବାକୁ ମନା କରିଦେଲେ । ଅନେକଙ୍କୁ ମଧ୍ୟ ସାହାଯ୍ୟ କରୁଥିଲେ ଅବଶ୍ୟ । ଥରେ ପ୍ରକୃତ ଦୁଃଖୀ ଜଣେ ତାଙ୍କୁ କିଛି ଟଙ୍କା ଧାର ଦେବାକୁ ଅନୁରୋଧ କଲେ । ସେ ବାସ୍ତବରେ ବିପଦରେ ପଡ଼ିଥିଲେ । ମାତ୍ର ବଦାନ୍ୟ ବ୍ୟକ୍ତି ଜଣକ ତାଙ୍କୁ ସାହାଯ୍ୟ ଦେବାକୁ ରୋକ୍‌ଠୋକ୍ ନାସ୍ତି କଲେ । କେତେକ ଶଠ ଓ ଭଣ୍ଡଙ୍କ ଶଠତା ଓ ଭଣ୍ଡାମି ହେତୁ ଜଣେ ସଚ୍ଚୋଟ ଏବଂ ପ୍ରକୃତ ଦୁଃଖୀ ସାହାଯ୍ୟ ପାଇବାରୁ ବଞ୍ଚିତ ହେଲେ । ଏଇଠି କଥାଟି ଶେଷ ହେଲା ।

ଏବେ ବିଚାର କରି ଦେଖନ୍ତୁ ତ ଏପରି ଘଟିଲା କାହିଁକି ? କେତେଜଣ ଶଠଙ୍କର ଶଠତା ଓ ଭଣ୍ଡଙ୍କର ଭଣ୍ଡାମି ବଦାନ୍ୟବ୍ୟକ୍ତିଙ୍କ ମନରେ ସନ୍ଦେହର ବୀଜ ବପନ କଲା । ସେ ମୋହିତ ହୋଇଗଲେ ମୋହରେ । ମୋହାନ୍ଧ ହୋଇ ଅନ୍ୟସବୁ ଠକଭଣ୍ଡଙ୍କ ପରି ପ୍ରକୃତ ଦୁଃଖୀ ଲୋକଟିକୁ ସନ୍ଦେହ କଲେ । ଆଜି ଏହା ହିଁ ଘଟି ଚାଲିଛି ଆଧ୍ୟାତ୍ମିକ କ୍ଷେତ୍ରରେ । କେତେକ ନୈତିକ ଶଠ ଓ ଆଧ୍ୟାତ୍ମିକ ଭଣ୍ଡଙ୍କ ପାଇଁ ପ୍ରକୃତ ସାଧୁ, ସନ୍ଥ, ଗୁରୁ, ସଦ୍‌ଗୁରୁ, ମହାପୁରୁଷ ମଧ୍ୟ ସନ୍ଦେହର ଘେର ମଧ୍ୟରେ ପଡ଼ିଛନ୍ତି । ଯେଉଁସବୁ କ୍ଷେତ୍ର, ପୀଠ, ମଠ, ମନ୍ଦିର, ଆଶ୍ରମ ପ୍ରଭୃତିରେ କୌଣସି ଅନୈତିକ କାର୍ଯ୍ୟ ସଂଘଟିତ ହେଉ ନାହିଁ, ବିପୁଳ କଳାଧନ ସଞ୍ଚିତ ବା ଗଚ୍ଛିତ ହୋଇନାହିଁ, ଯାହାଙ୍କ ବିରୁଦ୍ଧରେ କୌଣସି ପ୍ରମାଣଯୋଗ୍ୟ ଅଭିଯୋଗ ନାହିଁ, ତାଙ୍କୁ ସନ୍ଦେହ କରିବା ମାନବୋଚିତ କାର୍ଯ୍ୟ କି ? ତେବେ କାହିଁକି ଏପରି ଘଟୁଛି ? ଏକମାତ୍ର କାରଣ ଅଜ୍ଞତା, ଅସ୍ମିତା, ଆତ୍ମମ୍ଭରିତା ଓ ବିବେକଶୂନ୍ୟତା ଭିନ୍ନ ଅନ୍ୟ କିଛି ବି ହୋଇ ନପାରେ । ଯେଉଁଠି ମୋହ ମଣିଷକୁ ଅନ୍ଧ କରୁଛି, ସେଇଠି ଅମାନବିକତା ବିଦ୍ୟମାନ । ମୋହ ମଣିଷକୁ ଅମଣିଷ କରିଦିଏ, ବିବେକଶୂନ୍ୟ କରିଦିଏ, କରିଦିଏ ବି ଅଜ୍ଞାନ, ଅହଂକାରୀ, ଦର୍ପୀ । ଅବିବେକୀ ମଣିଷ ବାଟବଣା ହୁଏ, ହୁଏ ଦିଗହରା । ଦିଗ୍‌ବିଦିଗହୀନ ହୋଇ ସେ ନିର୍ଭୁଲ ମାର୍ଗ ସନ୍ଦର୍ଶନ କରି ପାରେ ନାହିଁ । ଭ୍ରମବଶତଃ ଠିକ୍ ଓ ଭୁଲ ମଧ୍ୟରେ ସେ ନିର୍ଭୁଲ ନିର୍ଦ୍ଧାରଣ କରିପାରେ ନାହିଁ । ଫଳତଃ ଭ୍ରମର ଘୂର୍ଣ୍ଣିପାକରେ ପଡ଼ି ସେ ଉଚିତକୁ ଅନୁଚିତ ଏବଂ ଅନୁଚିତକୁ ଉଚିତ ବୋଲି ମନେକରେ ଓ ଭୂଲ କର୍ମପନ୍ଥା ଗ୍ରହଣ କରି ଯାହା ଇଚ୍ଛା ତାହା କରିଚାଲେ । ଏଥିରୁ **'ମୋହ'**ର କାର୍ଯ୍ୟକାରିତା ସମ୍ପର୍କରେ ସମ୍ୟକ୍ ଜ୍ଞାନ ଅବଶ୍ୟ ମିଳୁଅଛି ।

କୁଷ୍ଠ ଓ ରାଜଯକ୍ଷ୍ମା, ଏଡ୍‌ସ ଓ କ୍ୟାନ୍‌ସର୍ ଭଳି ମୋହ ଏକ ଭୟଙ୍କର ରୋଗ । ଏହା ଏକ ମାନସିକ ରୋଗ । ବ୍ୟକ୍ତିର ଅଜ୍ଞାତସାରରେ ଏହା ଆକ୍ରମଣ କରେ । ବିକୃତ କରିଦିଏ ବ୍ୟକ୍ତିର ମାନସିକତାକୁ । ମହାମହା ଜ୍ଞାନୀ, ଗୁଣୀ, ଧନୀ ଓ ପ୍ରତିପତ୍ତିଶାଳୀ ବ୍ୟକ୍ତି ମୋହାସକ୍ତ, ମୋହାକ୍ରାନ୍ତ ହୋଇ ଚକ୍ଷୁ ଥାଉଁ ଥାଉଁ ଅନ୍ଧ ହୋଇ ଯାଆନ୍ତି ସିନା ମାତ୍ର ନିଜନିଜର ସ୍ଥିତାବସ୍ଥା ସମ୍ପର୍କରେ ଆଦୌ ସଚେତନ ହୋଇ ପାରନ୍ତି ନାହିଁ । ସଚେତନହୀନତାର ମନସ୍କତାକୁ ନେଇ ସଂସାର ପଥରେ ଚାଲୁଚାଲୁ ବାରମ୍ବାର ଝୁଣ୍ଟି ପଡ଼ନ୍ତି, ଖାଲଖମାଣରେ ପଡ଼ନ୍ତି, କଣ୍ଟା ଫୁଟିଯାଏ ତାଙ୍କର ଦୁଇପାଦରେ, ରକ୍ତାକ୍ତ ହୁଅନ୍ତି, କ୍ଷତବିକ୍ଷତ ହୁଅନ୍ତି ସତ ତଥାପି ସତର୍କ ହୋଇ ପାରନ୍ତି ନାହିଁ । ଦୟାର ପାତ୍ର ଏମାନେ, ଏମାନେ କରୁଣାର ପାତ୍ର ।

ତତ୍ତ୍ୱଜ୍ଞ ସଦ୍‌ଗୁରୁଙ୍କ ସାନ୍ନିଧ୍ୟ ମୋହଗ୍ରସ୍ତ, ବିକୃତ ମସ୍ତିଷ୍କ ବ୍ୟକ୍ତିଙ୍କ ଆରୋଗ୍ୟରେ ସହାୟକ ହୋଇଥାଏ । ଏହା ପ୍ରମାଣିତ ହୋଇଛି । ତୁମେ ଏହା ସ୍ୱୀକାର କର ବା ନକର- ତାହା ବଡ଼ କଥା ନୁହେଁ । ମାତ୍ର ସତ୍ୟ

ସର୍ବଦା ହିଁ ସତ୍ୟ । ଆମେ ବାରମ୍ବାର କହି ଆସିଛୁ, 'ଚରମ' ପୃଷ୍ଠାରେ ପ୍ରକାଶ କରି ଆସିଛୁ-ନିଆଁକୁ ଅଣ୍ଟିରେ ପୂରେଇ ଲୁଚାଇ ରଖାଯାଇ ପାରେନା, କେହି ପାରିନି ଏ ଅସମ୍ଭବକୁ ସମ୍ଭବ କରି । ତେଣୁ ଆମର ବିନମ୍ର ନିବେଦନ.....

ବାଉଳା ମନରେ ଅବୁଝା ହୁଅ କାହିଁ ପାଇଁକି ?
ଚିରଦିନ ନୁହେଁ ଜୀବନ ଏହା ଜାଣି ନାହଁକି ??
ବାଟ ଭୁଲି ଚାଲି ଗଲଣି କାହିଁ କେତେ ଦୂରକୁ ।
ଜାଣିନ ସେ ବାଟ ଲମ୍ବିଛି ପରା କାଳପୁରକୁ ॥
ଫେରିଆସ ମୋର ନୟନ ତାରା କୋଳକୁ ମୋର ।
ଆରୋଗ୍ୟ କରିବି ରୋଗକୁ 'ମୋହ' ବିନାଶି ତୋର ॥

**ବକ୍ରଶୂଳକ କ୍ରିୟା :**

**ପିଣ୍ଡ ମଣ୍ଡଳେ ଖେଳିଲା ମୋହ ମାୟା ହୋଇ ।**
**ମାୟା ରଜ୍ଜୁ ଦ୍ୱାରା ସଦା ବନ୍ଧନ ହୁଅଇ ॥**
**କାରଣ ମାନ ବୋଲାଇ ସାତ୍ତ୍ୱିକ ଅଂଶରେ ।**
**ମାୟା ରଜ୍ଜୁ ଦ୍ୱାରା ନେଇ ନିତ୍ୟ ଖେଳ କରେ ॥**
**ଅହଙ୍କାର, ହିଂସା, ଈର୍ଷା ଭରପୂର ଥାଏ ।**
**ସେ ଜନ ନିତ୍ୟ ନରକେ ଘାଣ୍ଟି ଚକଟି ହୁଏ ॥**
**ବକ୍ର ନରକେ ପଡ଼ି ହୁଏ ଛଟପଟ ।**
**ମାତା, ପିତା, ସ୍ତ୍ରୀ, ସନ୍ତାନ ନୁହେଁ ତା ଆକଟ ॥**
**ନାଦ ବନ୍ଧନ ଦ୍ୱାରା ଯେ ଜନ ଚକଟି**
**ଦିବାନିଶି କୁବୁଦ୍ଧିରେ ହେଉଥାଏ ଘାଣ୍ଟି ॥**
**ଯେ ଜନ ପରନିନ୍ଦା ଅମଙ୍ଗଳେ ଥାଇ ।**
**ଜ୍ୱାଳା ଅଗ୍ନି ପିଣ୍ଡରେ ସେ ନରକ ଭୋଗଇ ॥**
**ପର ନାରୀ ଯେଉଁ ଜନ କରଇ ରମଣ ।**
**''ଭୁରୁକାହୁ'' କୁମ୍ଭୀପାକରେ ହୁଅଇ ମରଣ ॥**
**ଭେଦ ଭାବ ଯେଉଁ ଜନ ମନରେ ରଖଇ ।**
**ଭୁକ୍ଷୌ ବିଷଜ୍ୱାଳାରେ ସେ ନିତି ପୋଡ଼ି ହୋଇ ॥**

ହେ ଅମୃତ ସନ୍ତାନ, ସେ ବିଷବଳୟକୁ ତ୍ୟାଗ କରି ପୀୟୁଷ ପଥର ପଥିକ ହୁଅ । ଜୀବନର ମଧୁର ମଧୁ ଆସ୍ୱାଦନ କର । ନୀତିବାନ ହୁଅ, ହୁଅ ସ୍ଥିତିବାନ୍ । ଦୁଃସ୍ଥତାକୁ ଠେଲି ଦେଇ ଆପଣେଇ ନିଅ ସୁସ୍ଥତାକୁ । ସୁସ୍ଥ ରୁହ, ସ୍ୱସ୍ଥ ହୁଅ....।

# ଗରୁଡ଼ସ୍ତମ୍ଭ

**ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ**

## ନାରୀ ହିଁ ପ୍ରକୃତି

ମନ ସିନା ତୋର ସଦାଘୂରୁଅଛି ପାଗଳ ଅଶ୍ୱର ପରି,
କାହିଁ ଗଲା ତୋର ବିବେକଚାବୁକ ଲଗାମ ପାରୁନୁ ଧରି ।
ଏବେବି ରେ ଧନ ! ବେଳ ଯାଇନାହିଁ କୁଦିପଡ଼ ଅଶ୍ୱପରେ,
ପରମପିତାଙ୍କ ଚରଣେ ଶରଣ ଯାଇ ତୁ ରଖ ଜାବୁରେ ।

*ବାସ୍ତବରେ ଧରାପୃଷ୍ଠରୁ ଧୀରେ ଧୀରେ ଅଜ୍ଞାନରୂପକ ତନ୍ଦ୍ରା ଅପସରି ଯାଉଛି । ତ୍ରି:ିଗୁଣାଙ୍କ ଅବୋଧ ମାୟାଶକ୍ତିକୁ ସ୍ୱଚ୍ଛଭାବରେ ପ୍ରତିବିମ୍ବିତ ହେବାକୁ ଆରମ୍ଭ କରିଛି । ଏହି ପ୍ରତିଫଳନକୁ ଯିଏ ଆନ୍ତରିକତାର ସହିତ ସ୍ୱୀକାର କରି ଜୀବନର ଗତିପଥ ପରିବର୍ତ୍ତନ କରିବାର ସଂକଳ୍ପ ଗ୍ରହଣ କରିବ ଏବଂ ସୃଷ୍ଟିର ମୂଳକାରଣ ଆଦ୍ୟାଶକ୍ତିଙ୍କ ଅନ୍ୟ ସ୍ୱରୂପ 'ନାରୀ'କୁ ମର୍ଯ୍ୟାଦା ଦେଇ ପରୋକ୍ଷ ଭାବରେ ଆଦିଙ୍କ ଆଶୀର୍ବାଦ ଗ୍ରହଣ କରିବ, ତା'ର ଜୀବନ ସାର୍ଥକ ହେବ, ଏଥିରେ ସନ୍ଦେହ ନାହିଁ । କାରଣ ପରମକାରୁଣିକ ଅନାଦିଙ୍କର ଏହି ସ୍ତମ୍ଭ ଅନ୍ତର୍ଗତ ଅଧରାମୃତ କଦାପି ଅସଫଳ ହେବ ନାହିଁ ।*

'ଚରମ'-ନବମପୁଷ୍ପ - ପଞ୍ଚମ ପାଖୁଡ଼ା - ୪୮ (ଅଷ୍ଟଚତ୍ୱାରିଂଶ)ତମ ସଂଖ୍ୟା ଅନୁଶ୍ରୁତିରୁ

**ବୈଷ୍ଣବୀମାୟା** **ମୁଁ ଭୂମାଯୋଗ୍ନୀ ମାୟା କହୁଛି...**

**ପୂର୍ବସଂଖ୍ୟା(୪୮)ରୁ ଅସମାପ୍ତ**

**ମର୍ତ୍ତ୍ୟଲୋକରେ ମୋର ଭୂମିକା -**

୧୪. ବ୍ରହ୍ମାଣ୍ଡରେ **'ବିଧୂର୍ମ୍ମା ଭୂମା'**ଙ୍କ ମଣ୍ଡଳ ରହିଛି । ଏହି ମଣ୍ଡଳରେ ମୁଁ ସୂକ୍ଷ୍ମାତିସୂକ୍ଷ୍ମ ଧୂସରବର୍ଣ୍ଣର ଜ୍ୟୋତିରେ ରହିଅଛି । ଭୂମାଙ୍କର **'ଉର୍ମ୍ମଧୂର୍ମ୍ମ'** ଜ୍ୟୋତି ବିରାଟ କାୟା ନେଇ ମଣ୍ଡଳରେ ପୂର୍ଣ୍ଣ ହୋଇରହିଛି । ଏହି ଜ୍ୟୋତିର ଚତୁଃପାର୍ଶ୍ୱରେ ବ୍ରହ୍ମଙ୍କ ମହିମା ରୂପଧାରଣ ସହିତ ଅଲୌକିକ ଭାବ, ମତ ଇତ୍ୟାଦି ପ୍ରକୃତି ଅନ୍ତର୍ଗତ ସମସ୍ତ ସତ୍‌କର୍ମ କରିଚାଲିଛନ୍ତି । ମହିମାଙ୍କ ଠାରୁ ଏହି କର୍ମ ମୋ'ରି

ମାୟାସୂତ୍ରୀ ଦ୍ୱାରା ସଙ୍ଗଠିତ ହେଉଛି । ଉକ୍ତ ବ୍ରହ୍ମମହିମା ଧୂସରବର୍ଣ୍ଣର ଜ୍ୟୋତିରେ ଶିୟମଣ୍ଡିର ସ୍ୱରୂପ ନେଇ ଘୂର୍ଣ୍ଣନ କରୁଅଛି । **'ଉର୍ମ୍ମ-ଧୂର୍ମ୍ମ'** ଜ୍ୟୋତି ମଧ ଏହି ଧୂସରବର୍ଣ୍ଣରେ ଜାଜ୍ଜ୍ୱଲ୍ୟମାନ ହେଉଅଛି । ପ୍ରତି ସଂକ୍ରାନ୍ତି ଓ ପୂର୍ଣ୍ଣିମାରେ ଉର୍ମ୍ମ-ଧୂର୍ମ୍ମ **ଜ୍ୟୋତିର ବର୍ଣ୍ଣ** ପରିବର୍ତ୍ତନ ହୋଇଯାଏ । ଯଥା :- ଉର୍ମ୍ମଜ୍ୟୋତି ସଂକ୍ରାନ୍ତିରେ ଧବଳ ଓ ପୂର୍ଣ୍ଣିମାରେ **ନୀଳବର୍ଣ୍ଣ,** ଧୂର୍ମ୍ମଜ୍ୟୋତି ସଂକ୍ରାନ୍ତିରେ ଧୂସର ଏବଂ ପୂର୍ଣ୍ଣିମାରେ ଗୋଲାପ ରଙ୍ଗ ଧାରଣ କରେ । ଏହି ରଙ୍ଗ ପରିବର୍ତ୍ତନ ମଧ ମୋ'ରି ମାୟା ପ୍ରଭାବରେ ସଙ୍ଗଠିତ ହୁଏ । ନିଷ୍ଠାପର ସାଧକର ଏକନିଷ୍ଠ ଭାବ, ଏକାଗ୍ରତା ଦୃଢ଼ ହୋଇଗଲେ ବ୍ରହ୍ମଙ୍କ ଆଜ୍ଞାନୁକ୍ରମେ ମୁଁ ତାହାକୁ ମାୟା ବେଷ୍ଟନୀ ମଧରେ **ଆବଦ୍ଧ କରିଦିଏ । ଫଳରେ ସାଧକ** ନିଜର ଶରୀର ଭୁଲିଯାଏ । ଦେହଜ୍ଞାନ ଶୂନ୍ୟ ହୋଇ ସେ **ସମାଧିସ୍ଥ ହୋଇଯାଏ । ଉକ୍ତ** ସମାଧି ଅବସ୍ଥାରେ ସେ **'ଉର୍ମ୍ମ-ଧୂର୍ମ୍ମ'** ଜ୍ୟୋତି ଓ ତାହାର ତିଥି ଅନୁଯାୟୀ ପରିବର୍ତ୍ତିତ ବର୍ଣ୍ଣକୁ ସ୍ପଷ୍ଟ ଭାବରେ ଅନୁଭବ କରେ ଏବଂ ସେହି ମଣ୍ଡଳର ସମସ୍ତ ମହିମା, ଅଲୌକିକ ଭାବ, ମତ ଇତ୍ୟାଦି ଦିବ୍ୟଶକ୍ତି ପ୍ରାପ୍ତ ହୋଇଯାଏ । ସଂକ୍ରାନ୍ତି ଓ ପୂର୍ଣ୍ଣିମାରେ ପରିବର୍ତ୍ତିତ **ଜ୍ୟୋତିର ସ୍ପର୍ଶ** କୁଣ୍ଡଳିନୀରେ ବକ୍ର ହୋଇଯାଏ । ଏହି ବକ୍ରରୁ ଧବଳ ଆଲୋକ ରଶ୍ମି ସୂକ୍ଷ୍ମରେ ସାଧକର ବୈଖାରୀ ସୂତ୍ରୀ ଯୋଗକୁ ଅକ୍ଷର ରୂପେ ଉଦ୍ଭାସିତ କରାଇ ଶବ୍ଦ ବିନିଯୋଗ କରେ । **ବ୍ରହ୍ମଙ୍କ ଇଚ୍ଛା** ଓ ଆଶିଷରେ ଏ ସମସ୍ତ କ୍ରିୟା ମୋ' ଦ୍ୱାରା ହିଁ ସମ୍ଭବ ହୁଏ । ସାଧକ ଏହି ଅବସ୍ଥା ପ୍ରାପ୍ତ ହୋଇଗଲେ ତା'ର ଶ୍ରୁତିମାନସରେ ଏହା ସୂକ୍ଷ୍ମଚୈତନ୍ୟ ହୋଇ ରହିଯାଏ । ଆବଶ୍ୟକ ପଡ଼ିଲେ ମର୍ତ୍ତ୍ୟଧାମରେ ଏହି **ଅକ୍ଷର ପହଞ୍ଚିଯାଏ ଏବଂ ଇଙ୍ଗିତ ପାଇବାମାତ୍ରେ ହସ୍ତ ଲେଖିବାକୁ ଆରମ୍ଭ କରେ । କେଉଁ ଅବସ୍ଥାରେ ଏହି ଅକ୍ଷର ମର୍ତ୍ତ୍ୟରେ ପ୍ରସାରିତ ହେବ, ତାହା ମଧ ମୋ'ରି ମାଧମରେ ବ୍ରହ୍ମ ନିରୂପଣ କରିଥା'ନ୍ତି ।**

୧୫. **ମୁଁ ଯେତେବେଳେ 'ସୌମିତ୍ରାଈ ଭୂମା' ମଣ୍ଡଳରେ ଅବସ୍ଥାନ କରେ, ସେତେବେଳେ ବ୍ରହ୍ମାଣ୍ଡରେ ଭୂତ, ଗ୍ରହ, ନକ୍ଷତ୍ରାଦିକୁ କାରଣର ଆଜ୍ଞାବହ ରୂପେ ନିୟନ୍ତ୍ରଣ କରି ଚଳନକ୍ରିୟା ସଙ୍ଗଠିତ କରାଏ ।** ସୌର ଚଳନର ଗତିପଥ, ବେଗକ୍ରିୟାକୁ ନିୟନ୍ତ୍ରିତ କରି ଜୀବର **ପିଣ୍ଡ** ମଧରେ ଥିବା ପ୍ରାରବ୍ଧ, କ୍ରିୟମାଣ ଓ ସଞ୍ଚିତ ଅବସ୍ଥାକୁ ସ୍ଥୂଳ, ସୂକ୍ଷ୍ମର 'ଅଭ୍ୟାସସୂତ୍ରୀ' ଯୋଗପଥକୁ ପରିବର୍ତ୍ତନ କରିଦିଏ । ସାଧକ ଶ୍ରଦ୍ଧା, ନିଷ୍ଠା, ଏକାଗ୍ରତାରେ ଏହି ଯୋଗପଥରେ ଅଗ୍ରସର ହେଲେ ପରିବର୍ତ୍ତିତ କର୍ମଫଳ ଭୋଗକୁ 'ଗତିଚଳନକେନ୍ଦ୍ର' ଅଣିମା, ଲଘିମାରେ ସିଦ୍ଧିପ୍ରାପ୍ତ କରାଇବା ପାଇଁ ମୁଁ ନିର୍ଦ୍ଦେଶ ଦିଏ । ଏହା ହିଁ ବ୍ରହ୍ମଙ୍କର ମୋ ପ୍ରତି ଆଜ୍ଞା ଓ ଆଦେଶ ।

୧୬. ବ୍ରହ୍ମାଣ୍ଡ ତତ୍ତ୍ୱରେ କାରଣ ମଣ୍ଡଳରେ ଯେଉଁ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟୋପରାଗ **ସଙ୍ଗଠିତ ହୁଏ, 'ଅତ୍ରାଈ ଭୌରୀ ଭୂମା'** ମଣ୍ଡଳରେ ରହି ମୁଁ ହିଁ ତାହାକୁ ସଂଯୋଗ କରାଇଥାଏ । ଏହି କ୍ରିୟାଦ୍ୱାରା ସୃଷ୍ଟି ହେଉଥିବା ଅଣିମତ୍ୱ ମହିମାକୁ ମୁଁ ଧରାପୃଷ୍ଠରେ ବିତରଣ କରିଦିଏ । **'ଯୁଗବିବର୍ତ୍ତନ'** ସମୟରେ ବ୍ରହ୍ମଙ୍କ ଇଚ୍ଛା ଅନୁଯାୟୀ ତାଙ୍କର ଲୀଳା ସଂଘଟନର ସକଳସୂତ୍ର ମୋ ଦ୍ୱାରା ଏହି ମଣ୍ଡଳରୁ ହିଁ ଉତ୍ପତ୍ତି ହୋଇ କର୍ମାନୁଷ୍ଠାନ କରାଯାଏ । **ପିଣ୍ଡତତ୍ତ୍ୱରେ** ଯୋଗୀର ଚାନ୍ଦ୍ରାୟଣ ଓ ସୂର୍ଯ୍ୟାୟଣ ଗତିସୂତ୍ରରେ

**ଏହି ମଣ୍ଡଳରୁ** ମୁଁ ବେଗ ରୂପ ନେଇ ତାହାର ଶରୀରରେ ପ୍ରବେଶ କରେ ଏବଂ ପ୍ରାଣାୟାମର **ବେଗକୁ ନିୟନ୍ତ୍ରଣ କରେ ।** ଏହି ବେଗର ସଫଳତା ଓ ବିଫଳତା **ଯୋଗୀ ଅନୁଭବ** କରିପାରେ । **ଚାନ୍ଦ୍ରାୟଣଗଡିର ଜରାୟୁତତ୍ତ୍ୱ** ନିର୍ଣ୍ଣୟର ସମସ୍ତ **ଜ୍ଞାନତତ୍ତ୍ୱକୁ** ମୁଁ ଯୋଗୀର ମାନସ ଚୈତନ୍ୟଦ୍ୱାରା **ସୂକ୍ଷ୍ମ** ଅନୁଭବ କରାଇଦିଏ ।

୧୭. **ଯୋଗୀ** ସାଧନ କରିବା ସମୟରେ ସମ୍ପୂର୍ଣ୍ଣଭାବେ ମୋ ମାୟାରେ ବିଚରଣ କରେ । ଏହି ଗତିସୂତ୍ର **ପର୍ଯ୍ୟାୟ** ଭୋଗ କରୁକରୁ ଯେତେବେଳେ **'ସ୍ଥିତିପ୍ରାଜ୍ଞ'** ଅବସ୍ଥାରେ ପହଞ୍ଚେ, ସେତେବେଳେ ମୁଁ ତାହାର ଲୟ ଭାବ ଗତିକୁ ଧବଳବର୍ଣ୍ଣରେ ଶୋଭିତ କରାଇ ଏକ ସରଳରେଖାରେ ରଖିଦିଏ । **'ଅନିଦ୍ୱାଭ ଭୌରୀ ଭୂମା'**ଙ୍କ ନିର୍ଦ୍ଦେଶକ୍ରମେ ଏହି ସରଳରେଖାରେ ନିଜର ପୂର୍ଣ୍ଣ ସତ୍ତ୍ୱଅଂଶକୁ ପୂର୍ଣ୍ଣକରାଇ ବ୍ରହ୍ମଙ୍କ ବରପ୍ରଦାନ କରାଇବାକୁ ଜାଗ୍ରତ ହୋଇ ରହିଥାଏ । ଏହି ସମୟରେ ଯୋଗୀର ଆହାର, ନିଦ୍ରା, ମୈଥୁନ ସଂଯମ ହୋଇଯାଏ । ବ୍ରହ୍ମାଣ୍ଡ ତତ୍ତ୍ୱରେ ମୁଁ ଅନିଦ୍ୱାଭ ଭୌରୀ ଭୂମାଙ୍କ ବିଭୂତିରେ ଦେବଲୋକଯାନରେ କୈବଲ୍ୟ ପ୍ରାପ୍ତ ଆତ୍ମା ନିକଟରେ ପହଞ୍ଚେ ଏବଂ ବ୍ରହ୍ମ ଆଜ୍ଞାରେ ସୂକ୍ଷ୍ମାଣୁ ବ୍ରହ୍ମଜ୍ଞାନ ତତ୍ତ୍ୱ ଦର୍ଶନ, ଅନୁଭବ କରାଇଦିଏ । ଏହି ଜ୍ଞାନତତ୍ତ୍ୱ ସେତେବେଳେ ଗୈରୀକ ବର୍ଣ୍ଣ ଧାରଣ କରି ଆତ୍ମା ଚତୁଃପାର୍ଶ୍ୱରେ ଘୂର୍ଣ୍ଣନ କରୁଥାଏ ।

୧୮. **'ଅଘମଟ ଭୂମା'** ମଣ୍ଡଳରେ ମୋର କ୍ରିୟା ଜୀବର ଅଭ୍ୟାସ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇଥାଏ । ବ୍ରହ୍ମାଣ୍ଡରେ ଉକ୍ତ ଭୂମାଙ୍କ ଇଚ୍ଛାରେ ମୋର ମାୟା ଲାଲବର୍ଣ୍ଣର ଜ୍ୟୋତିନେଇ ଲଙ୍ଘାପଡ଼ିଲା ପରି ମହାଶୂନ୍ୟରେ ଦେଖାଯାଏ । ଏହି ମାୟାଜ୍ୟୋତି ବଣ୍ୟ ଜୀବଜନ୍ତୁଙ୍କ ଠାରୁ ଆରମ୍ଭ କରି ମାନବ ପର୍ଯ୍ୟନ୍ତ ସମସ୍ତଙ୍କ ପିଣ୍ଡକୁ ସ୍ପର୍ଶକରେ । ଫଳରେ ମୋ ମାୟାରେ ବିମୋହିତ ହୋଇ ସେମାନେ ଏକ ଲକ୍ଷ୍ୟ ସିଦ୍ଧାନ୍ତକୁ ଅଭ୍ୟାସ କରନ୍ତି । ଉଦାହରଣ ସ୍ୱରୂପ, ବଣ୍ୟପଶୁଙ୍କର ସହଜାତ ପ୍ରବୃତ୍ତି ହୋଇଛି 'ହିଂସା', 'କ୍ରୁରତା' । ସେମାନେ ଶିକାର ପାଇଁ ବାରମ୍ବାର ଏହି ହିଂସ୍ରକ ପ୍ରବୃତ୍ତିକୁ ଅଭ୍ୟାସ କରି ସେଥିରେ ସିଦ୍ଧ ହୋଇଯାଆନ୍ତି । ମାନବର ପିଣ୍ଡରେ ମଧ୍ୟ ମୋର ଏହି ଜ୍ୟୋତି ସତ୍ତ୍ୱ, ରଜ, ତମ ଗୁଣର ସୂକ୍ଷ୍ମକୋଷରେ ଥାଏ । ସେତେବେଳେ ଏହାର ବର୍ଣ୍ଣ ଧୂସର ହୋଇଥାଏ । ବ୍ୟକ୍ତି ଯେକୌଣସି କର୍ମ, କ୍ରିୟା ଯେତେ ଗାଢ ଭାବରେ ଅଭ୍ୟାସ କରେ, ଏହି ଶକ୍ତି ସେତେ ଦୃଢ଼ତର ହୁଏ । କିନ୍ତୁ ମାନବ ଯେତେବେଳେ ଅଭ୍ୟାସ ବନ୍ଦ କରିଦିଏ, ମୋର ଏହି ସୂକ୍ଷ୍ମଶକ୍ତି ଆପେ ଆପେ ନିଷ୍କ୍ରିୟ ଏବଂ ନିସ୍ତେଜ ହୋଇଯାଏ ।

କ୍ରମଶଃ...

ବେଳ ରତ ରତ ହେଲାଣି ଆସି, ତଥାପି ଛଳନା କପଟେ ରସି ।
ଭ୍ରାତୃତ୍ୱ ଭାବକୁ ଅର୍ଜିଲୁ ନାହିଁ, ବ୍ୟର୍ଥତାରେ ଦିନ ଗଲାରେ ବହି ॥

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

କେତେବେଳେ କେଉଁ ରୂପ ଭାବ ନେଇ
ଆସଇ କଲ୍ୟାଣ ଧାରା ।
ବୁଝିପାରେ ନାହିଁ ଜୀବଭାବେ ରହି
କାନ୍ଦଇ ଜୀବନ ସାରା ॥

ହେ କରୁଣାସିନ୍ଧୁ ! ମୋର ପ୍ରାଣ ଇନ୍ଦୁ
ଏତିକି କରୁଣା କର ।
ବୁଝେ ବା ନବୁଝେ ଦେଖେ ବା ନଦେଖେ
ଭଣା ନହେଉ ନକର ॥

*ପରମ କାରୁଣିକ, ପ୍ରେମାବତାର, ଭକ୍ତବତ୍ସଳଙ୍କ କରୁଣାଧାରା ଅବାରିତ ଗତିରେ ପ୍ରବାହିତ ହୋଇଚାଲିଛି । କିନ୍ତୁ ତାଙ୍କର ପ୍ରତ୍ୟକ୍ଷ ବା ପରୋକ୍ଷ କୃପାବିନା ସେହି ଅମୃତବର୍ଷଣକୁ ଅନୁଭବ କରିବା ସମ୍ଭବ ହୁଏନାହିଁ । ସେଥିପ୍ରତି ତାଙ୍କର ଲକ୍ଷ୍ୟ ନଥାଏ । ବ୍ୟକ୍ତି ତା'ର ନିଜସ୍ୱ ଭାବରେ ଯେତେ ମଗ୍ନ ରହିଲେ ମଧ୍ୟ ସେ ତାଙ୍କ କଲ୍ୟାଣ ବିତରଣ କରିବାରେ ଆଦୌ କୁଣ୍ଠିତ ହୁଅନ୍ତି ନାହିଁ । ଆଜି ନିଜେ ଏହି ମର୍ତ୍ତ୍ୟଧାମରେ ଉପସ୍ଥିତ ରହି ଅନେକ ସ୍ଥୂଳ ଯନ୍ତ୍ରଣା, କଷ୍ଟ ସ୍ୱୀକାର କରି ଅବିଶ୍ରାନ୍ତ ଭାବରେ ନିଜର ପ୍ରିୟ ଅମୃତସନ୍ତାନମାନଙ୍କୁ ଜ୍ଞାନାଲୋକ ପ୍ରଦାନ କରି ବାଲ୍ୟକାଳରୁ ହିଁ ଚେତନ କରାଇବାର ଯେଉଁ ଅଭିନବ କୌଶଳ ରଚନା କରିଛନ୍ତି, ତାହାକୁ କେବଳ ଅନୁଭବୀ ବ୍ୟତୀତ ଅନ୍ୟକେହି ଜାଣି ପାରିବେ ନାହିଁ । ବିଭିନ୍ନ ମହାପୁରୁଷମାନଙ୍କ ଜୀବନୀ ପ୍ରକାଶ ଛଳରେ ଶିଶୁମାନଙ୍କର ଅଭିଭାବକମାନଙ୍କୁ ପରୋକ୍ଷ ନିର୍ଦ୍ଦେଶ ଦେଇ ଚାଲିଛନ୍ତି, ତାଙ୍କର ଅମୃତ ଶିଶୁ ତଥା ଆଗାମୀ କାଲିର ଭବିଷ୍ୟତକୁ ଅଜ୍ଞାନର ଅନ୍ଧକାର ଗହ୍ୱରକୁ କ୍ଷେପଣ ନକରି ଉପଯୁକ୍ତ ଦିଗ୍‌ଦର୍ଶନ ଦ୍ୱାରା ସେମାନଙ୍କର ଚରିତ୍ର ଗଠନ କରି ଚୈତନ୍ୟ ସ୍ତରରେ ପହଞ୍ଚାଇ ଦେବା ପାଇଁ ।*

**('ଚରମ' : ନବମ ପୁଷ୍ପ : ପଞ୍ଚମ ପାଖୁଡ଼ା : ୪୮ (ଅଷ୍ଟଚତ୍ୱାରିଂଶତ୍ତମ) ସଂଖ୍ୟା ଅନୁଶ୍ରୁତିରୁ)**

## ବିସ୍ମୟ ଶ୍ରଦ୍ଧାନନ୍ଦ

ରାତ୍ରିର ଶେଷପ୍ରହରରେ ମା' ମାଧବୀ ଦେଖନ୍ତି ଯେ, ତାଙ୍କ ଅଲିଅଳ 'ଶର' ଘରେ ନାହିଁ । ମନରେ ଅନେକ ଆଶଙ୍କା ଭରିଗଲା । ବାୟାଣୀପ୍ରାୟ ହୋଇ ଖୋଜି ଖୋଜି ମାଧବଙ୍କ ନିକଟକୁ ଯାଉଥିବା ସମୟରେ ବାଟରେ ଦେଖିଲେ ତାଙ୍କ 'ଶର' ଖୁବ୍ ଆନନ୍ଦ ମନରେ ଫେରୁଛି । 'କେଉଁ ସ୍ଥାନକୁ ଯାଇଥିଲୁ ?'- ପଚାରିଦେଲେ ମା'। 'ଶର' କହିଲା, 'ମା' ! ଘରକୁ ଚାଲ, ସମସ୍ତ ଘଟଣା କହିବି ।'' ଘରକୁ ଆସି ଶର ଗତରାତ୍ରିର ସମସ୍ତ ରହସ୍ୟ ମା'ଙ୍କ ଆଗରେ ପ୍ରକାଶ କରିଦେଲା । ବିବାହ ପାଇଁ ସମ୍ମତି ପାଇ ମା' ଆନନ୍ଦରେ ବିହ୍ୱଳ ହୋଇଗଲେ ।

ସମୟ ଗଡ଼ିଚାଲିଲା । ପିତା, ମାତାଙ୍କ ଇଚ୍ଛା ଅନୁସାରେ ଶ୍ରଦ୍ଧାନନ୍ଦ ସଂସାର କରି ସାରିଛନ୍ତି । ଭକ୍ତର ଆକୁଳ ନିବେଦନ ଭଗବାନଙ୍କ ନିକଟରେ କଦାପି ଅସଫଳ ହୁଏନାହିଁ । ତେଣୁ ଶ୍ରଦ୍ଧାନନ୍ଦଙ୍କ ମନୋଭାବକୁ ଉପଯୁକ୍ତ ସମ୍ମାନ ଦେବାପରି ସୁଗୃହିଣୀଟିଏ ପାଇଛନ୍ତି । ମମତାମୟୀ ମା' ମାଧବୀ, ପତ୍ନୀ ସୁମତି ଓ ପିତା ସଉରାଙ୍କ ଗହଣରେ ବୈକୁଣ୍ଠସମ ସଂସାରରେ ନିର୍ଲିପ୍ତ ଭାବରେ ଶ୍ରଦ୍ଧାନନ୍ଦ ଗୁରୁଆଜ୍ଞା ନିଷ୍ଠାର ସହ ପାଳନ କରିଚାଲିଛନ୍ତି । ଦିନକୁ ଦିନ ମାଧବଙ୍କ ପାଇଁ ଆତ୍ମହରା ହୋଇ ଉଠୁଥା'ନ୍ତି । ଲୀଳାମୟଙ୍କ ଲୀଳା ଅନନ୍ତ ।

ଭକ୍ତର ବ୍ୟାକୁଳତା ଯେତେ ବଢ଼ି ବଢ଼ି ଚାଲେ, ତାଙ୍କର ଖେଳ ସେତେ ମଧୁମୟ ହୋଇଯାଏ । ଶ୍ରଦ୍ଧାନନ୍ଦଙ୍କର ନିର୍ଲିପ୍ତ ଭାବ, ବ୍ରାହ୍ମଣ, ବୈଷ୍ଣବ, ସାଧୁ, ସନ୍ଥ ପ୍ରୀତି ଏବଂ ଗୃହର ପ୍ରତ୍ୟେକ ଅନ୍ତେବାସୀଙ୍କ ପ୍ରତି ବ୍ରହ୍ମଜ୍ଞାନଯୁକ୍ତ ସେବାରେ ଅତ୍ୟନ୍ତ ସନ୍ତୋଷ ଲାଭକରି କଷଟି ପଥରରେ ଥରେ କଷି ନେବାପାଇଁ ମନସ୍ଥ କଲେ ।

ସୃଷ୍ଟିଚକ୍ରର ନିୟମରେ ସତୀ ସୁମତିଙ୍କ ପବିତ୍ର ଗର୍ଭରୁ ଯଥାସମୟରେ ପୁତ୍ର ସନ୍ତାନଟିଏ ଜନ୍ମହେଲା । ପରିବାରରେ ଆଉଜଣେ ନୂତନ ସଦସ୍ୟଙ୍କର ଆଗମନରେ ଘରଟି ଆହୁରି କମନୀୟ, ଚଞ୍ଚଳ ହୋଇ ଉଠିଲା । ଏହିଠାରୁ ମାୟାଧରଙ୍କ ଖେଳ ଆରମ୍ଭହେଲା । ଶ୍ରଦ୍ଧାନନ୍ଦ ପୂର୍ବବତ୍ ଅନାସକ୍ତ ରହିଲେ । ପୁତ୍ର ପ୍ରାପ୍ତିରେ ତାଙ୍କର ସେପରି କୌଣସି ପରିବର୍ତ୍ତନ ହେଲାନାହିଁ । କିନ୍ତୁ, ପୁତ୍ରମୋହରେ ଅଧୀରା ପତ୍ନୀ ସୁମତି ସ୍ୱାମୀଙ୍କର ଏହି ଭାବକୁ ସହଜରେ ଗ୍ରହଣ କରିପାରିଲେ ନାହିଁ । ତାଙ୍କର ଇଚ୍ଛା, ସ୍ୱାମୀ ପୁଅକୁ କୋଳରେ ଧରି ସେ ଖେଳନ୍ତେ, ପୁଅକୁ ଖେଳାନ୍ତେ । ଛୋଟ ପିଲାଟିକୁ ଭଲଭାବରେ ଆଭୂଷଣମଣ୍ଡିତ କରନ୍ତେ ଇତ୍ୟାଦି । ମାତ୍ର ଗୃହସ୍ଥ ଯୋଗୀର ଜୀବନ ବିତାଉଥିବା ଶ୍ରଦ୍ଧାନନ୍ଦଙ୍କ ନିକଟରେ ଏ ସମସ୍ତ ବାହ୍ୟ ସୌନ୍ଦର୍ଯ୍ୟର ମୂଲ୍ୟ କିଛି ରହିଲା ନାହିଁ । ଦିନକୁଦିନ ସୁମତି ଅସହିଷ୍ଣୁ ହୋଇଗଲେ । ସ୍ୱାମୀଙ୍କର ନୀରବତା, ଅନାନ୍ତରିକ ସ୍ନେହ, ମମତାଆଦି ଗୁଣ ତାଙ୍କୁ ଛଳନାପରି ପ୍ରତୀୟମାନ ହେଲା । ତେଣୁ ଧୀରେ ଧୀରେ ସ୍ୱାମୀଙ୍କୁ ସନ୍ଦେହ, ଅବିଶ୍ୱାସ କଲେ । ପୁଅର ଏବଂ ତାଙ୍କର ଆଧୁନିକ ଚଳଣି ପାଇଁ ଅନାବଶ୍ୟକ ମୂଲ୍ୟବାନ ବସ୍ତୁ ପାଇଁ ଦାବି କଲେ । ଜିଦ୍ କଲେ । ପ୍ରଥମ ପର୍ଯ୍ୟାୟରେ ଶ୍ରଦ୍ଧାନନ୍ଦ ନିଜ ନିଷ୍ପତ୍ତିରେ ଅଟଳ ରହିଲେ । ସର୍ବନିମ୍ନ ଆବଶ୍ୟକତାକୁ ନିଜର ସାମର୍ଥ୍ୟ ମଧ୍ୟରେ ସୀମିତ ରଖି ପରିବାର ପରିଚାଳନା କରୁଥିଲେ । ପତ୍ନୀଙ୍କର କୌଣସି ପ୍ରତିରୋଧ, କ୍ରୋଧ, ବିଷାଦ, ଅସହିଷ୍ଣୁତା ତାଙ୍କୁ ବିଚଳିତ କରିପାରୁନଥିଲା । ମାତ୍ର ବିଧିର ବିଧାନ ଅତି ବିଚିତ୍ର । ପରୀକ୍ଷାଜାଲର ସୂତ୍ରକୁ ନିଜ ହାତରେ ରଖି ମାୟାଧର ଅବିଳମ୍ବେ ଯୋଗମାୟାଙ୍କ ନିକଟକୁ ନିର୍ଦ୍ଦେଶ ପ୍ରେରଣ କଲେ । ପିତାଙ୍କ ନିର୍ଦ୍ଦେଶପାଇ ଯୋଗମାୟା ସୂକ୍ଷ୍ମସତ୍ତା ଗ୍ରହଣ ପୂର୍ବକ ପତ୍ନୀ ସୁମତୀଙ୍କ ଶରୀରରେ ପ୍ରବେଶ କଲେ । ଅବଶ୍ୟ ଅଶେଷ ମାୟା ବିସ୍ତାର କରି ତାଙ୍କୁ ଅନେକ ଶ୍ରମ ସ୍ୱୀକାର କରିବାକୁ ପଡ଼ିଲା । ଶେଷରେ ସେ ବିଜୟିନୀ ହେଲେ । ହିମାଳୟପରି ଦୃଢ଼ଥିବା ଶ୍ରଦ୍ଧାନନ୍ଦ ପତ୍ନୀଙ୍କ ମାଧ୍ୟମରେ ମାୟାଙ୍କ ଦ୍ୱାରା ବନ୍ଦୀ ହୋଇଗଲେ । ଅନେକ ଦିନଧରି ଭାବରାଜ୍ୟରେ ସୁପ୍ତ ହୋଇଯାଇଥିବା 'ମୁଁ' ଓ 'ମୋର' ତାଙ୍କ ମନକୁ ଆଚ୍ଛନ୍ନ କରିଦେଲା । ବାଧ୍ୟଶିଶୁଟି ପରି ପତ୍ନୀଙ୍କର ଆଜ୍ଞାଧୀନ ହୋଇଗଲେ । ତାଙ୍କୁ (ପତ୍ନୀ) ସନ୍ତୁଷ୍ଟ କରିବା ପାଇଁ ଅନୀତି କର୍ମ କରିବାକୁ ମଧ୍ୟ ପଶ୍ଚାତ୍‌ପଦ ହେଲେନାହିଁ । ଏପରି ଅବସ୍ଥା ଉପନୀତ ହେଲା ଯେ, ପତ୍ନୀଙ୍କ ପ୍ରରୋଚନାରେ ମା'ଙ୍କର ହିତ ଉପଦେଶ ଗ୍ରହଣ କରିବା ପରିବର୍ତ୍ତେ ତାଙ୍କୁ ହେୟଜ୍ଞାନ କରି ପରିବାରର ଏକ ଅଲୋଡ଼ା, ଅବାଞ୍ଛିତ ସଦସ୍ୟ ଭାବରେ ବ୍ୟବହାର କଲେ । ଧନ୍ୟ ପ୍ରଭୁ ! ତୁମର ଲୀଳା । କାହାକୁ କେତେବେଳେ କେଉଁ ଅବସ୍ଥାକୁ ତୁମେ ନେଇଯାଅ, ତାହା ତୁମ ବ୍ୟତୀତ ଆଉ କିଏ ବୁଝିପାରିବ ? ଯେଉଁ ଜନନୀ ଦିନେ ଅଲିଅଳପୁଅ ପାଇଁ ସର୍ବସ୍ୱ ତ୍ୟାଗ କରିଥିଲେ, ଯାହାଙ୍କ ପ୍ରେରଣାରେ ପୁଅ ତାଙ୍କର 'ଶର'ରୁ 'ଶ୍ରଦ୍ଧାନନ୍ଦ' ହୋଇଥିଲା, ଏବଂ ଯେଉଁ ମା'ଙ୍କୁ 'ଶର'-'ଶ୍ରଦ୍ଧାନନ୍ଦ' ଦେବୀଙ୍କ ଆସନରେ ବସାଇ ଭକ୍ତିଅର୍ଘ୍ୟ ପ୍ରଦାନ କରୁଥିଲେ, ଆଜି ସମସ୍ତ ପରିବେଶ ସମ୍ପୂର୍ଣ୍ଣ ବିପରୀତ

ଅବସ୍ଥାରେ ପହଞ୍ଚିଗଲା । ପତ୍ନୀ ସର୍ବସ୍ୱ ହୋଇ ଶ୍ରଦ୍ଧାନନ୍ଦ ନିଜର ବିବେକଜ୍ଞାନ ହଜାଇଦେଲେ । ବିଜୟିନୀ ସୁମତି ଉଲ୍ଲସିତ ହେଉଥିବା ସମୟରେ ପୁତ୍ରବତ୍ସଳା ଜନ୍ମଦାତ୍ରୀ ହତାଶ ଓ ଦୁଃଖର ଲୋତକ ଢାଳି ଚାଲିଥିଲେ । ଅନ୍ତର ଦେବତା ମାଧବଙ୍କ ନିକଟରେ ଅନେକ କାନ୍ଦିଲେ, ମୁଣ୍ଡ ପିଟିଲେ । କିନ୍ତୁ କିଛି ଲାଭ ହେଲା ନାହିଁ । ହେବ ବା କିପରି ? ଏ ପରିସ୍ଥିତି ତ ସେ ନିଜେ ସ୍ୱୟଂ ସୃଷ୍ଟି କରିଛନ୍ତି । ଗୋଟିଏ ଗୁଳିରେ ଦୁଇଟି ଶିକାର ଅତିକୌଶଳରେ କରିଛନ୍ତି । ପ୍ରଥମ ଶିକାରରେ ଶ୍ରଦ୍ଧାନନ୍ଦ ମାୟାରେ ବନ୍ଦୀ, ଦ୍ୱିତୀୟରେ ମାଧବୀଙ୍କର ପୁତ୍ର ମୋହ ଉପରେ କୁଠାରଘାତ । ମାଧବୀଙ୍କୁ ସେ ଅନୁଭବ କରାଇବାକୁ ଚାହିଁଲେ ଯେ, ‘‘ପୁଅକୁ ସଂସାରରେ ସାରୁପତ୍ର-ଜଳର ସମ୍ପର୍କ ରଖି ଚଳିବାକୁ ଉପଦେଶ ଦେଉଥିଲୁ, କିନ୍ତୁ ତୁ ନିଜେ କିପରି ପୁତ୍ର ମୋହରେ ବନ୍ଦୀ ହୋଇ ‘ମୋର ପୁଅ’ ବୋଲି ବିଚାର କରି ବିବ୍ରତ ହେଉଅଛୁ ? ଭଲକରି ବୁଝିନେ, ଏ ସଂସାର ହେଉଛି ମୋର ଖେଳଘର । ଏଠି କେହି କାହାର ନିଜର ନୁହଁନ୍ତି ବା କେହି କାହାର ପର ନୁହଁନ୍ତି । ସବୁଠାରେ କେବଳ ‘ମୁଁ’ ହିଁ ବିରାଜିତ । ମୋ ଇଚ୍ଛାରେ ହିଁ ଏ ସୃଷ୍ଟି, ସଂସାର ପରିଚାଳିତ ହେଉଛି । ତେଣୁ ଏକା ‘ମୁଁ’ ହିଁ ତୋର ନିଜର ଅଟେ ।’’ ସୁତରାଂ ସବୁ ଅନର୍ଥ ସୃଷ୍ଟି କରନ୍ତି ସେ ଏବଂ ସମାଧାନ କରନ୍ତି ମଧ୍ୟ ସେ ।

ମାଧବୀ ଶେଷରେ ତାଙ୍କର କୃପାପ୍ରାପ୍ତ ହୋଇ ବାସ୍ତବତାକୁ ଅନୁଭବ କରିଛନ୍ତି ଏବଂ ଦୁଃଖ ପରିବର୍ତ୍ତେ ସଂସାର ଓ ଘର ପରିବାର ପ୍ରତି ଅନାସକ୍ତ ହୋଇ ମାଧବଙ୍କ ଚରଣାରବିନ୍ଦରେ ନିଜକୁ ସମର୍ପଣ କରି ଦେଇଛନ୍ତି । ଭାବଗ୍ରାହୀ ସେ । ମାଧବୀଙ୍କର ସୃଷ୍ଟିଲୀଳା ସମାପ୍ତ କରି ତାଙ୍କୁ ଏ ମରଜଗତରୁ ନିଜ ଶ୍ରୀପଦପଙ୍କଜକୁ ଟେକି ନେଇଛନ୍ତି । ମାଧବୀଙ୍କର ଦେହାବସାନର ମାତ୍ର ଏକମାସ ମଧ୍ୟରେ ପତ୍ନୀବିରହ ସହ୍ୟ କରି ନପାରି ସଉରା ମଧ୍ୟ ଦେହତ୍ୟାଗ କରିଛନ୍ତି । ବର୍ତ୍ତମାନ ଶ୍ରଦ୍ଧାନନ୍ଦଙ୍କର ସଂସାର କହିଲେ, ତାଙ୍କର ସ୍ତ୍ରୀ ସୁମତି ଓ ବାଳୁତପୁତ୍ର । ମୋହିନୀମାୟାରେ ବନ୍ଦୀ ଶ୍ରଦ୍ଧାନନ୍ଦ ଦୈନନ୍ଦିନ କର୍ମଯୋଗ ମଧ୍ୟ ପରିହାର କରିଦେଇଛନ୍ତି । ବ୍ରହ୍ମଯୋଗୀରୁ ବିଷୟାଭୋଗୀରେ ରୂପାନ୍ତରିତ ହୋଇ ବେଶ୍ ସୁଖରେ କାଳାତିପାତ କରୁଛନ୍ତି ।

*କ୍ରମଶଃ...*

ଅସଲ ପରୀକ୍ଷା ବେଳ ହେଲାଣି
ବଦଳାଇ ଦେଏ ପୁରୁଣା ଠାଣି ।
ଗର୍ବ ଦମ୍ଭ ବଡ଼ ପଣିଆ ଯେତେ
ଅଜାଡ଼ି ଦେ ଗୁରୁ ପାଦ ଅଗ୍ରତେ ॥

ନିଜକୁ ଭାବିବୁ ଯଦି ଶ୍ରୀଗୁରୁ ସେବକ
ସରଳ ହୋଇବ ମନ ଜାଗିବ ବିବେକ ।
ଭାଇ ନଭାବି ଆନର ସାଜିଲେ ମୁନିବ
ଅଦିନିଆ ଝଡ଼େ ବଡ଼ପଣ ଭାସିଯିବ ॥

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

## ଧର୍ମବିଜ୍ଞାନ

ଏ ଜଗତ-ପଞ୍ଚେନ୍ଦ୍ରିୟଗ୍ରାହ୍ୟ ଏ ଜଗତ - ଯାହାର ତତ୍ତ୍ୱ ଆମେ ଯୁକ୍ତି ଓ ବୁଦ୍ଧିବଳରେ ବୁଝିପାରୁଁ, ତା'ର ଉଭୟ ପାଖ ଅନନ୍ତ, ଉଭୟ ଦିଗ ଅଜ୍ଞେୟ-ଚିର ଅଜ୍ଞାତ । ଯେଉଁ ଜ୍ଞାନାଲୋକ ଧର୍ମ ନାମରେ ପରିଚିତ ଓ ବିଖ୍ୟାତ, ସେହି ଧର୍ମର ତତ୍ତ୍ୱ ସମସ୍ତଙ୍କ ଭିତରେ ଅବସ୍ଥିତ । ଏହାରି ମଧ୍ୟରେ ସୀମାବଦ୍ଧ ଅଛି ସକଳ ଅନୁସନ୍ଧାନ, ଅନ୍ୱେଷଣ, ସକଳ ପ୍ରଶ୍ନ, ସକଳ ଘଟଣା-ପରମ୍ପର । କିନ୍ତୁ ସ୍ୱରୂପତଃ ଧର୍ମ ଅତୀନ୍ଦ୍ରିୟ ଭୂମିର ଅଧିକାର ଭୁକ୍ତ, ତାହା ଇନ୍ଦ୍ରିୟ ରାଜ୍ୟର ଅଧିକାରରେ ନାହିଁ, ନଥାଏ ମଧ୍ୟ । ତେଣୁ ତାହା ସବୁ ପ୍ରକାର ଯୁକ୍ତିର ମଧ୍ୟ ଅତୀତ, ସୁତରାଂ ତାହା ବୁଦ୍ଧିର ରାଜ୍ୟ ମଧ୍ୟରେ ବି ଖୋଜି ହେଲେ ମିଳେ ନାହିଁ । ସତେ ଯେପରି ତାହା ଏପରି ଗୋଟିଏ ଦିବ୍ୟଦର୍ଶନ, ଗୋଟିଏ ଦୈବୀ ପ୍ରେରଣା, ଅଜ୍ଞାତ ଓ ଅଜ୍ଞେୟର ସମୁଦ୍ରରେ ଏପରି ଗୋଟିଏ ଲମ୍ଫ ପ୍ରଦାନ, ଯାହା ଦ୍ୱାରା ଅଜ୍ଞେୟକୁ ଜାଣିବା ଅପେକ୍ଷା ମଧ୍ୟ ଅଧିକ ପରିଚିତ କରାଇଦିଏ, କାରଣ ତାହା କେବେହେଲେ ଜ୍ଞାତ ହୋଇପାରେ ନାହିଁ । ମୋର ବିଶ୍ୱାସ-ମାନବ ସମାଜର ପ୍ରାରମ୍ଭରୁ ମଣିଷ ମନରେ ଏହି ଧର୍ମତତ୍ତ୍ୱର ଅନୁସନ୍ଧାନ ଆଜିପର୍ଯ୍ୟନ୍ତ ଚାଲିଆସିଛି । ଏବେ ସୁଦ୍ଧା ଚାଲିଛି ଓ ଚାଲୁଛି । ବିଶ୍ୱ ଇତିହାସରେ ଏପରି ସମୟ କେବେ ବି ଆସିନାହିଁ, ଯେତେବେଳେ ମଣିଷର ମୁକ୍ତି, ଯୁକ୍ତି ଓ ବୁଦ୍ଧି ଗୋଟିଏ ଜଗଦ୍ ଅତୀତ ବସ୍ତୁପାଇଁ ଏପରି ଅନୁସନ୍ଧାନ - ଏପରି ପ୍ରାଣପଣ ଲଗାଇ ଚେଷ୍ଟା ନ କରିଛି ।

ଆମର ଏହି କ୍ଷୁଦ୍ର ବ୍ରହ୍ମାଣ୍ଡରେ - ମଣିଷର ଏହି ମନରେ ଆମେ ଦେଖିବାକୁ ପାଉ, ଗୋଟିଏ ଚିନ୍ତା ଯେତେବେଳେ ଉଦୟ ହେଉଛି, କେଉଁଠାରୁ ତାହା ଉଦୟ ହେଲା ତାହା ଆମେ ଜାଣୁନାହୁଁ । ପୁଣି ଯେତେବେଳେ ସେ ଚିନ୍ତା ଅପସରି ଯାଉଛି, ତାହା କେଉଁଠାକୁ ଗଲା ତା'ବି ଆମେ ଜାଣି ପାରୁନାହୁଁ । ବର୍ହିଜଗତ ଓ ଅର୍ନ୍ତଜଗତ ସତେ ଯେପରି ଗୋଟିଏ ରାସ୍ତାରେ ଚାଲଛି, ଗୋଟିଏ ପ୍ରକାର ଅବସ୍ଥା ଭିତର ଦେଇ ସତେ ଯେପରି ଉଭୟକୁ ହିଁ ଚାଲିବାକୁ ହେଉଛି । ଉଭୟ ଯେପରି ଗୋଟିଏ ସ୍ୱରରେ ବାଜୁଛି ।

ଏସବୁ ଆଲୋଚନାରେ ମୁଁ ତୁମମାନଙ୍କୁ ଏହି ଗୋଟିଏ ମତ ବ୍ୟାଖ୍ୟା କରି ବୁଝାଇବା ପାଇଁ ଚେଷ୍ଟା କରିବି ଯେ, ଧର୍ମ ମଣିଷ ଭିତରୁ ହିଁ ଉତ୍ପନ୍ନ । ତାହା ବାହାରୁ ବା ବାହାରେ ସୃଷ୍ଟି ହୁଏ ନାହିଁ । ମୋର ବିଶ୍ୱାସ-ଧର୍ମଚିନ୍ତା ମଣିଷର ପ୍ରକୃତିଗତ । ତାହା ମଣିଷର ସ୍ୱଭାବ ସହିତ ଏପରି ଅଚ୍ଛେଦ୍ୟ ଭାବରେ ଜଡ଼ିତ ଯେ, ଯେତେଦିନ ଧରି ସେ ନିଜ ଦେହ ଓ ମନକୁ ଅସ୍ୱୀକାର ନ କରିଛି, ଯେତେଦିନ ପର୍ଯ୍ୟନ୍ତ ସେ ଚିନ୍ତା ଓ ଜୀବନ ତ୍ୟାଗ ନକରିଛି, ସେତେଦିନ ତା'ପକ୍ଷରେ ଧର୍ମକୁ ତ୍ୟାଗ କରିବା ମଧ୍ୟ ଅସମ୍ଭବ । ମଣିଷର ଚିନ୍ତାଶକ୍ତି ଯେତେଦିନ ଧରିଥିବ, ସେତେଦିନ ଧରି ଚେଷ୍ଟା ମଧ୍ୟ ଚାଲିବ ଏବଂ ସେତେଦିନ କୌଣସି ନା

କୌଣସି ଆକାରରେ ତା'ର ଧର୍ମ ମଧ୍ୟ ରହିବ ହିଁ ରହିବ । ଏଥିପାଇଁ ତୁମେ ଏ ପୃଥିବୀରେ ନାନା ପ୍ରକାର ଧର୍ମ ଓ ସମ୍ପ୍ରଦାୟ ଦେଖିପାରୁଛ । ଅବଶ୍ୟ ମୋର ଏ ଆଲୋଚନା ହୁଏତ ତୁମକୁ ହତବୁଦ୍ଧି କରିଦେଇପାରେ, କିନ୍ତୁ ତୁମ ଭିତରୁ ଅଧିକାଂଶ ଯେ ଏପରି ଚର୍ଚ୍ଚାକୁ ବୃଥା କଳ୍ପନା ମାତ୍ର ମନେ କରୁଛ, ତାହା ପ୍ରକୃତରେ ଠିକ୍ ନୁହେଁ । ନାନାଦି ଆଘାତ ବିରୋଧୀ ବିଶୃଙ୍ଖଳା ଭିତରେ ପ୍ରଚ୍ଛନ୍ନରେ ଗୋଟିଏ ସାମଞ୍ଜସ୍ୟ ଅଛି, ଏସବୁ ବେସୁରା ବେତାଳ ଭିତରେ ବି ଗୋଟିଏ ପ୍ରକାର ଏକତାଳ, ଏକତାନ ଅଛି । ଯିଏ ତାହା ଶୁଣିବାକୁ ପ୍ରସ୍ତୁତ, କେବଳ ସେ ହିଁ ସେ ସ୍ୱର ଓ ତାନ ଶୁଣି ପାରିବ ।

ବର୍ତ୍ତମାନ ସବୁ ସନ୍ଦେହ ଓ ସବୁ ପ୍ରଶ୍ନ ମଧ୍ୟରେ ପ୍ରଧାନ ଓ ପ୍ରଥମ ପ୍ରଶ୍ନ ହେଉଛି ଏହା : ମାନିଲି-ଜ୍ଞାତ ଓ ଜ୍ଞେୟ ଉଭୟ ପଟରେ ଅଜ୍ଞେୟ ଓ ଅନନ୍ତ ଅଜ୍ଞାତ ଓ ଅଜ୍ଞେୟ ରହିଛି । କିନ୍ତୁ ସେହି ଅନନ୍ତ ଅଜ୍ଞାତକୁ ଜାଣିବା ପାଇଁ କାହିଁକି ଏ ଚେଷ୍ଟା ? ମଣିଷ କାହିଁକି ଜ୍ଞାତ ଓ ଜ୍ଞେୟକୁ ନେଇ ସନ୍ତୁଷ୍ଟ ନୁହେଁ ? ଆମେ କାହିଁକି କେବଳ ପାନ ଭୋଜନ, ଶୟନ ମୈଥୁନ ତଥା ସମାଜର କିଛି କଲ୍ୟାଣ ସାଧନ କରି ସନ୍ତୁଷ୍ଟ ରହିପାରୁନାହୁଁ ? ଏପରି କଥା ଆଜିକାଲି ଅନେକଙ୍କ ମୁହଁରୁ ଶୁଣିବାକୁ ମିଳୁଛି । ବଡ଼ ବଡ଼ ବିଦ୍ୱାନପଣ୍ଡିତ, ଅଧ୍ୟାପକ, ଶିକ୍ଷକ, ବୁଦ୍ଧିଜୀବୀଙ୍କ ଠାରୁ ଆରମ୍ଭ କରି ସାଧାରଣ ନେତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମୁହଁରୁ ଶୁଣିବାକୁ ମିଳେ - ଜଗତର ଉପକାର କର । ତାହାହିଁ ଏକମାତ୍ର ଧର୍ମ । ଜଗତ-ଅତୀତ ସତ୍ତାର ସମସ୍ୟାକୁ ନେଇ ଖୋଳତାଡ଼ କରିବାରେ କୌଣସି ଫଳ ନାହିଁ । ଏହି ଭାବଟି ବର୍ତ୍ତମାନ ସମୟରେ ଏତେ ପ୍ରବଳ ହୋଇଛି ଯେ, ସତେ ଯେପରି ସମସ୍ତଙ୍କ ପାଇଁ ଏହା ଗୋଟିଏ ସ୍ୱତଃସିଦ୍ଧ ସତ୍ୟ ଓ ସିଦ୍ଧାନ୍ତ ହୋଇ ଛିଡ଼ା ହୋଇଛି ।

କିନ୍ତୁ ସୌଭାଗ୍ୟ କ୍ରମେ ସେହି ଜଗଦ୍ ଅତୀତ ସତ୍ତାର ଅନୁସନ୍ଧାନ ନକରି ଚୁପଚାପ୍ ବସି ରହିବାର କ୍ଷମତା ମଧ୍ୟ ମଣିଷର ନାହିଁ । ବର୍ତ୍ତମାନର ବ୍ୟକ୍ତ ଦୃଶମାନ୍ ଜଗତ ହିଁ ସେହି ଅବ୍ୟକ୍ତ ଅପ୍ରକାଶ୍ୟ ଇନ୍ଦ୍ରିୟାତୀତ ସତ୍ତାର ଗୋଟିଏ କ୍ଷୁଦ୍ରାଦପି କ୍ଷୁଦ୍ର ଅଂଶ ମାତ୍ର । ଏହି ପଞ୍ଚେନ୍ଦ୍ରିୟ ଗ୍ରାହ୍ୟ ଜଗତ ସେହି ଅନନ୍ତ ଆଧ୍ୟାତ୍ମିକ ଜଗତର ଗୋଟିଏ କ୍ଷୁଦ୍ର ଅଂଶ, ତାହା ଆମ୍ଭମାନଙ୍କର ଇନ୍ଦ୍ରିୟାନୁଭୂତିର ସ୍ତରରେ ଆସି ପଡ଼ି ରହିଛି । ସୁତରାଂ ଜଗତର ଅତୀତକୁ ନଜାଣିଲେ, କିପରି ତା'ର ଏହି କ୍ଷୁଦ୍ର ପ୍ରକାଶର ବ୍ୟାଖ୍ୟା ଆଲୋଚନା ଇତ୍ୟାଦି ହୋଇପାରିବ? ତା'କୁ ବୁଝି ପାରିବା ଅବା କିପରି ? ଇତିହାସ ପୃଷ୍ଠାରୁ ଜଣାଯାଏ -ଦିନେ ସେ ସମୟର ମହାନ ଦାର୍ଶନିକ ସକ୍ରେଟିସ୍ ଏଥେନ୍ସରେ ବକ୍ତୃତା ଦେଉଥିଲେ । ଏପରି ସମୟରେ ତାଙ୍କ ସହିତ ଜଣେ ବ୍ରାହ୍ମଣଙ୍କର ସାକ୍ଷାତ ହେଲା । ସେ ଭାରତରୁ ଗ୍ରୀସ୍ ଦେଶକୁ ଭ୍ରମଣ କରିବାକୁ ଯାଇଥିଲେ । ସକ୍ରେଟିସ୍ ସେହି ବ୍ରାହ୍ମଣଙ୍କୁ କହିଲେ- ମଣିଷକୁ ଜାଣିବା ହିଁ ମାନବଜାତିର ସର୍ବୋଚ୍ଚ କର୍ତ୍ତବ୍ୟ । ମଣିଷ ହିଁ କେବଳ ମଣିଷର ସର୍ବୋଚ୍ଚ ଆଲୋଚନାର ବସ୍ତୁ । ଏହା ଶୁଣି ଭାରତୀୟ ବ୍ରାହ୍ମଣ ସଙ୍ଗେ ସଙ୍ଗେ ଉତ୍ତର ଦେଇ କହିଲେ - ଯେତେଦିନ ପର୍ଯ୍ୟନ୍ତ ଈଶ୍ୱରଙ୍କୁ ଜାଣି ନାହଁ, ସେତେଦିନ ପର୍ଯ୍ୟନ୍ତ ମଣିଷକୁ କିପରି ଜାଣିବ ? ଏହି ଈଶ୍ୱର, ଏହି ଚିର ଅଜ୍ଞେୟ ନିରପେକ୍ଷ ସତ୍ତା ବା ଅନନ୍ତ ହିଁ କେବଳ ସବୁକିଛିର ଏକମାତ୍ର ଯୁକ୍ତିଯୁକ୍ତ ବ୍ୟାଖ୍ୟା ସ୍ୱରୂପ । ଯେକୌଣସି ବସ୍ତୁ କଥା ଧରାଯାଉ । ଯେକୌଣସି ବିଦ୍ୟା କଥା ଧରାଯାଉ । ତା' ବିଷୟରେ ଆଲୋଚନା ଓ ତତ୍ତ୍ୱ ଅନୁସନ୍ଧାନ କରି କ୍ରମଶଃ ଆଗେଇ ଚାଲିଲେ ତା'କ୍ରମେ ସୂକ୍ଷ୍ମରୁ ସୂକ୍ଷ୍ମତର

ପଦାର୍ଥରେ ଲୟ ପାଇଯିବ । ଶେଷକୁ ତାହା ଏପରି ଏକ **ସ୍ଥାନରେ ଯାଇ** ପହଞ୍ଚିବ, ସେତେବେଳେ ସବୁ **ଛାଡ଼ି ଚୈତନ୍ୟକୁ** ଯିବାକୁ ହେବ । ସବୁର ସ୍ଥୂଳତ୍ୱ କ୍ରମଶଃ **ସୂକ୍ଷ୍ମରେ** ମିଳେଇ ଯାଏ । ପଦାର୍ଥ ବିଦ୍ୟା **ଦର୍ଶନଶାସ୍ତ୍ରରେ** ପର୍ଯ୍ୟବସିତ ହୁଏ ।

ଏହିପରି ଭାବରେ ମଣିଷକୁ ବାଧ ହୋଇ ଜଗତ୍ ଅତୀତଙ୍କ ସତ୍ତାର ଆଲୋଚନା କରିବାକୁ ହୁଏ । ଯଦି ଆମେ ସେହି ତତ୍ତ୍ୱ ଜାଣି ନପାରିବା, ତେବେ ଜୀବନ ତୁଚ୍ଛା ମରୁଭୂମି ହୋଇଯିବ, ମଣିଷ ଜନ୍ମ ଓ ଜୀବନ ବୃଥା ହେବ । ବର୍ତ୍ତମାନ ସମୟରେ ଯାହା ଦେଖୁଛ ଓ ପାଇଛ, ତା'କୁ ନେଇ ତୃପ୍ତ ହୁଅ - ଏକଥା କହିବାକୁ ବଡ଼ ସହଜ ଓ ସୁନ୍ଦର । ଏପରି ଭାବ ହିଁ ପଶୁକୁ ପଶୁ କରି ରଖିଛି । ମଣିଷ ଜୀବନ ଲାଭକରି ସେହି ପଶୁ ଭାବରେ ତୃପ୍ତ ଓ ସନ୍ତୁଷ୍ଟ ରହିବାର ଅନ୍ୟ ଅର୍ଥ ପଶୁସ୍ତରକୁ ପୁଣିଥରେ ଫେରିଯିବା । ଲକ୍ଷ୍ୟକରି ଦେଖ ସବୁ ପ୍ରାଣୀଙ୍କ ମଧ୍ୟରେ କେବଳ ମଣିଷ ହିଁ ସ୍ୱଭାବତଃ ଉପରକୁ ଚାହିଁ ଦେଖେ । ଆଉ ସବୁ ପ୍ରାଣୀ ସ୍ୱଭାବତଃ ତଳକୁ ଝୁଙ୍କି ରହିଥାଆନ୍ତି । ଏହା ହିଁ ଅନ୍ୟ ସବୁ ପ୍ରାଣୀ ଠାରୁ ମଣିଷର ସ୍ୱଭାବସିଦ୍ଧ ସିଦ୍ଧି । ଏପରି ଉର୍ଦ୍ଧ୍ୱ ଦୃଷ୍ଟି ଓ ପୂର୍ଣ୍ଣତ୍ୱର ଅନୁସନ୍ଧାନ ହିଁ କେବଳ ପରିତ୍ରାଣ ବା ଉଦ୍ଧାର । ମଣିଷ ଯେତେବେଳେ କେବଳ ଉଚ୍ଚତର ଦିଗକୁ ଯିବାକୁ ଆରମ୍ଭ କରେ, ସେତେବେଳେ ସେ ଏହି ପରିତ୍ରାଣ ରୂପକ ସତ୍ୟର ଧାରଣା ଆଡ଼କୁ ନିଜକୁ ଉଠାଇନିଏ । ଧନ, ସମ୍ପତ୍ତି, ଅର୍ଥ, ଉପାର୍ଜନ, ବସନଭୂଷଣ, କୋଠାବାଡ଼ି ଇତ୍ୟାଦି ଭୌତିକ ବସ୍ତୁ ସକଳ ଉପରେ ତାହା ନିର୍ଭର କରେ ନାହିଁ । ତାହା ନିର୍ଭର କରେ କେବଳ ମସ୍ତିଷ୍କସ୍ଥ ଆଧ୍ୟାତ୍ମିକ ଭାବ ସମ୍ପଦର ତାରତମ୍ୟ ଉପରେ । ତହିଁରେ ହିଁ ମଣିଷ ମଣିଷ ଜାତିର ଉନ୍ନତି, କେବଳ ତାହା ହିଁ ଭୌତିକ ଓ ଆଧ୍ୟାତ୍ମିକ, ଶାରୀରିକ ଓ ମାନସିକ ସବୁ ପ୍ରକାର ଉନ୍ନତିର ମୂଳ । ସେହି ପ୍ରେରଣାଶକ୍ତି ବଳରେ - ସେହି ଉତ୍ସାହ ବଳରେ ମଣିଷ ଜାତି ଆଗରୁ ଆଗକୁ, ସମ୍ମୁଖକୁ ଅଗ୍ରସର ହୋଇଥାଏ ।

ପ୍ରଚୁର ପରିମାଣର ଅନ୍ନ, ପାନୀୟ ସୁରମ୍ୟ ହର୍ମ୍ୟ ଭିତରେ ଧର୍ମ ନାହିଁ । ବାରମ୍ବାର ଧର୍ମ ବିରୁଦ୍ଧରେ ଏହି ଆପତ୍ତି ଅଭିଯୋଗ ଶୁଣିବାକୁ ମିଳେ - ଧର୍ମଦ୍ୱାରା କ'ଣ ଉପକାର ହୋଇପାରେ ? ଏହା କ'ଣ ଦରିଦ୍ରର ଦାରିଦ୍ର୍ୟ ଦୂର କରିପାରେ ? ହଉ, ମନେକର ଦୂର କରି ପାରେ ନାହିଁ । ତା'ହେଲେ ଏହାଦ୍ୱାରା କ'ଣ ଧର୍ମ ଅସତ୍ୟ ବୋଲି ପ୍ରମାଣିତ ହୁଏ ? ମନେକର, ତୁମେ ଜଣେ ଜ୍ୟୋତିଷର ସିଦ୍ଧାନ୍ତ ପ୍ରମାଣ କରିବାକୁ ଚେଷ୍ଟା କରୁଛ, ଗୋଟିଏ ଛୋଟ ପିଲା ତୁମ ପାଖକୁ ଆସି ପଚାରିଲା - ତୁମେ ଯାହା କରୁଛ ସେଥିରୁ କ'ଣ ମନଲାଖି ଭଲଭଲ ଲଡୁ କିମ୍ବା ଖାଇବା ଜିନିଷ ମିଳିପାରିବ ? ତୁମେ କହିବ - ଆରେ ନା, ଏଥିରୁ ସେ ସବୁ କିଛି ମିଳେ ନାହିଁ । ଏହା ଗୋଟିଏ ବଡ଼ କାମ । ସେଇଠୁ ପିଲାଟି କ'ଣ କହିବ ଚିନ୍ତାକର । ସେ କହିବ - ତେବେ ଏ ବଡ଼କାମଟା ସତରେ କିଛି କାମର ନୁହେଁ । ଏବେ ମନସ୍ତତ୍ତ୍ୱକୁ ବିଚାର କର । ସାଧାରଣତଃ ପିଲାମାନେ ସେମାନଙ୍କ ନିଜ ଦୃଷ୍ଟିଭଙ୍ଗୀରୁ ଅର୍ଥାତ୍ ଭଲ ଖାଇବା ଜିନିଷ ମିଳେ କି ନାହିଁ, ଏହି ହିସାବରେ ଜଗତର ସବୁ କିଛିକୁ ବିଚାରି ଥାଆନ୍ତି । କାରଣ ସେମାନେ ଅଜ୍ଞାନ ଶିଶୁ । ସେହିପରି ଯେଉଁମାନେ ଅଜ୍ଞାନତାରେ ଆଚ୍ଛନ୍ନ ବୋଲି ଶିଶୁ ସଦୃଶ, ଏ ସଂସାରରେ ସେମାନଙ୍କର ବିଚାର ବିବେଚନା ମଧ୍ୟ ସେହିପରି । ନିମ୍ନଭୂମିର ଦୃଷ୍ଟିରୁ ଉଚ୍ଚତର ବସ୍ତୁର ବିଚାର କରିବା କେବେହେଲେ ଆଦୌ ଉଚିତ

ନୁହେଁ । ପ୍ରତ୍ୟେକ ବିଷୟକୁ ତା'ର ନିଜସ୍ୱ ମାନ ବା ମୂଲ୍ୟ ଦ୍ୱାରା ହିଁ କେବଳ ବିଚାର କରିବାକୁ ହୁଏ, ହେବ । ଅନନ୍ତ ଦ୍ୱାରା ହିଁ ଅନନ୍ତକୁ ବିଚାର କରିବାକୁ ହେବ । ଧର୍ମ ସମଗ୍ର ମାନବ ଜୀବନରେ ସମ୍ବନ୍ଧ, ଗ୍ରଥିତ ଓ ଅନୁସ୍ୟୂତ । କେବଳ ବର୍ତ୍ତମାନ ସମୟରେ ନୁହେଁ, ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ - ସର୍ବକାଳରେ ସମ୍ବନ୍ଧ ବା ଗୁନ୍ଥା । ଅତଏବ ଏହା ଅନନ୍ତ ଆତ୍ମା ଓ ଅନନ୍ତ ଈଶ୍ୱରଙ୍କ ମଧ୍ୟରେ ଚିରନ୍ତନ ସମ୍ବନ୍ଧର ସେତୁ । ତେଣୁ କ୍ଷଣିକ ମାନବ ଜୀବନର କାର୍ଯ୍ୟଦେଖି ତା'ର ମୂଲ୍ୟ ବିଚାର କରିବା କ'ଣ ନ୍ୟାୟ ସଙ୍ଗତ ? କେବେ ନୁହେଁ, କଦାପି ନୁହେଁ । ଏ ସବୁ ବ୍ରହ୍ମ ସମ୍ବନ୍ଧୀୟ ନେତିମୂଳକ ଯୁକ୍ତି ।

ଏବେ ମୋ ମନ ମଧ୍ୟରେ ପ୍ରଶ୍ନଟିଏ ଉଦୟ ହେଉଛି । ଧର୍ମ ଦ୍ୱାରା କ'ଣ ପ୍ରକୃତରେ କୌଣସି କାର୍ଯ୍ୟ ସମ୍ପନ୍ନ ବା ନିଷ୍ପନ୍ନ ହୁଏ ? ଜ୍ଞାନ ଉତ୍ତର ଦିଏ - ହଁ, ହୁଏ । ଗୋଟିଏ ବଡ଼ ମୂଲ୍ୟବାନ କାର୍ଯ୍ୟ ସାଧନ ହୁଏ । ମଣିଷ ଧର୍ମ ଦ୍ୱାରା ଅନନ୍ତ ଜୀବନ ଲାଭ କରେ । ବର୍ତ୍ତମାନ ମଣିଷ ଯାହା ହୋଇଛି, ତାହା ଏହି ଧର୍ମର ଶକ୍ତିରୁ ହିଁ ହୋଇଛି । ତାହା ହିଁ ଦିନେ ଏ ମଣିଷ ନାମକ ପ୍ରାଣୀକୁ ଦେବତାରେ ପରିଣତ କରିବ । ଦିବ୍ୟାତ୍ମାରେ ରୂପାନ୍ତର କରିଦେବ । କେବଳ ଧର୍ମ ହିଁ ଏହା କରିବାକୁ ସମର୍ଥ । ମଣିଷ ଜୀବନ ଓ ସମାଜରୁ ଧର୍ମକୁ ବାଦ୍ ଦେଲେ, ଅବଶିଷ୍ଟ କଣ ରହିବ ? କେବେ ଚିନ୍ତା କରି ଦେଖିଛ ? ତା'ହେଲେ ଏ ସଂସାର, ଏ ସମାଜ ଶ୍ୱାପଦସମାକୀର୍ଣ୍ଣ ଭୀଷଣ ଅରଣ୍ୟରେ ପରିଣତ ହୋଇଯିବ । ଦେହସୁଖ, ଇନ୍ଦ୍ରିୟସୁଖ - ଏହା ତ ମଣିଷ ଜୀବନର ଚରମ ଲକ୍ଷ୍ୟ ନୁହେଁ । ଜ୍ଞାନ ହିଁ ସମୁଦାୟ ପ୍ରାଣୀଙ୍କର ଚରମ ଲକ୍ଷ୍ୟ । ଆମେ ଦେଖିବାକୁ ପାଉଁ, ପଶୁମାନେ ଇନ୍ଦ୍ରିୟ ସୁଖରେ ଯେତେ ପରିମାଣରେ ପ୍ରୀତି ଓ ତୃପ୍ତି ଅନୁଭବ ତଥା ଉପଭୋଗ କରନ୍ତି, ମଣିଷ ବୁଦ୍ଧିବୃତ୍ତିର ବୌଦ୍ଧିକଶକ୍ତି ପରିଚାଳନା କରି ତା'ଠାରୁ ବହୁଗୁଣରେ ଅଧିକ ସୁଖ ଅନୁଭବ କରିଥାଏ । ଆଉ ଏହା ମଧ୍ୟ ଆମେ ଦେଖୁଁ - ବୁଦ୍ଧିବୃତ୍ତି ଓ ବିଚାରଶକ୍ତିର ପରିଚାଳନା ଅପେକ୍ଷା ହୃଦୟବୃତ୍ତି ଓ ଭାବବୃତ୍ତିର ପରିଚାଳନାରୁ ଆଧାତ୍ମିକ ସୁଖରେ ମଣିଷ ଅଧିକତର ସୁଖବୋଧ କରିଥାଏ । ଅତଏବ ଅଧାତ୍ମଜ୍ଞାନକୁ ନିଶ୍ଚିତ ଭାବରେ ସର୍ବଶ୍ରେଷ୍ଠ ଜ୍ଞାନ ବୋଲି ମାନିବାକୁ ହେବ । ଏହି ଜ୍ଞାନ ଲାଭ ହେଲେ, ତତ୍‌କ୍ଷଣାତ୍ ଦିବ୍ୟ ଆନନ୍ଦ ଜୀବନର ଚିର ସହଚର ହୋଇଯିବ । ଜାଗତିକ ସବୁ ବସ୍ତୁ ହିଁ ସେହି ପ୍ରକୃତ ଜ୍ଞାନ ଓ ଆନନ୍ଦର ଛାୟା ମାତ୍ର । କେବଳ ତିନିଚାରିପାଦ ନିମ୍ନରେ ଏହା ପ୍ରକାଶମାନ ।

ଓଁ ବିଶ୍ୱଗୁରୁ ପରମାତ୍ମନେ ନମଃ !!!

ॐ

ମନ ହେଉ ଏକ ପ୍ରାଣ ହେଉ ଏକ, ଏକ ହେଉ ଲକ୍ଷ୍ୟ ସ୍ଥଳ ।
ଗୁରୁଙ୍କର ଆଜ୍ଞା ନିର୍ଦ୍ଦେଶିତ ପଥେ ସାଧକ ହୋଇଣ ଚଳ ॥
ଏକତାକୁ ଭାଙ୍ଗି ଦଣ୍ଡିତ ହେଲେ ଆଭିମୁଖ୍ୟ ମରୁବାଲି ।
ଆପଣା ଦୋଷରୁ ଦୁଃଖ ସାଉଁଟିବ ଯାତନା ଭୋଗିବ ଖାଲି ॥

# ଜିଜ୍ଞାସା : ଜିଜ୍ଞାସୁ

ବସୁଧା, ବାରି, ବହ୍ନି, ବାୟୁ, ବ୍ୟୋମ... ସଚଳରେ **କ୍ଷିତି, ଆପଃ, ତେଜଃ, ମରୁତ୍‌ ଓ** ବ୍ୟୋମ.... ଆମ **ଭାଷାରେ** ପୃଥିବୀ (ମାଟି), ଜଳ (ପାଣି), ଅଗ୍ନି (ନିଆଁ), **ବାତ (ପବନ), ଆକାଶ** (ଶୂନ୍ୟ)... ଏହି **ପାଞ୍ଚ**ଗୋଟି ମୌଳିକ ଉପାଦାନରେ ଏ ବ୍ରହ୍ମାଣ୍ଡର ସୃଷ୍ଟି । ଏହାକୁ ପଣ୍ଡିତ **ପ୍ରବକ୍ତାମାନେ କହନ୍ତି** ପଞ୍ଚମହାଭୂତ । **ଆମେ** ବି କଥା ପଡ଼ିଲେ କହି ଦେଉଛୁ ପଞ୍ଚଭୂତ । ଆମ ପିଣ୍ଡରେ **ମଧ୍ୟ** ବ୍ରହ୍ମାଣ୍ଡ **ତତ୍ତ୍ୱ** ନିହିତ । ବେଦ କହେ, ବେଦାନ୍ତ ବି କହେ, କହନ୍ତି ତତ୍ତ୍ୱବିଚାରକ ତତ୍ତ୍ୱାଚାର୍ଯ୍ୟ ତତ୍ତ୍ୱଜ୍ଞମାନେ : ବ୍ରହ୍ମାଣ୍ଡରେ ଯାହାସବୁ ଅଛି ପିଣ୍ଡରେ ମଧ୍ୟ ସେ ସବୁ ରହିଛି । ମହାପୁରୁଷ ଅଚ୍ୟୁତଙ୍କ ଠାରୁ ଆରମ୍ଭ କରି ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ତତ୍ତ୍ୱପୁରୁଷ ଏକଥା ଉଚ୍ଚାରଣ କହି ଯାଇଅଛନ୍ତି, ଦିବ୍ୟ ଚକ୍ଷୁରେ ପ୍ରତ୍ୟକ୍ଷ ଦର୍ଶନ କରିଛନ୍ତି ଏବଂ ଲେଖନୀ ଧରି ସ୍ୱହସ୍ତରେ ଲେଖି ଯାଇଛନ୍ତି ମଧ୍ୟ । ଏ ତତ୍ତ୍ୱ ମୂଳତଃ ବୈଦିକ ତତ୍ତ୍ୱ । ଏହି ତତ୍ତ୍ୱ ସକଳ ଆମର ସର୍ବସ୍ୱ, ଆମର ପରମ ସମ୍ବଳ ଓ ଅମୂଲ୍ୟ ସମ୍ପଦ ।

ଏହି ମୌଳିକ ତତ୍ତ୍ୱକୁ ଆଶ୍ରୟ କରି ବହୁ ଶାସ୍ତ୍ର, ଗ୍ରନ୍ଥ, ମନ୍ତ୍ର, ଶ୍ଳୋକ, କବିତା ପ୍ରଭୃତି ସୃଷ୍ଟି ହୋଇ ଭାରତ ଭାରତୀଙ୍କର ଶ୍ରୀଚରଣରେ ସମର୍ପିତ ହୋଇଛି । ତତ୍ତ୍ୱଜ୍ଞାନରତ ଭାରତର ଜନଗଣ ଯୁଗଯୁଗ ଧରି ତତ୍ତ୍ୱାଶ୍ରୟୀ ଦାର୍ଶନିକ ହୋଇ ପାରିଛନ୍ତି । ବିଦେଶରୁ ଆସିଥିବା ଅଧିକାଂଶ ପରିବ୍ରାଜକ, ଭ୍ରମଣକାରୀ, ଅନୁସନ୍ଧିତ୍ସୁ ଓ ଜିଜ୍ଞାସୁ ମଧ୍ୟ ଏହି ତତ୍ତ୍ୱର ଆଶ୍ରୟ ସ୍ୱୀକାର କରିଯାଇଅଛନ୍ତି । ସୁଦୂର ବିଦେଶରେ ବେଦବେଦାନ୍ତ ପ୍ରସଙ୍ଗରେ ଗବେଷଣାକେନ୍ଦ୍ରମାନ ପ୍ରତିଷ୍ଠିତ ହୋଇ ପାରିଛି । ବଡ଼ ଆନନ୍ଦର କଥା.... ଆମେରିକା (U.S.A) ପରି ବସ୍ତୁବାଦୀ ଦେଶରେ, ଯେଉଁ ଦେଶର ଅଧିକାଂଶ ବ୍ୟକ୍ତି ବୈଷୟିକ ଅଭିବୃଦ୍ଧି ପାଇଁ ପ୍ରାୟତଃ ସର୍ବଦା କଡ଼ା ପ୍ରତିଯୋଗିତାରେ ଲିପ୍ତ, ସେଠାରେ ମଧ୍ୟ ପ୍ରତିଟି କାର୍ଯ୍ୟକ୍ରମର ପ୍ରାରମ୍ଭରେ ବୈଦିକ ମନ୍ତ୍ର ଉଚ୍ଚାରଣ କରାଯାଉଛି । ଧୂପ, ଦୀପ, ପୁଷ୍ପର ବ୍ୟବସ୍ଥା କରାଯାଉଛି । ଅଥଚ.... ଅଥଚ ଆମରି ମାଟିରେ ଆମର ମହକ **କ୍ରମଶଃ** ଲିଭିଲିଭି ଯାଉଛି । କେତେ ହତଭାଗ୍ୟ ଆମେ ନୋହୁଁ ସତରେ !!

ଆମେ କୁଆଡ଼େ ଏ ଭିତରେ **ଜ୍ଞାନର** ଚରମ ସୋପାନରେ ଉପନୀତ ହୋଇ ସାରିଲୁଣି ! **ପ୍ରଚଣ୍ଡ** ହେତୁବାଦୀ ହୋଇଗଲୁଣି । ଅହଂ ବୁଦ୍ଧିର ଧ୍ୱଂସକାରୀ ଅଗ୍ନିଶିଖାରେ ନିଜର ପୂର୍ବଜମାନଙ୍କର ନୀତିନିୟମ, ବିଧିବିଧାନ, ପରମ୍ପରା ପ୍ରଥା ଆଦି ସହିତ ନିଜନିଜର ବିବେକକୁ ଆମେ ଜାଳିପୋଡ଼ି ପାଉଁଶରେ ପରିଣତ କରି ସାରିଲୁଣି । ଆମ ନିଜସ୍ୱ ଅହଂଜ୍ଞାନ ପ୍ରଣୋଦିତ ବିଚାରରେ **ଆମେ** ସାଜି **ଗଲୁଣି** ଜଣେ ଜଣେ ଜ୍ଞାନବୃଦ୍ଧ ମହାତ୍ମା । ଆମ ଜିଜ୍ଞାସାର ଅନ୍ତ ଘଟି ସାରିଛି ବୋଲି ଆମେ **ସ୍ଥିର** ନିଶ୍ଚିତ ହୋଇଗଲୁଣି । ଏପରି ମାନସିକତା ଯେ ପତନର ପଥ ପ୍ରଶସ୍ତ କରିଦିଏ, କରିଦିଏ ଉତ୍ପାଟନ, ଏ ଧ୍ୟାନଧାରଣା ଆମର ଲବ ମାତ୍ର ହିଁ ନାହିଁ । ଏହାହିଁ ଆମର ଦୁଃଖ ଦୁର୍ଦ୍ଦଶାର ପ୍ରଥମ ଓ ପ୍ରଧାନ କାରଣ । ଯେଉଁ ଭାରତର ଅଣ୍ଟ ଜ୍ଞାନରତ, ଯେଉଁ

ଭାରତର ଜନଗଣ ଦିନେ ଏହି ଅର୍ଥର ସାର୍ଥକତା ପାଇଁ ଓ ଆମରଣ ଜ୍ଞାନପ୍ରାପ୍ତି ପାଇଁ କଠୋର ସାଧନା, କଠୋର ବ୍ରତରେ ସାଧକ ଓ ବ୍ରତୀର ଜୀବନ ଶୁଦ୍ଧପୂତ ଭାବରେ ଯାପନ କରୁଥିଲେ, ଆଜି ସେହି ମାଟିର ମଣିଷମାନଙ୍କର ଜ୍ଞାନଦୈନ୍ୟ ଦେଖି ଅନେକେ ହତାଶ ହୋଇ ପଡୁଛନ୍ତି । ଅଥଚ ଆମର ମୋହଭଙ୍ଗ ଘଟୁନାହିଁ । ଅଜ୍ଞାନ ତମିସ୍ରାରେ ଦୀନଜୀବନ ଯାପନ କରି ବି ଆମେ ଅହଂକାରରେ ଅନ୍ଧ ହେଲେ ସୁଦ୍ଧା କ୍ଷଣକ ପାଇଁ ଜ୍ଞାନାଲୋକ ପ୍ରତି ଦୃକ୍‌ପାତ୍ କରିବାକୁ କୁଣ୍ଠିତ ଓ ବୀତସ୍ପୃହ । ଏହାକୁ ଏ ମାଟିମା'ର, ଏ ଜାତିର ଦୁର୍ଭାଗ୍ୟ ବ୍ୟତୀତ ଆଉ କ'ଣ କୁହାଯାଇପାରେ ଯେ ?

ଆଜି ଆମ ସମ୍ପଦକୁ ଆପଣାର କରି ନେଇ ଆଦର ଯତ୍ନ, ବିଶ୍ୱାସ ଓ ପ୍ରତ୍ୟୟ କରି ବିଦେଶ ମାଟି ଅଧ୍ୟାତ୍ମ ଓ ମନନଶୀଳତା ବିଦ୍ୟାରେ ସମ୍ପଦଶାଳୀ ହେବାକୁ କଠୋର ପ୍ରୟାସ ଚଳାଇ ଯାଉଥିବା ବେଳେ ଆମେ 'ବଂଶନାଶ ବେଳକୁ ଘୋଡ଼ାମୁହାଁ ପୁଅର ଜନ୍ମ' ନୀତିରେ ନିଜର ମୁନିଋଷିମାନଙ୍କ ଠାରୁ ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ହୋଇଥିବା ଅଧ୍ୟାତ୍ମବିଦ୍ୟାକୁ ଅତ୍ୟାଧୁନିକତାର ଦୁହାଇ ଦେଇ, ହେତୁବାଦର ଅହେତୁକ ଶିକାର ହୋଇ ନିଜପାଦରେ ନିଜେ ଦଳି ଦେଉଛୁ ଅହଂକାରସର୍ବସ୍ୱ ହୋଇ ।

ଧର୍ମଧାରଣା କି ଧର୍ମବିଶ୍ୱାସ କଦାପି ଅନ୍ଧବିଶ୍ୱାସ ନୁହେଁ । ଧର୍ମ ଏକ ମହାନ ବିଜ୍ଞାନ । ଅଧ୍ୟାତ୍ମ ବିଦ୍ୟା ଓ ତତ୍ତ୍ୱଜ୍ଞାନ ଏହି ଧର୍ମବିଜ୍ଞାନରୁ ହିଁ ସମ୍ଭୂତ । ଧର୍ମବିଜ୍ଞାନ, ଅଧ୍ୟାତ୍ମ ବିଦ୍ୟା ଓ ତତ୍ତ୍ୱଜ୍ଞାନ କଦାଚ ଅନ୍ଧବିଶ୍ୱାସକୁ ପ୍ରଶ୍ରୟ ଦିଏ ନାହିଁ । ଏ ପୁଣ୍ୟଭୂମି ଭାରତର ପ୍ରାଚୀନ ଋଷିମୁନିଗଣ ନିଜନିଜର ଜ୍ଞାନ, ବିଜ୍ଞାନ, ପ୍ରଜ୍ଞାନ ଓ ଅଭିଜ୍ଞାନଲବ୍ଧ ସକଳ ତତ୍ତ୍ୱ ସମଗ୍ର ବିଶ୍ୱ ମାନବଗୋଷ୍ଠୀ ପାଇଁ ପ୍ରଦାନ କରି ଯାଇଅଛନ୍ତି । ତେଣୁ ତ ସେମାନେ ମୁକ୍ତକଣ୍ଠରେ ଉଦାତ୍ତସ୍ୱରରେ ଗାଇ ଉଠିଥିଲେ .... 'ବସୁଧୈବ କୁଟୁମ୍ବକମ୍'.... ।

ଆମେ ଆଜି ଏହାକୁ ଦର୍ପର ସହିତ ପ୍ରତ୍ୟାଖ୍ୟାନ କରିଚାଲିଛୁ । ଆମେ ଭୁଲି ଯାଉଛୁ-ଜ୍ଞାନ ଅନନ୍ତ, ଅସୀମ ଓ ସୁଗଭୀର ସାଗରତୁଲ୍ୟ । ସୁଗଭୀର ସାଗରର ବି ସୀମା ଅଛି, ଅଛି ଅନ୍ତ ଓ ପ୍ରାନ୍ତ । ମାତ୍ର ଜ୍ଞାନର ଯେ ଅନ୍ତ ନାହିଁ, ନାହିଁ ସୀମା । ସେଥିପାଇଁ ତ ଜିଜ୍ଞାସୁର ଜିଜ୍ଞାସାରେ ଏଯାବତ୍ ଅନ୍ତ ଘଟି ନାହିଁ । ଜିଜ୍ଞାସୁର ସେହି ଜିଜ୍ଞାସା ବଳରେ ସମାଧାନର ସୂତ୍ର ବିସ୍ତାର କରି ଚାଲିଛନ୍ତି ପରମ ପ୍ରେମମୟ ପରମ କାରୁଣିକ ଚରମ ପୁରୁଷ ଆମର ପ୍ରିୟ ଠାକୁର.....

ଅନନ୍ତ ଏ ଜିଜ୍ଞାସାର
　　　　ସମାଧାନ ଗଭୀର ଅସୀମ
ପ୍ରଦାନନ୍ତି ପ୍ରେମମୟ
　　　　ଶ୍ରୀଠାକୁର ଶ୍ରୀ ମହାମହିମ ।
ଦୁଃସ୍ଥ ମନ ସୁସ୍ଥକର
　　　　ଶାନ୍ତି ଲଭ ଜେ ଅଛ ଅଶାନ୍ତ
ବୃଥା ଅହଂ ଫେଙ୍ଗି ଦିଅ
　　　　ହୋଇଯାଅ ବିନମ୍ର ପ୍ରଶାନ୍ତ ॥

ଜିଜ୍ଞାସୁ : ପରମପିତା ତାଙ୍କ ଇଚ୍ଛାରେ ଜୀବକୁ ଜନ୍ମ ଦେଇଛନ୍ତି । ସେ'ତ ମଙ୍ଗଳମୟ । ମଙ୍ଗଳକାଂକ୍ଷୀ ପିତାଙ୍କର ଇଚ୍ଛା ମଧ ମଙ୍ଗଳମୟ । ମଙ୍ଗଳ ଉଦ୍ଦେଶ୍ୟରେ ସେ ଜୀବଗଣକୁ ଜନ୍ମ ଦେଇଥିବାରୁ ତଥା ଜୀବଗଣ ତାଙ୍କ ଇଚ୍ଛାରେ ଏ ଧରାପୃଷ୍ଠକୁ ଆସିଥିବାରୁ ତା'ର ଭୋଗାଭୋଗ ମଧ ମଙ୍ଗଳମୟ ହୋଇଥାଆନ୍ତା । କିନ୍ତୁ, ଜୀବଗଣ ବା ମଣିଷ ଆଜି ଅଶାନ୍ତିର ଦାବାନଳରେ ଜଳୁଛି କାହିଁକି ?

ଠାକୁର : ମଣିଷ ବା ଜୀବକୁ **'ତ୍ରିପାଦ ଦୋଷାଦୋଷ'** ଲାଗିବାରୁ ଶାନ୍ତି ପରିବର୍ତ୍ତେ ସେ ଆଜି ଅଶାନ୍ତିରେ ନିଜକୁ ନିଜେ ଜଳୁଛି ।

ଜିଜ୍ଞାସୁ : ଏହି ତ୍ରିପାଦ ଦୋଷ କ'ଣ - ପ୍ରଭୁ ?

ଠାକୁର : **ଆତ୍ମଦ୍ରୋହ, ଧର୍ମଦ୍ରୋହ ଓ ବ୍ରହ୍ମପାତକ ଦ୍ରୋହ** । ଏହି ତିନି ପ୍ରକାରର ଦ୍ରୋହରେ ଆଜି ମଣିଷ ଘାଣ୍ଟି ଚକଟି ହୋଇଯାଉଛି । ଉକ୍ତ ଦ୍ରୋହଗୁଡ଼ିକ ମଣିଷକୁ ତା'ର ବିଚାରହୀନତାରୁ ହିଁ ଲାଗିଥାଏ । ଏହା କଲ୍ୟାଣକୁ ଅକଲ୍ୟାଣରେ ପରିଣତ କରିଦିଏ ।

ଜିଜ୍ଞାସୁ : ଏହି ତିନି ପ୍ରକାର ଦ୍ରୋହ କ'ଣ ମଣିଷକୃତ ନା ଦୈବୀକୃତ ?

ଠାକୁର : ମଣିଷକୃତ ।

ଜିଜ୍ଞାସୁ : ତେବେ ପ୍ରଭୁ ! **'ଆତ୍ମଦ୍ରୋହ'** ଦୋଷ କ'ଣ ଓ କିପରି ? ତା'ର ଉଦାହରଣ ଅନୁଗ୍ରହ କରି ପ୍ରଦାନ କରନ୍ତୁ ।

ଠାକୁର : କାୟ, ମନ ଓ ବଚନରେ ଅନ୍ୟକୁ ଯେଉଁ ଆଘାତ ଦିଆଯାଏ, ତାହାକୁ **'ଆତ୍ମଦ୍ରୋହ'** ଦୋଷ ବୋଲି ବୁଝ । ଯେପରି ଶରୀରକୁ ଦଣ୍ଡ ଦେବା, ବାକ୍ୟରେ ମର୍ମଭେଦି କଥା କହିବା, ମାନସରେ ଈର୍ଷା ରଖି ଅନ୍ୟର କ୍ଷତି ପହଞ୍ଚାଇବା - ଏହି ତିନୋଟି କାରଣରୁ **'ଆତ୍ମଦ୍ରୋହ'** ଦୋଷ ଲାଗେ ।

ଜିଜ୍ଞାସୁ : ଆମେ ତ ପ୍ରତି କ୍ଷଣ ଅନୁକ୍ଷଣରେ ଉପରୋକ୍ତ ଦ୍ରୋହରୂପୀ ଦୋଷକୁ ଅନ୍ୟ ଉପରେ ବ୍ୟବହାର କରିବାରେ ଅଭ୍ୟସ୍ତ ।

ଠାକୁର : ତଦ୍‌ଜନିତ ଫଳ ଭୋଗରେ ମଧ ତୁମେ ଅଭ୍ୟସ୍ତ ହେଉଛ ।

ଜିଜ୍ଞାସୁ : ଆଜ୍ଞା ! 'ଆତ୍ମଦ୍ରୋହ ଦୋଷ'ର ଫଳାଫଳ କିପରି ?

ଠାକୁର : ସାଂସାରିକ କୌଣସି ଭୋଗ ଥାଇ ତାହା ଯଥା ସମୟରେ କାମରେ ନ ଲାଗିବା ତଥା ଭୋଗ ମଧ୍ୟରେ ଥାଇ ମଧ ଭୋଗରେ ତୃପ୍ତିର ଆସ୍ୱାଦନ ନ କରିବା ହେଉଛି **'ଆତ୍ମଦ୍ରୋହ ଦୋଷ'**ର ଫଳାଫଳ । ଭୋଗ ବିଷୟ ପ୍ରସ୍ତୁତ ଥିଲେ ମଧ କାୟ ମନ ବଚନ ବିକୃତ ଓ ବିକାରଗ୍ରସ୍ତ ହୋଇ ପ୍ରସ୍ତୁତ ଥିବା ଭୋଗକୁ ଜୀବ ଭୋଗ କରିପାରେ ନାହିଁ । ଯଦି ବା ସେ ଭୋଗ କରେ, ତେବେ ସେହି ଭୋଗରେ ସେ ସନ୍ତୁଷ୍ଟ ହୋଇପାରେ ନାହିଁ । ଅତୃପ୍ତ ରହେ । ସେ କେବଳ ନ'କାରାତ୍ମକ ବିଷୟକୁ ଖୋଜି ଚାଲିଥାଏ । ଏ ପ୍ରକାର ଦ୍ରୋହରୁ ମାନ ସୃଷ୍ଟି ହୋଇ ବ୍ୟକ୍ତିକୁ ଗୋପନ କ୍ରିୟାର

ଆଶ୍ରୟ ନେଇ ମିଥ୍ୟା ସ୍ୱରୂପକୁ ହିଁ ପ୍ରକାଶ କରିବାକୁ ବାଧ୍ୟ କରିଥାଏ । ବାହ୍ୟ ଜଗତକୁ ବାହ୍ୟ ଡାଞ୍ଚା ଦେଖାଇ ମନ ମଧ୍ୟରେ ସନ୍ତୁଳିତ ହେଉଥାଏ । ନିଜର ଚରିତ୍ରକୁ ଲକ୍ଷ୍ୟ କଲେ ଠିକ୍ ଭାବେ ବୁଝିପାରିବ ।

ଜିଜ୍ଞାସୁ : **ଏହାର ଆହୁରି ଅନେକ ପ୍ରତିକ୍ରିୟା ଥିବ ? ସେ ସମ୍ପର୍କରେ କୁହନ୍ତୁ - ପ୍ରଭୁ !**

ଠାକୁର : ଅନେକ କ'ଣ ? ସେ ବ୍ୟକ୍ତି ଯୁଆଡ଼େ ଗଲେ, ଯେଉଁ କାମ କଲେ ମଧ୍ୟ ସେ ପ୍ରତ୍ୟେକ କ୍ଷେତ୍ରରେ ଅଶାନ୍ତି ରୂପକ ଦାବାନଳରେ ଦଗ୍ଧୀଭୂତ ହେଉଥାଏ ବା ଜଳୁଥାଏ । ଏହି ଜ୍ୱଳନର ପ୍ରତିକ୍ରିୟା ଏତେ ଅଧିକ ଯେ ସେ ଲୋକର ଜମିଥାଇ ଫସଲ ଲଗାଇଲେ ମଧ୍ୟ ଆଶାନୁରୂପେ ଫଳ ତା'ର ଫଳେ ନାହିଁ । ବିଦ୍ୟା ଥିଲେ ମଧ୍ୟ କାମ ମିଳେ ନାହିଁ । ଅର୍ଥ ଉପାର୍ଜ୍ଜନ କଲେ ମଧ୍ୟ ଯଥା ଭୋଗ କରିପାରେ ନାହିଁ ।

ଜିଜ୍ଞାସୁ : କାୟ, ମନ ଓ ବଚନରେ ଦଣ୍ଡ ଦେବା ଏକ ସ୍ୱାଭାବିକ କଥା । ଦଣ୍ଡ ନ ଦେଲେ ସମୟେ ସମୟେ ଅସୁବିଧା ସୃଷ୍ଟି କରିଥାଏ । ସଂସାର କ୍ଷେତ୍ରରେ ଏହା ଏକ ସ୍ୱାଭାବିକ ପ୍ରକ୍ରିୟା କହିଲେ ଅତ୍ୟୁକ୍ତି ହେବନାହିଁ ।

ଠାକୁର : ଦଣ୍ଡର ତୁମେ ଏକ ପାର୍ଶ୍ୱର ବିଚାର ଶୁଣିଲ । ଏହାର ଦ୍ୱିପାର୍ଶ୍ୱୀୟ ବିଚାରଧାରା ମଧ୍ୟ ଅଛି ।

ଜିଜ୍ଞାସୁ : କିପରି ? ପ୍ରଭୁ !

ଠାକୁର : ଦଣ୍ଡରେ ଉଭୟ ମଙ୍ଗଳ ଅଛି, ଅମଙ୍ଗଳ ମଧ୍ୟ ରହିଛି ।

ଜିଜ୍ଞାସୁ : ମଙ୍ଗଳର ଉଦାହରଣ ?

ଠାକୁର : ଦଣ୍ଡ ଦେବା ଆଉ ପ୍ରତିକ୍ରିୟା ସ୍ୱରୂପ ଦଣ୍ଡ ପ୍ରାପ୍ତି ହେବା - ଏହି ରୂପ ଉଭୟ ତତ୍ତ୍ୱରେ ମଙ୍ଗଳ ନିହିତ ଅଛି ।

ଜିଜ୍ଞାସୁ : ଦଣ୍ଡରେ ମଙ୍ଗଳ କିପରି ନିହିତ ଅଛି ?

ଠାକୁର : ଦଣ୍ଡ ଦେବାର ଉଭୟ ସୁମାର୍ଗ ଓ କୁମାର୍ଗ ରହିଛି ।

ଜିଜ୍ଞାସୁ : ସୁମାର୍ଗର ବର୍ଣ୍ଣନା କିପରି ? ପ୍ରଭୁ !

ଠାକୁର : ଦଣ୍ଡର ସୁମାର୍ଗ ହେଉଛି - **'ସାଧନା'** । ଗୁରୁବାଦରେ ଯେଉଁ ସାଧନସୂତ୍ର ଅଛି, ତାହା ହେଉଛି ଏହି ଦଣ୍ଡର ମାର୍ଗ । ତୁମେ ଯେଉଁଥି ପାଇଁକି ଅନ୍ୟକୁ କାୟ, ମନ ଓ ବଚନରେ ଦଣ୍ଡ ଦେଇଥାଅ, ସେହି ଦଣ୍ଡ ପାଇଁ ଏକ ଅପରାଧ ଥାଏ । ଏହି ଅପରାଧ କରିବା ପାଇଁ ଜୀବ ମଧ୍ୟରେ ସ୍ନାୟୁକୋଷ, ଅବୟବ ଗୁଣଯୁକ୍ତ ହୋଇ ଅପରାଧମାନ ଘଟାଇ ଥାଆନ୍ତି । ଦଣ୍ଡଦେବାକୁ ଯାଇ ତୁମେ କ୍ରୋଧାନ୍ୱିତ ହେବାରୁ ମନଇଚ୍ଛା ଦଣ୍ଡମାନ ଦେଇଥାଅ । ମାତ୍ର, ଗୁରୁପ୍ରଦତ୍ତ ପ୍ରଣାଳୀର ବିଚାରଧାରା ସମ୍ପୂର୍ଣ୍ଣ ଭିନ୍ନ ।

ଜିଜ୍ଞାସୁ : କିପରି ?

ଠାକୁର : ଜୀବ ସ୍ନାୟୁ, କୋଷ, ଅଙ୍ଗ ଓ ଅବୟବର ଆଶ୍ରୟ ନ ନେଲେ ଜଣେ ଦଣ୍ଡ ପ୍ରଦାନ କରିପାରିବ ନାହିଁ । ଏଣୁ ଅପରାଧକୁ ନିୟନ୍ତ୍ରଣ କରିବାକୁ ହେଲେ ସ୍ନାୟୁ, କୋଷ, ଅଙ୍ଗ ଓ ଅବୟବଗୁଡ଼ିକୁ

ଆସନ ମୁଦ୍ରା ଦ୍ୱାରା ସାଧନ କରିଦେଲେ ଶରୀର ସାଧନ ହୋଇଯାଏ । ଆସନ ମୁଦ୍ରାର ସୂତ୍ର ହେଉଛି - ଏକ ପ୍ରକାର ଦଣ୍ଡ, ଯାହାକୁ କି ସାଧନ ପ୍ରକ୍ରିୟା ଦ୍ୱାରା ସାଧନ କରାଯାଇଥାଏ । ଜଣେ ଅପରାଧୀ ପିଲାକୁ ଦଣ୍ଡ ଦେବା ଅପେକ୍ଷା ୫ବର୍ଷରୁ ସାଧନ କ୍ରିୟାରେ ନେଇ ପାରିଲେ, ସେ କାହାକୁ କାୟ, ମନ ଓ ବଚନରେ ଦଣ୍ଡ ଦେଇପାରିବ ? ନା ନିଜେ କାୟ, ମନ ଓ ବଚନରେ ଦଣ୍ଡ ପାଇପାରିବ ? କାହାର ଅପରାଧ ପାଇଁ ମନଇଚ୍ଛା ଦଣ୍ଡଦେବା ଅପେକ୍ଷା ଗୁରୁଙ୍କ ଦରବାରରେ ସାଧନ ସୂତ୍ରରେ ଦଣ୍ଡଦେବା ଉଚିତ୍ ।

ଜିଜ୍ଞାସୁ : **ଧର୍ମଦ୍ରୋହ ଦୋଷ କିପରି ?**

ଠାକୁର : ଧର୍ମ ସମ୍ବନ୍ଧୀୟ ମହିମାର ମୁଖା ପରିଧାନ କରି ଧର୍ମ ବା ଆଧାତ୍ମିକତାର ଏକ ନାଟକୀୟ ପରିବେଶ ସୃଷ୍ଟି କରିବା ହେଉଛି ଲଘୁମୟ କ୍ରୀଡ଼ା ।

ଜିଜ୍ଞାସୁ : ଧର୍ମର ଲଘୁକ୍ରିୟା କ୍ରୀଡ଼ାର ଉଦାହରଣ କିପରି ?

ଠାକୁର : ଯେଉଁ ମହିମାମୟ ପୁରୁଷମାନଙ୍କର ମହିମାର କାହାଣୀ ପୁରାଣ ଶାସ୍ତ୍ର ତଥା ଇତିହାସରେ ରହିଛି, ସେହି ଅତୀତର ମହିମାକୁ ନେଇ ରାମ, କୃଷ୍ଣ, ହନୁମାନ, ଦୁର୍ଗା ଭାବରେ ନିଜକୁ ସଜାଇ ଖଣ୍ଡା, ତଲୱାର, ଧନୁ ତୀର, ଗଦା, ମୁଦ୍ଗର, ତ୍ରିଶୂଳ ଧରି ଯେଉଁ ନାଟକୀୟ ମହିମା ପ୍ରକଟ କରାଯାଏ, ସେହି କ୍ରିୟାରେ କିଛି ବାସ୍ତବତା ନ ଥାଏ, ଯାହା କି ଏକ ପ୍ରକାରର ଭେଳିକି । ଏହି ଭେଳିକିକୁ ଜୀବିକା କରି ଧର୍ମକୁ ନାଟକରେ ପରିଣତ କରିବା ହେଉଛି ଏକ **'ଧର୍ମଦ୍ରୋହ ଦୋଷ'** । କୃଷ୍ଣବେଶରେ ସଜ୍ଜିତ ହୋଇ ନୃତ୍ୟକରି, ମନୋରଞ୍ଜନ କରି ଦର୍ଶକଙ୍କ ମନରେ ଭେଳିକିର ଭାବ ସୃଷ୍ଟି କରି ମନରେ ଏକ ପୌରାଣିକ ଛାପ ପକାଇ ବିପଥଗାମୀ କରାଇବାରେ ଦର୍ଶକଙ୍କୁ **'ଧର୍ମଦ୍ରୋହ ଦୋଷ'** ଲାଗେ ।

ଜିଜ୍ଞାସୁ : ଠାକୁରଙ୍କ ନାମ ଧରି ଠାକୁରଙ୍କ ପାଇଁ ଭିକ୍ଷା ମାଗି ଠାକୁରଙ୍କ ଭିକ୍ଷାର୍ଥରେ ନିଜର ଜୀବିକା ନିର୍ବାହ କରୁଥିବା ବ୍ୟକ୍ତି ଯାହାକୁ କି ଆମେ ସେବକ ବୋଲି କହିଥାଉ - ସେମାନଙ୍କର ଅବସ୍ଥା କ'ଣ ଏହି **ଧର୍ମଦ୍ରୋହ ଦୋଷ**ର ରୂପ ?

ଠାକୁର : ଠାକୁରଙ୍କର ସେବାୟତ କହିଲେ କ'ଣ ବୁଝୁଛ ?

ଜିଜ୍ଞାସୁ : ମନ୍ଦିରମାନଙ୍କରେ ଠାକୁରଙ୍କ ସେବା, ପୂଜା ବା କାର୍ଯ୍ୟରେ ଯେଉଁ **ବ୍ୟକ୍ତି** ନିୟୋଜିତ ଅଛନ୍ତି, ପ୍ରାୟତଃ ଆମେ ସେହିମାନଙ୍କ ସମ୍ପର୍କରେ କହୁଛୁ ।

ଠାକୁର : ପୁରାଣ ପୃଷ୍ଠାରେ ଯେଉଁ କୃଷ୍ଣ ଅଛନ୍ତି, ବର୍ତ୍ତମାନ ତାଙ୍କର ଜୀବିତ ଶରୀର **ଅଛି** କି - ଯେଉଁ ଜୀବନ୍ତ ଶରୀର ପାଇଁ ଖାଦ୍ୟ, ବସ୍ତ୍ର, ବାସ ଓ ଅଙ୍ଗଚର୍ଯ୍ୟା ପାଇଁ ସେବା ଦରକାର ହୁଏ ?

ଜିଜ୍ଞାସୁ : ନାହିଁ, ଆଜ୍ଞା !

ଠାକୁର : ଶରୀର ଯେଉଁଠି ନାହିଁ, ସେଠାରେ ସେବାର ଆବଶ୍ୟକତା ପଡ଼େ କି ?

ଜିଜ୍ଞାସୁ : ନା, ଆଜ୍ଞା !

ଠାକୁର : ପଥର ପ୍ରତିମା ପାଇଁ ଶାରୀରିକ ସେବାରେ ଆବଶ୍ୟକତା ଅଛି କି ?

ଜିଜ୍ଞାସୁ : କ'ଣ ପ୍ରଭୁ ! ପଥର ପ୍ରତିମାର ପୂଜାର ଆବଶ୍ୟକତା ନାହିଁ ?

ଠାକୁର : ଆମେ ସେବା ସମ୍ପର୍କରେ କହୁଛୁ । ତୁମେ ସେବାକୁ କହୁଛ ପୂଜା ? ଶରୀର ଯେଉଁଠି ନାହିଁ, ସେଠାରେ ସେବାର ଆବଶ୍ୟକତା ନାହିଁ । ପଥର ପ୍ରତିମାକୁ କେହି ଜୀବିତ କରି ପାରିବେ କି ?

ଜିଜ୍ଞାସୁ : ନା, ଆଜ୍ଞା ! ତେବେ ପ୍ରଭୁ - ପୂଜା କ'ଣ ?

ଠାକୁର : ପୂଜ୍ୟକୁ ଜାଣିବାର ତତ୍ତ୍ୱ ହେଉଛି ପୂଜା । ପୂଜା କିଏ କାହାକୁ ଦିଏ ?

ଜିଜ୍ଞାସୁ : ଠାକୁରଙ୍କୁ ମଣିଷ ପୂଜା କରେ ।

ଠାକୁର : ତୁମେ ଠାକୁରଙ୍କୁ ପୂଜା କର ?

ଜିଜ୍ଞାସୁ : ଆଜ୍ଞା ! ହଁ ।

ଠାକୁର : ତୁମେ ଯଦି ପୂଜା ନ କରିବ, ଠାକୁର ଉପବାସ ରହିବେ କି ?

ଜିଜ୍ଞାସୁ : ନା ଆଜ୍ଞା ! କାହିଁକି ନା କୌଣସି କାରଣରୁ ମୁଁ ସିନା ପୂଜା ଦେଇ ପାରିଲି ନାହିଁ, ମାତ୍ର ବିଶ୍ୱରେ ତ ଈଶ୍ୱରଙ୍କ ପୂଜା କେହି ବି ତ କରୁଥିବେ ।

ଠାକୁର : ତୁମେ ତୁମର କର୍ତ୍ତବ୍ୟ ଦୃଷ୍ଟିରୁ ପୂଜା କର, ନା ଠାକୁରଙ୍କ ଭୋକ ନିବାରଣ ପାଇଁ ପୂଜା କର ?

ଜିଜ୍ଞାସୁ : ଏତ ବଡ଼ ଜଟିଳ ପ୍ରଶ୍ନ - ତେବେ ଆମମାନଙ୍କ ମତରେ ଆମେ ଯେଉଁ ପୂଜା କରୁଛୁ, ତାହା ଆମର କ୍ଷୁଧା ପୂରଣ ପାଇଁ । ଠାକୁରଙ୍କ ପୂଜା ପାଇଁ ଆମେ ଶୌଚ ହୋଇଥାଉ, ଶୌଚ ଆମମାନଙ୍କ ପାଇଁ ଆବଶ୍ୟକ । ପୂଜା କରିବା ପ୍ରତ୍ୟେକ ମଣିଷଙ୍କ ପାଇଁ ଏକ କର୍ତ୍ତବ୍ୟ ବା କର୍ମ ବୋଲି ବୁଝି ଥାଉ ।

ଠାକୁର : ପୂଜାରେ ଯେଉଁ ଉପଚାରଗୁଡ଼ିକ କରାଯାଇଥାଏ, ତାହା ବ୍ୟକ୍ତିର କଲ୍ୟାଣ ପାଇଁ ସେ ନିଜର ପୂଜା କରିଥାଏ । ନିଜର ଶୋଧନ ପାଇଁ, ନିଜେ ସାଧିତ ହେବା ପାଇଁ, ଆଚରଣକୁ ଶୁଦ୍ଧ କରିବା ପାଇଁ ପୂଜାର ଆବଶ୍ୟକତା ଅଛି ।

ଜିଜ୍ଞାସୁ : **ଧର୍ମଦ୍ରୋହ ଦୋଷର ଫଳ ଭୋଗ କିପରି ?**

ଠାକୁର : ତୃପ୍ତି ଭିତରେ ଥାଇ ବ୍ୟକ୍ତି ତୃପ୍ତିକୁ ଅନୁଭବ କରିପାରେ ନାହିଁ । ଅବାସ୍ତବକୁ ବାସ୍ତବ ମନେ କରିଥାଏ ଏବଂ ତା'ର ମନ ସର୍ବଦା ସେହି ଦିଗକୁ ଧାବମାନ କରିଥାଏ । ସାମାନ୍ୟ ସାମାନ୍ୟ କଥାରେ ସେ ଚିଡ଼ିଚିଡ଼ା ପ୍ରକୃତିର ସ୍ୱଭାବ ପ୍ରକାଶ କରେ । କୌଣସି ଅବସ୍ଥା ବା ପରିସ୍ଥିତିରେ ସେ ନିଜକୁ ସୁଖୀ ମନେ କରେ ନାହିଁ । ନିଜକୁ ପ୍ରତିଷ୍ଠା କରିବାକୁ ଯାଇ ସେ ମିଥ୍ୟାକୁ ସତ୍ୟ ବୋଲି କହି ପ୍ରତିବାଦ କରିଥାଏ । ଉପରେ ଉପରେ ଭଦ୍ରାମୀ ଦେଖାଇ ଲୋକ ଦେଖାଣିଆ ବ୍ୟବହାର କରିଥାଏ । ଆଉ, ଅନ୍ତରରେ ଅନ୍ୟର ଐଶ୍ୱର୍ଯ୍ୟ ଦେଖି ଈର୍ଷାନ୍ୱିତ ହୋଇଥାଏ । ଏସବୁ ଧର୍ମଦ୍ରୋହ ଦୋଷର କାରଣ । ପୁନଶ୍ଚ **ଧର୍ମଦ୍ରୋହ ଦୋଷରୁ** ବ୍ୟକ୍ତିର ସର୍ବସ୍ୱ ଯଥା ଅନ୍ନ, ବସ୍ତ୍ର, ବାସ ଥାଇ ମଧ୍ୟ ସେ ଏସବୁର ଅଭାବ ଅନୁଭବ କରେ । କୌଣସି କାରଣରୁ

ବେଳେବେଳେ ଭୋକ ଉପାସରେ ରହିଥାଏ ମଧ୍ୟ । ଦୈବାତ୍ ଯୋଗରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥାଏ ।

ଜିଜ୍ଞାସୁ : ପ୍ରଭୁ ! ଆପଣ ଯାହାସବୁ ଫଳାଫଳ ବର୍ଣ୍ଣନା କଲେ, ଆମେ ପ୍ରାୟତଃ ଏହି ପ୍ରକାରର ଘଟଣା ଚକ୍ରରେ ବେଳେବେଳେ ପଡ଼ିଯାଉଛୁ । ପୁରାତନ ପଛରେ ଧାଉଁଛୁ, ଆଉ ନୂତନତାକୁ ଅବମାନନା କରିବା ଫଳରେ ଆମକୁ ଏହି **ଧର୍ମଦ୍ରୋହ ଦୋଷ** ଲାଗୁଛି କି ?

ଠାକୁର : ହଁ । ସେହିପରି ବୁଝ । ଏହାର ଆହୁରି ଅନେକ ଶାଖା ପ୍ରଶାଖା ରହିଛି । ଆଲୋଚନା କଲେ ସେସବୁ ଜାଣିହେବ । ମାତ୍ର, ତୁମେମାନେ ଆଜିକାଲି ଏସବୁ ମାନିଲେ ତ ! ଉପଦେଶ ଦେବା ଉପଦେଷ୍ଟାଙ୍କ ପାଇଁ ଭୟର କାରଣ ।

ଜିଜ୍ଞାସୁ : ବର୍ତ୍ତମାନ **ବ୍ରହ୍ମବଧ ପାତକ** ସମ୍ପର୍କରେ ଆଲୋଚନା କରନ୍ତୁ । **ବ୍ରହ୍ମବଧ** କହିଲେ ଆମେମାନେ କ'ଣ ବୁଝିବୁ ?

ଠାକୁର : ତୁମେମାନେ କ'ଣ **ବ୍ରହ୍ମବଧ** ବିଷୟରେ କିଛି ଜାଣିନା ?

ଜିଜ୍ଞାସୁ : ଜୀବ ବଧକୁ ଆମେ ପ୍ରାୟତଃ ବ୍ରହ୍ମବଧ ବୋଲି କହିଥାଉ । ଆପଣଙ୍କ ମତ କିପରି ? ପ୍ରଭୁ !

ଠାକୁର : ଜୀବ ବଧ ନ କଲେ ଜଣେ କ'ଣ ବଞ୍ଚିପାରିବ ?

ଜିଜ୍ଞାସୁ : ନା, ଆଜ୍ଞା !

ଠାକୁର : 'ଜୀବକୁ ଦୟା' - ଏହାର ଅର୍ଥ ତୁମେ କ'ଣ ବୁଝିଛ ?

ଜିଜ୍ଞାସୁ : ଆଜ୍ଞା ! ଭାଗବତରେ ଗୋଟିଏ ପଦ ଅଛି -

ଜୀବକୁ ଦୟା ଶୁଦ୍ଧ ଚିତ୍ତେ ।
ମହା ଗହନ ଏ ଜଗତେ ॥

ମାତ୍ର, ଜୀବକୁ ବଧ ନ କଲେ ଆମେ ବଞ୍ଚିପାରିବୁ ନାହିଁ ।

ଠାକୁର : ଜୀବକୁ ତୁମେ କୌଣସି ଅସ୍ତ୍ରଶସ୍ତ୍ର ଦ୍ୱାରା ବଧ କରିପାରିବ ନାହିଁ । ଜୀବ ଅବିନାଶୀ । ସେ ନିତ୍ୟ ସତ୍ୟ ସନାତନର ଅଂଶ ।

ଜିଜ୍ଞାସୁ : ପ୍ରାଣୀଜ ହେଉ ବା ଉଦ୍ଭିଜ ହେଉ - ଆମେ ତାକୁ ଅସ୍ତ୍ର ଦ୍ୱାରା ଛେଦନ କରି ବା ମାରି ଖାଇଥାଉ । ଖାଦ୍ୟ ପାଇଁ ବାଘ ଯେପରି ଶିକାର କରେ, ଆମେ ମଧ୍ୟ ଖାଦ୍ୟ ଖାଇବା ପାଇଁ ଖାଦ୍ୟ ଶସ୍ୟ, ପଶୁପକ୍ଷୀମାନଙ୍କୁ ମାରି ଖାଇଥାଉ । ଏହା କ'ଣ ଜୀବ ବଧ ନୁହେଁ ? ପ୍ରଭୁ !

ଠାକୁର : ତୁମେ ଜୀବକୁ ବଧ କରିପାରବ ନାହିଁ । ଜୀବର ଶରୀରକୁ ତୁମେ ବଧ କରିପାରିବ । କ୍ଷୁଧା ନିବାରଣ ଉଦ୍ଦେଶ୍ୟରେ ତୁମେ ଯାହାକୁ ଜୀବବଧ ବୁଝିଛ, ତାହ ଜୀବ ବଧ ନୁହେଁ ।

ଜିଜ୍ଞାସୁ : ତେବେ ପ୍ରଭୁ - **ଜୀବ ବଧ** କ'ଣ ?

ଠାକୁର : ଜୀବ ହେଉଛି ପରମ ପିତାଙ୍କ ବୀଜ, ଯେଉଁ ବୀଜକୁ **ଜି ଜୀବର** ଧାରଣ କରିବାର କ୍ଷମତା ଅଛି । ଜୀବ ଭିତରେ ତାଙ୍କରି ଅଂଶରୁ ବୀଜ ରୂପ ଧାତୁରେ ମୂଳ ସନାତନର ଅଂଶ, ପିଣ୍ଡରୂପ ଧାରଣ କରି ରହିଥାଏ । ଏହି ମୂଳ ଅଂଶର ପିଣ୍ଡରୂପୀ ବୀଜ, ବ୍ରହ୍ମ ପଦାର୍ଥର ଧାତୁରେ

ତେଜରୂପୀ ଜ୍ୟୋତି ଆକାରରେ ସହସ୍ର ରେଣୁ ବିକଶିତ କରି ଶରୀରରେ କାମଶକ୍ତିର ସଞ୍ଚାରକ ଭାବେ ସ୍ନାୟୁକୋଷକୁ ଉତ୍ତେଜିତ କରିଥାଏ । ଏହି ତେଜ ପୁଣି ଦ୍ୱିବିଧ - ପୁରୁଷ ଆଉ ପ୍ରକୃତି । ଯଥା, ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗ । ଏହିରୂପ ଦ୍ୱିବିଧ ଲିଙ୍ଗ ସୃଷ୍ଟି କରି ଦୁଇ ଭାଗରେ କ୍ରିୟାଶୀଳ ହୁଏ । ଏହି ଦୁଇଲିଙ୍ଗ ପରସ୍ପର ବିପରୀତମୁଖୀ ସମ ଓ ବିଷମ ହୋଇ ରହିଥା'ନ୍ତି । ସେଥୁ ସମ ଓ ବିଷମ ହେତୁ ଦୁଇ ଲିଙ୍ଗ ପରସ୍ପର ପରସ୍ପରକୁ ଆକର୍ଷଣ କରି ସଂଯୋଗ ହେବାରୁ ଦୁହେଁ ନିଜ ନିଜର ଅସ୍ତିତ୍ୱ ହରାଇ ଯୌଗିକ କ୍ରିୟାରେ ମିଶିଯାଇ ନିଜକୁ ନିଜେ ବଧ କରିଥା'ନ୍ତି । ଏହାକୁ **'ଜୀବବଧ'** କୁହାଯାଏ । ଏହା ସୃଷ୍ଟି ତତ୍ତ୍ୱର ନିୟମ, କିନ୍ତୁ ଜୀବ କୃତ୍ୟ ।

ଜିଜ୍ଞାସୁ : ସୃଷ୍ଟି ତତ୍ତ୍ୱର ନିୟମରେ ଯଦି ଜୀବବଧ ଅଛି, ଏହା ପୁଣି ମଣିଷ ବା ଜୀବକୃତ କିପରି ?

ଠାକୁର : ସୃଷ୍ଟି ତତ୍ତ୍ୱର ନିୟମରେ ଜୀବର ଶରୀରରେ କାମର ଉତ୍ତେଜନା ସୃଷ୍ଟି ହୋଇଥାଏ । ମାତ୍ର ଲିଙ୍ଗ ସଂଯୋଗ ହୋଇଥାଏ ମଣିଷର କର୍ତ୍ତୃତ୍ୱ କର୍ମରେ । ସୃଷ୍ଟି ତତ୍ତ୍ୱର ନିୟମରେ ଲିଙ୍ଗର ସଂଯୋଗ ଆପେ ଆପେ ହୋଇ ନଥାଏ । ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗର ସଂଯୋଗ ହେବାପାଇଁ ଲିଙ୍ଗ ଧାରକ ଦୁଇଟି ଶରୀର ଦରକାର । ପୁଣି ଶରୀରର ବ୍ୟକ୍ତିତ୍ୱ ଥିବାରୁ ବ୍ୟକ୍ତିର ଇଚ୍ଛା ଶକ୍ତି ଦରକାର । ବ୍ୟକ୍ତିର କ୍ଷମତା ଭିତରେ ଇଚ୍ଛାଶକ୍ତି ସଞ୍ଚାରିତ ହେଉଥିବାରୁ ଇଚ୍ଛାଶକ୍ତିରୁ ପ୍ରେରଣା ସୃଷ୍ଟି ହୁଏ । ପ୍ରେରଣା ଶରୀରକୁ ସୃଷ୍ଟି ତତ୍ତ୍ୱର ନିୟମରେ ଥିବା କାମଶକ୍ତିକୁ ଉତ୍ତେଜିତ କରି ଶରୀରରେ ତଲ୍ଲୀନତାର ତୃଷା ସୃଷ୍ଟି କରିଥାଏ । ଏହି ରୂପୀ କ୍ରିୟା ଉଭୟ ପୁଂ ଏବଂ ସ୍ତ୍ରୀ ଲିଙ୍ଗ ଭେଦ ମଧ୍ୟରେ ସୃଷ୍ଟିତତ୍ତ୍ୱର ନିୟମ ଲାଗୁ ହୋଇଥାଏ । ଏଣୁ ନାରୀ ଓ ପୁରୁଷ ଶରୀର ସଂଯୋଗରେ ବିନ୍ଦୁର ତେଜ କାମାତ୍ମକ ଅଣୁ, ଅଣୁର ସଂଯୋଗରେ ଶରୀର ତନ୍ମୟ ହୋଇ ସମାଧିସ୍ଥ ହୋଇଥାଏ । ବିନ୍ଦୁ, ବିନ୍ଦୁର ସଂଯୋଗରେ ଦୁଇ ବିନ୍ଦୁ ନିଜେ ନିଜକୁ ବଧ କରିଥା'ନ୍ତି । ଏହା ଆମ ମତରେ **ଜୀବବଧ** ।

ଜିଜ୍ଞାସୁ : **ଜୀବବଧ** ସୃଷ୍ଟି ତତ୍ତ୍ୱର ନିୟମରେ ଅଛି । ଏହା ବ୍ୟକ୍ତିର ଇଚ୍ଛାଧୀନ ହୋଇଥିବାରୁ ଜୀବର ବ୍ୟକ୍ତିତ୍ୱକୁ **ଜୀବବଧ ଦୋଷ** ଲାଗିଥାଏ । ଏହି ଜୀବବଧର ଫଳାଫଳ ସମ୍ପର୍କରେ କିଛି ସୂଚନା ଦିଅନ୍ତୁ, ପ୍ରଭୁ !

ଠାକୁର : ଏହାର ଫଳାଫଳ ଦ୍ୱିବିଧ - ସୁମାର୍ଗ ଓ କୁମାର୍ଗ ।

ଜିଜ୍ଞାସୁ : ବର୍ତ୍ତମାନ ସୁମାର୍ଗର ବିଚାର କିପରି ?

ଠାକୁର : ଏହି ରୂପ ଜୀବବଧରୁ ଦିବ୍ୟଜ୍ଞାନକୁ ଧାରଣ କରି ମାନବ ଶରୀର ତଥା ଜୀବର ଶରୀରମାନ ଉତ୍ପନ୍ନ ହୁଏ । ଏହାକୁ ମହାପୁଣ୍ୟ କୁହାଯାଏ । ଏହି ମହାପୁଣ୍ୟ ଅର୍ଜନ ପାଇଁ ସୃଷ୍ଟିତତ୍ତ୍ୱର ନିୟମ ଦାୟୀ । ସୃଷ୍ଟିତତ୍ତ୍ୱର ନିୟମରେ ଏହା ଏକ ଯଜ୍ଞ ଅଟେ, ଯେଉଁ ଯଜ୍ଞ କି ସୃଷ୍ଟିକୁ ଜୀବନ ପ୍ରଦାନକାରୀ ଭାବରେ ସ୍ରଷ୍ଟାଙ୍କର ମହତ୍‌କାର୍ଯ୍ୟ ସମ୍ପାଦିତ ହୋଇଥାଏ, ଏହା ଜୀବନ ପ୍ରଦାନକାରୀ ବ୍ରହ୍ମଯଜ୍ଞ ଅଟେ । ବ୍ରହ୍ମା ହେଉଛନ୍ତି ଏହି ଯଜ୍ଞ ବିଧାନର ଦେବତା । ବ୍ରହ୍ମା ଏହି ଯୌନଯଜ୍ଞର

ଅନୁଷ୍ଠାନରେ ଜୀବଜଗତକୁ ସୃଷ୍ଟି କରନ୍ତି । ଏଣୁ ଏହାକୁ **'ବ୍ରହ୍ମଯଜ୍ଞ'** କୁହାଯାଏ । ଏହି ବ୍ରହ୍ମଯଜ୍ଞରୁ ଯଜ୍ଞରେ ନିଯୁକ୍ତ ଶରୀରରେ ସ୍ନେହ, ଶ୍ରଦ୍ଧା, ମୋହ, ମମତା, ପ୍ରେମ, ପ୍ରୀତି ଇତ୍ୟାଦି ଜୀବକୁ ବନ୍ଧନ କରି ରଖିଥା'ନ୍ତି । ଏହି ବନ୍ଧନର ତୃପ୍ତି କ୍ଷଣିକ ଅଟେ ଏବଂ କ୍ଷଣିକ ତୃପ୍ତିର ବନ୍ଧନରେ ରହି କାମତୃଷ୍ଣାର ବାରମ୍ବାର ସଞ୍ଚାର ହେତୁ ଜୀବର ବ୍ୟକ୍ତିତ୍ୱ କାମତୃଷ୍ଣାର ବଶବର୍ତ୍ତୀ ହୋଇଥାଏ ।

ଜିଜ୍ଞାସୁ : ପୁଣି କୁମାର୍ଗର ବିଚାର କିପରି ? ପ୍ରଭୁ !

ଠାକୁର : ସୃଷ୍ଟିରେ ଦୁଇଟି କ୍ଷମତା ବିଧିବଦ୍ଧ । ଗୋଟିଏ କ୍ଷମତା ଈଶ୍ୱରଙ୍କର ତ ଅନ୍ୟ ଗୋଟିଏ କ୍ଷମତା ଜୀବର । ଈଶ୍ୱରଙ୍କ କ୍ଷମତାରେ ସୃଷ୍ଟିତତ୍ତ୍ୱର ନିୟମ ଅଛି । ମାତ୍ର ଜୀବର କ୍ଷମତାରେ ଇଚ୍ଛାଧୀନ କ୍ରିୟାଯୋଗର ପରିଚର୍ଯ୍ୟା ଅଛି । ଯେପରି ଈଶ୍ୱରଙ୍କ କ୍ଷମତାର କ୍ରିୟାରେ ଧାନରୂପୀ ଶସ୍ୟ ଉତ୍ପନ୍ନ ହୋଇଥାଏ । ତାହା ପୁଣି ମଣିଷର ଇଚ୍ଛାଶକ୍ତିର ଚର୍ଯ୍ୟାରେ ଖାଦ୍ୟରେ ପରିଣତ ହୁଏ ।

ଜିଜ୍ଞାସୁ : ଇଚ୍ଛା ଶକ୍ତି କ'ଣ ଦୁଇଟି ? ପ୍ରଭୁ !

ଠାକୁର : ହଁ । ଈଶ୍ୱରଙ୍କର ଇଚ୍ଛା ଆଉ ମଣିଷର ଇଚ୍ଛା ଶକ୍ତି । ଏହି ଦୁଇଟି ଇଚ୍ଛାଶକ୍ତି ପରସ୍ପର ପରିପୂରକ । ଜଣେ ଜଣକୁ ଛାଡ଼ି ନିଜର ଅସ୍ତିତ୍ୱ ବଜାୟ ରଖିପାରିବ ନାହିଁ କି ତିଷ୍ଠି ରହି ପାରିବ ନାହିଁ । ତେଣୁ ଦୁହେଁ ସମଶକ୍ତି ସମ୍ପନ୍ନ ହୋଇ ସୃଷ୍ଟିର ନିୟାମକ ଭାବେ କାର୍ଯ୍ୟ କରୁଛନ୍ତି ।

ଜିଜ୍ଞାସୁ : ଯଦି ପ୍ରଭୁ ! ଉଭୟ ତତ୍ତ୍ୱ ସମଶକ୍ତି ସମ୍ପନ୍ନ, ତେବେ ଈଶ୍ୱର ଯାହା କରିବେ, ମଣିଷ କାହିଁକି ତାହା କରିପାରିବ ନାହିଁ ?

ଠାକୁର : ମହାକର୍ଷଣ ଶକ୍ତିର ଆଧାରରେ ପୃଥିବୀ ସୂର୍ଯ୍ୟ ଚତୁଃପାର୍ଶ୍ୱରେ ଘୂର୍ଣ୍ଣନ କରୁଛି । ତୁମେ ମହାକର୍ଷଣ ଶକ୍ତିରୁ ଆସିଥିଲେ ମଧ୍ୟ ପୃଥିବୀକୁ ଘୂରାଇ ପାରିବ କି ? ଜୀବ ଦୃଷ୍ଟିର ପରିସର ଓ ଇଚ୍ଛାଶକ୍ତି ସୀମିତ । ଏଣୁ ଜୀବର ଇଚ୍ଛାଶକ୍ତି ତା' ପାଇଁ ବଳବାନ, ଆଉ ଈଶ୍ୱରଙ୍କ ଦୈବୀଶକ୍ତି ସୃଷ୍ଟି ପାଇଁ ବଳବାନ । ଜୀବବଧର ନିୟମ ସୃଷ୍ଟି ତତ୍ତ୍ୱରେ ଅଛି । ମାତ୍ର ଜୀବବଧ ଜୀବର ଇଚ୍ଛାଶକ୍ତି ଓ କ୍ରିୟାଯୋଗ ଦ୍ୱାରା ସମ୍ପାଦିତ ହୋଇଥାଏ ।

ଜିଜ୍ଞାସୁ : ସୃଷ୍ଟି ତତ୍ତ୍ୱର ନିୟମ ଜୀବ ଇଚ୍ଛାରେ କ୍ରିୟାଶୀଳ ହେବାରୁ ଜୀବକୁ ଜୀବବଧ ଜନିତ ଦୋଷ ଲାଗୁଛି । ଏହି ଦୋଷାବହ କାର୍ଯ୍ୟର ପଶ୍ଚାତ୍‌ରେ କିଛି ପୁଣ୍ୟ ବି ନିଶ୍ଚୟ ଥିବ - ପ୍ରଭୁ !

ଠାକୁର : ହଁ ।

ଜିଜ୍ଞାସୁ : କାମାନ୍ତକ ଅଣୁର ସଂଯୋଗରେ ଯେଉଁ ଜୀବ ଜାତ ହୁଅନ୍ତି, ସେ ସମ୍ପର୍କରେ ଅନୁଗ୍ରହ କରି ଜଣାନ୍ତୁ ।

ଠାକୁର : କାମାନ୍ତକ ଅଣୁର ସଂଯୋଗରେ ଯେଉଁ ଜୀବ ଜାତ ହୁଅନ୍ତି, ତାହାର ଦ୍ୱିବିଧ ଗତି ଓ ଦଶଗୋଟି ଉପଚାର ରହିଛି ।

ଜିଜ୍ଞାସୁ : ଦଶଗୋଟି ଉପଚାର କ'ଣ କ'ଣ ? ପ୍ରଭୁ !

ଠାକୁର : ତୁମର ପଞ୍ଚଜ୍ଞାନେନ୍ଦ୍ରିୟ ଓ ପଞ୍ଚଜ୍ଞାନେନ୍ଦ୍ରିୟଙ୍କ ଦ୍ୱାରା ପରିଚାଳିତ ପଞ୍ଚକର୍ମେନ୍ଦ୍ରିୟମାନଙ୍କ ଦ୍ୱାରା କାମାନ୍ତକ ଅଣୁମାନଙ୍କର ପରସ୍ପର ପରସ୍ପର ସହିତ ସଂଯୋଗ ହୁଅନ୍ତି ।

ଜିଜ୍ଞାସୁ : ବିସ୍ତୃତ ବିବରଣୀ ପ୍ରଦାନ କରନ୍ତୁ, ପ୍ରଭୁ !

ଠାକୁର : ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ଏହି ରୂପୀ ପାଞ୍ଚଗୋଟି ତୃପ୍ତିଯୁକ୍ତ ରସ ଅଛି । ପ୍ରତ୍ୟେକ ରସର କାମାନ୍ତକ ଅଣୁ ଭିନ୍ନଭିନ୍ନ । ଶବ୍ଦଯୁକ୍ତ ଅଣୁ, ଦର୍ଶନଜନିତ ଅଣୁ, ସ୍ପର୍ଶଜନିତ ଅଣୁ, ଗନ୍ଧ ଜନିତ ଅଣୁ, ସ୍ୱାଦଜନିତ ଅଣୁ ଶରୀରରେ ଅଛନ୍ତି । ଉଦୀପକ କାରଣ ସୃଷ୍ଟିହେଲେ ଅଣୁ ଜାଗ୍ରତ ହୋଇ ଶରୀରକୁ ଉଲ୍ଲସିତ କରି ତନ୍ମୟ କରିଥାଆନ୍ତି । ଶରୀରରେ ପାଞ୍ଚଗୋଟି କାମାନ୍ତକ ଅଣୁର ଉତ୍ପାଦ ସ୍ନାୟୁମାନଙ୍କ ସାହାଯ୍ୟରେ ଶରୀର କାମ ଭୋଗରେ ତଲ୍ଲୀନ ହୋଇଥାଏ । ଉକ୍ତ ପଞ୍ଚ ଉପଚାରର ଦ୍ୱିବିଧ ଗତି ଅଛି । ଯଥା - ବିଧିଯୁକ୍ତ ଓ ଅବିଧିଯୁକ୍ତ ଗତି ।

ଜିଜ୍ଞାସୁ : ଉଭୟ ଗତିର ଫଳାଫଳ ସମ୍ପର୍କରେ ଜଣାନ୍ତୁ, ଆଜ୍ଞା !

ଠାକୁର : ଉଭୟ ଗତିର ଫଳରେ ବିଧିଯୁକ୍ତ ବା ନିୟମାବଳୀର ଅନୁଶାସନରେ କାମଭୋଗ ହେଲେ ତହିଁରୁ ମହାପୁଣ୍ୟ ରୂପୀ ଶାନ୍ତି ତଥା ସନ୍ତୋଷ ମିଳିଥିବା ବେଳେ ଅବିଧିଯୁକ୍ତ ଭୋଗରେ ଅଶାନ୍ତି, ଅତୃପ୍ତି ତଥା ଅବସାଦ ମିଳିଥାଏ ।

ଜିଜ୍ଞାସୁ : ମଣିଷ ତ କିଛି ବିଧିଯୁକ୍ତ ଆଉ କିଛି ଅବିଧିଯୁକ୍ତ କାମ ଭୋଗରେ ଅଛି । ମଣିଷ ମିଶ୍ରିତ ଫଳ ଭୋଗ କରିବାକୁ ବାଧ । ଫଳତଃ ବ୍ୟକ୍ତିର ଅବସ୍ଥା ଚକ୍ରରେ କେଉଁ ଫଳ ଅନୁଭବ କରେ-ପ୍ରଭୁ !

ଠାକୁର : ଅବିଧିଯୁକ୍ତ କାମଭୋଗର ପଶ୍ଚାତ୍‌ରେ ବ୍ୟକ୍ତିର ସ୍ମୃତିଶକ୍ତିର ହ୍ରାସ ହୋଇଥାଏ । ଫଳସ୍ୱରୂପ ସେ ସଦା ସର୍ବଦା ଅନ୍ୟମନସ୍କ, ତା'ର କୌଣସି କାର୍ଯ୍ୟରେ ସଠିକ୍ ଭାବେ ମନୋନିବେଶ ହୋଇନଥାଏ । ତା'ର ହେତୁ ଥାଇ ଚେତନାର ବିନାଶ ହୋଇଥାଏ । ପରର ଧନ ଅପହରଣ କରିବା, ନକାରାତ୍ମକ ବିଷୟରେ ପ୍ରୟାସ ଜାରି ରଖି ତା'ର ପଶ୍ଚାତ୍‌ଧାବନ କରିବା, ବିଚାର ଶକ୍ତିରେ ବୋଧଜ୍ଞାନ ହରାଇବା, ନୀଚମନା, ଭ୍ରାତୃଦ୍ରୋହୀ, ହିଂସାପରାୟଣ ହେବାରୁ ମୁଖର ସୌନ୍ଦର୍ଯ୍ୟ ତଥା ସ୍ୱାସ୍ଥ୍ୟ ବିକୃତ ହୋଇ ମୁଖମଣ୍ଡଳକୁ ବିବର୍ଣ୍ଣ କରିବା ଇତ୍ୟାଦି ବିଭସରୂପ ପ୍ରଦର୍ଶିତ କରିଥାଏ ।

ଜିଜ୍ଞାସୁ : ଆଉ ବିଧିଯୁକ୍ତ ହେଲେ କି ଫଳ ପ୍ରାପ୍ତ ହୁଏ, ପ୍ରଭୁ ?

ଠାକୁର : ବିଧିଯୁକ୍ତ କାମୋପଭୋଗରୁ ଜୀବନ ବୃଦ୍ଧିରେ ବିକଶିତ ହୋଇ ଐକାନ୍ତିକ ଲକ୍ଷ୍ୟରେ ବ୍ୟକ୍ତି ଲକ୍ଷ୍ୟଭେଦ କରିପାରିଥାଏ । ସୃଷ୍ଟି ଓ ସ୍ରଷ୍ଟାଙ୍କୁ ଜାଣିବାର ମାର୍ଗ ପ୍ରଶସ୍ତ ହୋଇଥାଏ । ଏହା ହିଁ ତ ଦିବ୍ୟଜ୍ଞାନ ।

ଜିଜ୍ଞାସୁ : କାମ ଉପଭୋଗରୁ ଦିବ୍ୟଜ୍ଞାନ ତଥା ରିପୁଙ୍କୁ ଦମନ କରିବାର ନିର୍ଦ୍ଦେଶ-ଏହି ଦୁଇ ତତ୍ତ୍ୱ ପରସ୍ପର ବିରୋଧୀ । କେଉଁଟି ଠିକ୍ ଆଉ କେଉଁଟି ଭୁଲ୍ ?

ଠାକୁର : ଦୁଇଟି ଯାକ ଠିକ୍ । ଦୁହେଁ ନିଜ ନିଜ ବିଚାରରେ ଠିକ୍ ।

ଜିଜ୍ଞାସୁ : ତେବେ ଆମେ କେଉଁ ପଥର ଅନୁଗାମୀ ହେବୁ - ପ୍ରଭୁ ?

ଠାକୁର : ତୁମେ କେଉଁ ପଥ ଧରିବ ବୋଲି ଭାବୁଛ ?

ଜିଜ୍ଞାସୁ : ଆମେ କେତେବେଳେ ବିଧିଯୁକ୍ତ ତ କେତେବେଳେ ଅବିଧିଯୁକ୍ତ ଆଚରଣ ପ୍ରଦର୍ଶନ କରୁଛୁ । ଫଳଭୋଗ ମଧ୍ୟ ଦ୍ୱିବିଧ । କେଉଁଟି ସଠିକ୍ ବୋଲି ଧରିବୁ ?

ଠାକୁର : ତୁମେ ଯେଉଁ ବାଟ ଧରିଛ, ସେହି ବାଟ ତୁମ ପାଇଁ ଠିକ୍ । ବିଧି ଆଉ ଅବିଧି ଜୀବନଚର୍ଯ୍ୟାର ଦୁଇଟି ପାଦ । ଏକ ପାଦରେ ତୁମେ କ'ଣ ଚାଲିପାରିବ? ଜୀବନର ସଂଜ୍ଞା ହେଉଛି - ଭଲ ଆଉ ମନ୍ଦ । ଭଲ ଆଉ ମନ୍ଦକୁ ଅନୁଭବକାରୀ ତତ୍ତ୍ୱର ନାମ ଜୀବନ, ଯେ କି ଭଲମନ୍ଦକୁ ଅନୁଭବ କରିପାରେ ।

ଜିଜ୍ଞାସୁ : **ଆତ୍ମଦ୍ରୋହ, ଧର୍ମଦ୍ରୋହ ଓ ବ୍ରହ୍ମବଧ**-ଏହି ତ୍ରିବିଧ ପାତକ ମଣିଷର ଜୀବନଚର୍ଯ୍ୟାରେ ସ୍ୱୟଂଚାଳିତ କ୍ରିୟାରେ ଲାଗୁ ହେଉଅଛି । ଏଥିରୁ ସୃଷ୍ଟି ହେଉଛି - ଚରିତ୍ର । ଚରିତ୍ର ଗଠନର ଅର୍ଥ କ'ଣ ପ୍ରଭୁ ?

ଠାକୁର : ଚରିତ୍ର ଗଠନ ହେଉଛି ତୁମର ବିଚାରଧାରା । ଭଲମନ୍ଦ ନିକିତିର ଦୁଇପାର୍ଶ୍ୱ ପରି । ଦୁଇ ପାର୍ଶ୍ୱ ମଧ୍ୟରେ ସମନ୍ୱୟ ରହି ଯଦି ସମାନ ହୋଇଯାଏ, ତା'ହେଲେ ନିକିତିର ଓଜନ ଠିକ୍ ଅଛି ବୋଲି ପ୍ରମାଣିତ ହୁଏ । ଦୁଇଟି ତତ୍ତ୍ୱରେ ସମନ୍ୱୟ ଆଣିପାରିଲେ ଚିରତ୍ର ଗଠନ ହୋଇଥାଏ ।


ଜିଜ୍ଞାସୁ : ପୂର୍ବରୁ ଆଲୋଚନା କରିଛନ୍ତି - **ଗୁରୁଦ୍ରୋହ ଦୋଷ** । ଏହି ଗୁରୁଦ୍ରୋହ ଦୋଷର ବିଚାରଧାରା କିପରି ?

ଠାକୁର : ଉପରୋକ୍ତ ତିନିଗୋଟି ମୁଖ୍ୟ ଦ୍ରୋହ ମିଳିତ ହୋଇ ଗୁରୁଦ୍ରୋହ ଭାବରେ ପରିଣତ ହୋଇଥାଏ । ଶିଷ୍ୟ ଭାବରେ ନ ରହି ଗୁରୁ ହେବାକୁ ପ୍ରୟାସ କରିବା ହେଉଛି - **ଗୁରୁଦ୍ରୋହ** ।

*କ୍ରମଶଃ...*

ଧାଇଁ ଆସିଥିଲୁ ମନକୁ ମନ
ଭୟରେ ଦୂରେଇ ଯାଉଛୁ ଧନ ।
ବୋଲକରା ହୋଇଥିଲେ ନିର୍ଭୀକ
ହୋଇ ପାଇଥା'ନ୍ତୁ ଚରମ ସୁଖ ।।

# ସମ୍ଭବାମି ଯୁଗେ ଯୁଗେ
# ରତ୍ନବେଦୀ



## ଜନନୀ, ଜଠର, ଜରାୟୁ

ବିଶ୍ୱର ଶ୍ରେଷ୍ଠ ଶାସ୍ତ୍ର ଶ୍ରୀମଦ୍‌ଭଗବଦ୍ ଗୀତାରେ 'କୃଷ୍ଣସ୍ତୁ ଭଗବାନ ସ୍ୱୟଂ' ଉଦାତ୍ତ କଣ୍ଠରେ ବିଶ୍ୱମାନବ ସମାଜକୁ ଦୃଢ଼ ପ୍ରତିଶ୍ରୁତି ଦେଇ କହିଛନ୍ତି : 'ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ' । ଭଗବାନ ଶ୍ରୀକୃଷ୍ଣ ନରଦେହ ଧରି ଧରାଧାମକୁ ଓହ୍ଲାଇ ଆସିଥିଲେ ଦିନେ ଦ୍ୱାପର ସଂସ୍କୃତିରେ । ତାଙ୍କର ଏହି ଆସିବାର ଉଦ୍ଦେଶ୍ୟ ସେ ସ୍ୱୟଂ ପ୍ରକାଶ କରିଯାଇଛନ୍ତି : (୧) ଯେତେବେଳେ ଧର୍ମ ଗ୍ଲାନିପୂର୍ଣ୍ଣ ହୋଇଯାଏ, ଯେତେବେଳେ ଅଧର୍ମର ଅଭ୍ୟୁତ୍ଥାନ ହୁଏ ସେ ଆସନ୍ତି । (୨) ସାଧୁସନ୍ଥମାନଙ୍କ ଉପରେ ଯେତେବେଳେ ଅହେତୁକ ଆକ୍ରୋଶମୂଳକ ଆକ୍ରମଣ ହୁଏ, ସେତେବେଳେ ସାଧୁମାନଙ୍କୁ ପରିତ୍ରାଣ କରିବା ପାଇଁ ସେ ଆସନ୍ତି । (୩) ଦୁଷ୍କୃତମାନଙ୍କର ଦୁଷ୍କୃତି ଯେତେବେଳେ ମାତ୍ରାତିରିକ୍ତ ବୃଦ୍ଧିପ୍ରାପ୍ତ ହୁଏ, ସେତେବେଳେ ଦୁଷ୍କୃତମାନଙ୍କର ବିନାଶ ନିମନ୍ତେ ସେ ଅବଶ୍ୟ ଆସନ୍ତି । ଏତଦ୍ ଭିନ୍ନ ମହର୍ଷିବ୍ୟାସଙ୍କକୃତ ପୁରାଣଚୂଡ଼ାମଣି ଶ୍ରୀମଦ୍‌ଭାଗବତମ୍‌ରେ ଉଲ୍ଲେଖ ଅଛି : ସେ ପତିତମାନଙ୍କର ଉଦ୍ଧାର ପାଇଁ, ପତିତମାନଙ୍କୁ ପାବନ ବା ପବିତ୍ର କରିବା ଉଦ୍ଦେଶ୍ୟରେ ମାନୁଷୀତନୁକୁ ଆଶ୍ରୟ କରି ବୈକୁଣ୍ଠର ଭୋଗୈଶ୍ୱର୍ଯ୍ୟକୁ ସମ୍ପୂର୍ଣ୍ଣ ପରିତ୍ୟାଗ କରି ଧୂଳିର ଧରଣୀକୁ ଓହ୍ଲାଇ ଆସନ୍ତି । ଯୁଗେ ଯୁଗେ ମନୁଷ୍ୟ ଦେହଧରି ସେ ମଣିଷ ସମାଜରେ ଅବତୀର୍ଣ୍ଣ ହୁଅନ୍ତି । କେତେ ଚମତ୍କାର କଥା ନୁହେଁ ସତେ !!

ବେଦ ଉଚ୍ଚାରଣ କରନ୍ତି କମ୍ବୁକଣ୍ଠରେ : 'ଧାରଣାଦ୍ ଧର୍ମମିତ୍ୟାହୁ ସଃ ଏବ ପରମ ପ୍ରଭୁଃ ।' ଅର୍ଥାତଃ ଯାହା ଜୀବନ ଧାରଣ, ପାଳନ, ପୋଷଣ କରେ, ତାହା ହିଁ ଧର୍ମ ଏବଂ ସେହି ଧର୍ମ ହିଁ ସ୍ୱୟଂ ପରମ ପ୍ରଭୁ, ପରମ ପୁରୁଷ ଅଟନ୍ତି । ସେହି ହିଁ ପରମପୁରୁଷ ଅଟନ୍ତି ଯିଏ ସ୍ୱୟଂ ନିଜର ଜୀବନଚଳନି ମାଧ୍ୟମରେ ମନୁଷ୍ୟ ସମାଜକୁ ସରଳ ସ୍ୱଚ୍ଛଳ ଜୀବନ ଧାରଣ, ପାଳନ, ପୋଷଣର ମାର୍ଗ ନିର୍ଦ୍ଦେଶ କରିଥାଆନ୍ତି ଓ କରୁଥାଆନ୍ତି । ମନୁଷ୍ୟ ତାଙ୍କ ସଂସ୍ପର୍ଶରେ ଆସି ସଁବାଳୁଆରୁ ପ୍ରଜାପତିରେ ରୂପାନ୍ତରିତ ହୋଇ ରଙ୍ଗୀନ ଡେଣାଝାଡ଼ି ସମାଜ କାନନରେ ଉଡ଼ିବୁଲେ । ଧର୍ମର ମୂର୍ତ୍ତିମାନ ପ୍ରତୀକ, ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କର ଏକତ୍ର ସମନ୍ୱୟର ପ୍ରତିରୂପ ପରମପ୍ରଭୁ, ପରମ ପୁରୁଷ ଧର୍ମାବତାର ସନ୍ଥ ସଦ୍‌ଗୁରୁ କାମ, କ୍ରୋଧ, ଲୋଭ, ମୋହ, ମାୟା ଇତ୍ୟାଦିର ଊର୍ଦ୍ଧ୍ୱରେ ରହି ନୀରବରେ କହି ଚାଲିଥାଆନ୍ତି ଅସୁମାରି କଥା । ତାଙ୍କର ସେ ନୀରବ ଭାଷା ଶୁଣିବା, ବୁଝିବା, ମନେରଖିବା ଓ କର୍ତ୍ତବ୍ୟ କର୍ମରେ ସାକାର କରିବା ପାଇଁ ଦୀର୍ଘ ବର୍ଷ ବର୍ଷ ଧରି ବହୁବର୍ଷର କଠୋର କଠିନ ସାଧନାର ଅପେକ୍ଷା ରଖେ । ଧୈର୍ଯ୍ୟହୀନ, ବୀର୍ଯ୍ୟହୀନ, ଶୌର୍ଯ୍ୟହୀନ କ୍ଷଣଜନ୍ମା ସାଧାରଣ ମଣିଷ ତାଙ୍କୁ ଶୁଣି ନପାରି, ବୁଝି ନପାରି ମୁହୂର୍ତ୍ତକ ମଧ୍ୟରେ ଅଧୈର୍ଯ୍ୟ ହୋଇ ତାଙ୍କର ସ୍ତୁତିଗାନ, ଗୁଣକୀର୍ତ୍ତନ ପରିବର୍ତ୍ତେ

କରେ ନିନ୍ଦାଗାନ । ନିନ୍ଦା ଅପବାଦର ପାହାଡ଼ ଆଣି ଲଦିଦିଏ ତାଙ୍କର ମସ୍ତକରେ । କି ଦାରୁଣ ଦୁର୍ଭାଗ୍ୟ ସତେ ଏ ମଣିଷର ! ଚିନ୍ତାକଲେ ହୃଦୟ ବ୍ୟାକୁଳ ହୁଏ, ଆଖିରେ ଆଖିରେ ଲୁହ ଜକେଇ ଆସେ ସିନା କିନ୍ତୁ କିଛି କରିବାର ବାଟ ଖୋଜିଲେ ସହସା ମିଳି ନଥାଏ । ନିଜ ଲୁହ ନିଜେ ପିଇ କେବଳ ଜୀଇଁ ରହିବା ସାର ହୁଏ । ଅସାର ପ୍ରତୀତ ହୁଏ ସମଗ୍ର ସଂସାର ।

ଯୁଗଜନ୍ମା ଯୁଗପୁରୁଷ ନିର୍ବିକାର । ସେ ତ ଆକାରରେ ନିରାକାର, ନାମରେ ଅନାମ, ରୂପରେ ଅରୂପ, ଗୁଣରେ ନିର୍ଗୁଣ । ସେ ନୀରବରେ ବସି ସବୁ ଦେଖନ୍ତି, ସବୁ ଶୁଣନ୍ତି, କିଛି ନକରି ସବୁ ହିଁ ତ ସେ ହିଁ କରନ୍ତି, ପଦେ ବି କିଛି ନକହି ସବୁ ହିଁ କହନ୍ତି ସେ । ଏକଥା ଅନେକ ଜାଣନ୍ତି, ପ୍ରତ୍ୟକ୍ଷ କରନ୍ତି, କରୁଛନ୍ତି । ଆହୁରି ଅନେକ ଏହାର ଲବମାତ୍ର ଜାଣିପାରନ୍ତି ନାହିଁ, ପ୍ରତ୍ୟକ୍ଷ ବି କରିପାରନ୍ତି ନାହିଁ । ମାତ୍ର ପ୍ରଭୁଙ୍କର କରୁଣା, କଲ୍ୟାଣ ଓ ଦୟା କୃପା ଅହରହ ଅନବରତ ସମସ୍ତଙ୍କ ଶିରରେ ବର୍ଷି ଚାଲିଥାଏ । ଏଥିରେ ବିରତି କି ବିରାମ ନଥାଏ ।

ସେ ପରା କ୍ଷମାନୁକମ୍ପାଧର ! କ୍ଷମା ଓ ଅନୁକମ୍ପାରେ ତାଙ୍କୁ ପୁଣି ବଳିଯିବ କିଏ ? ସେ କାହାରି ସ୍ୱାର୍ଥହାନୀ କରନ୍ତି ନାହିଁ । କାହାରି ମନମନ୍ଦିରକୁ ଭାଙ୍ଗି ଦିଅନ୍ତି ନାହିଁ । କାହାକୁ ବି ଘୃଣା କରନ୍ତି ନାହିଁ । ପରମ ପ୍ରେମମୟ ସେ , ଚରମ ଶାନ୍ତିପ୍ରିୟ ସେ । ସ୍ତାବକମାନଙ୍କ ଅପେକ୍ଷା ନିନ୍ଦୁକମାନଙ୍କୁ ସେ ଅପାର କରୁଣା, ଅନନ୍ତ କରୁଣା, ଅନନ୍ତ କଲ୍ୟାଣରେ ଅଧିକ ଶୁଚିସ୍ନାତ କରି ଦିଅନ୍ତି । ଚିର ଅବୋଧ ପ୍ରଭୁଙ୍କୁ ଏତେ ସହଜରେ ବୁଝିବା କ'ଣ ସମ୍ଭବ ! ନବୁଝି ନଜାଣି ବି ଅନେକ ବ୍ୟକ୍ତି କହନ୍ତି, କହିଥିବାର ଆମେ ଶୁଣିଛୁ, 'ମୁଁ ସବୁ ଜାଣେ' । ସବୁ ଜାଣିଥିବା ବ୍ୟକ୍ତିର ଆଚରଣରୁ କିନ୍ତୁ ସ୍ପଷ୍ଟ ବାରି ହୋଇପଡ଼େ ଯେ ସେ କିଛି ବି ଜାଣିନାହାନ୍ତି । ବାହାସ୍ଫୋଟ ମାରିବା ଆଉ ପ୍ରକୃତ ପରିଚୟ ପାଇବା ମଧ୍ୟରେ ରହିଛି ଆକାଶ-ପାତାଳ ପାର୍ଥକ୍ୟ । ଚିରକଲ୍ୟାଣାକାଂକ୍ଷୀ, ପରମ ମଙ୍ଗଳମୟ ପ୍ରଭୁ ମନୁଷ୍ୟ ସମାଜର କଲ୍ୟାଣ ଓ ମଙ୍ଗଳ ପାଇଁ ବାଲ୍ୟକାଳରୁ ଏଯାବତ୍ ସତତ କ୍ରିୟାଶୀଳ । ତାଙ୍କର ଦିବ୍ୟ ସାନ୍ନିଧ ଓ ଶାନ୍ତ ସଂସର୍ଗରେ ଆସି କେତେ ଦୁଃଖୀ,କେତେ ତାପୀ, କେତେ ରୋଗୀ, କେତେ ଶୋକସନ୍ତପ୍ତ ବ୍ୟକ୍ତି ଜୀବନର ପ୍ରକୃତ ଓ ପ୍ରକୃଷ୍ଟ ଲକ୍ଷ୍ୟ ଲାଭ କରି କୃତକୃତ୍ୟ ହୋଇ ଯାଇଛନ୍ତି । ଏକଥା ଆଉ କେହି ଜାଣୁ ବା ନଜାଣୁ ଉପକୃତ ବ୍ୟକ୍ତି ହିଁ ଅବଶ୍ୟ ଜାଣନ୍ତି । ଆଉ ଜାଣିଛନ୍ତି ସ୍ୱୟଂ ପ୍ରଭୁ ।

ଆମେ ଲକ୍ଷ୍ୟ କରିଛୁ, ଜାଣିଛୁ - କାହାକୁ କେବେ କିଛି ମାଗନ୍ତି ନାହିଁ ପ୍ରଭୁ, କାହାଠାରୁ କିଛି ଦାବି କରିବା ତ ଦୂରର କଥା । ଏପରିକି ପାଣି ଗିଲାସେ ମଧ୍ୟ କାହାକୁ ମୁହଁ ଖୋଲି ମାଗିନାହାନ୍ତି । ଦେଲେ ଆଦରରେ ହସିଦେଇ ପିଇନିଅନ୍ତି । ଧନ ସମ୍ପଦ ଠୁଳେଇ ରଖିବାର ପାତ୍ର ସେ ଆଦୌ ନୁହନ୍ତି । ଦେଲେ ନିଅନ୍ତି ନାହିଁ । ପାଦ ପାଖରେ ଥୋଇ ଦେଲେ, ଅନ୍ୟକୁ ଉଠାଇ ନେବାକୁ ସଙ୍କେତ ଦିଅନ୍ତି । ଦୁଃଖୀ, ଅଭାବୀ ଲୋକଙ୍କୁ ଅକାତରରେ ଦେଇ ଦେବାପାଇଁ ନିର୍ଦ୍ଦେଶ ଦିଅନ୍ତି । ଅତି ସାଧାରଣ ତାଙ୍କର ଜୀବନଚର୍ଯ୍ୟା । ତାଙ୍କ ଜୀବନଚଳନିରେ ନାହିଁ ଆଡ଼ମ୍ବର । ନିରାଡ଼ମ୍ବର ସରଳ ଜୀବନଯାପନ କରି ଅନ୍ୟ ସମସ୍ତଙ୍କୁ ସେ ଜୀବନର ମୂଲ୍ୟ, ଲକ୍ଷ୍ୟ, ପାଳନ ପୋଷଣର ପଥ ନିର୍ଦ୍ଦେଶ କରନ୍ତି । ଶହ ଶହ ଭକ୍ତ ଅନୁଗତ ପ୍ରତିଦିନ ତାଙ୍କୁ ଦର୍ଶନ କରନ୍ତି, ମାତ୍ର କେତେଜଣ ବା ଏହା ଲକ୍ଷ୍ୟକରି ନିଜନିଜକୁ ସଜାଡ଼ି ନେଇଛନ୍ତି !

ପ୍ରଭୁଙ୍କର ପରିଚୟ ମାତ୍ର କେତେଜଣ ହାତଗଣତି ଭକ୍ତ ଅନୁଗତଙ୍କ ବ୍ୟତୀତ ଅନ୍ୟମାନେ ପାଇ ପାରି ନାହାନ୍ତି ଏଯାବତ୍, ଯଦିଓ ଜୀବନରେ ଶତାଧିକ ବାର ସେମାନେ ପ୍ରଭୁଙ୍କ ଦର୍ଶନ କରି ପ୍ରୀତ ଓ

ସନ୍ତୁଷ୍ଟ ହୋଇଛନ୍ତି । ସେଥିପାଇଁ ଶାସ୍ତ୍ର କହେ : 'ନାଳ୍ପେ ସୁଖମସ୍ତି, ଭୂମୈବ ସୁଖମ୍' । ଅତ୍ୟନ୍ତ ଆବଶ୍ୟକାନୁସାରେ ବିଷୟ ସମ୍ପତ୍ତି ସହିତ ପ୍ରଭୂତ ଅଧ୍ୟାତ୍ମସମ୍ପଦ ଲାଭରେ ପ୍ରଚୁର ସୁଖ ନିହିତ ଅଛି । ଆମେମାନେ କିନ୍ତୁ ଏହି ଶାସ୍ତ୍ରବାଣୀର ବିପରୀତ ରୀତିରେ ଜୀବନଯାପନ କରିବାକୁ ଅଭିଳାଷ ପୋଷଣ କରି ପ୍ରଚୁର ବିଷୟ ସମ୍ପତ୍ତି ପାଇଁ ଲାଳାୟିତ ହୋଇ ଦାରୁଣ ଦୁଃଖଦୁର୍ଦ୍ଦଶା, ରୋଗଶୋକ ଆଦି ତ୍ରିତାପରେ ପ୍ରତିମୁହୂର୍ତ୍ତରେ ଦଗ୍ଧମାନ ହେଉଛୁ, ଜଳିପୋଡ଼ି ଖାର ହୋଇ ଜୀବନ୍ତ ମରଣକୁ ଜାଣିଜାଣି ବରଣ କରି ନେଉଛୁ । ଦୁଷ୍କର୍ମ କରୁଛୁ ଆମେ, ଫଳତଃ ଫଳଭୋଗୁଛୁ ଆମେ, ଅଥଚ ଦୋଷ ଲଦି ଦେଉଛୁ ପ୍ରଭୁଙ୍କ ମୁଣ୍ଡରେ । କି ବିଘଟଣ ଏହା ନୁହେଁ ସତେ !!!

ମନୁଷ୍ୟ ଅନ୍ୟ କୌଣସି କାରଣରୁ ନୁହେଁ, ନିଜ କର୍ମଦୋଷରୁ କେବଳ ଦୁଃଖପାଏ । ଦୋଷ ଦିଏ ପ୍ରଭୁଙ୍କୁ । ଆମ ଦୁଃଖରେ ସେ ଦୁଃଖୀ ହୁଅନ୍ତି, ଆମର ମଙ୍ଗଳକାମନା ସେ କରି ଚାଲିଥିଲେ ମଧ୍ୟ ଆମର କୃତକର୍ମ ଜନିତ ଅମଙ୍ଗଳ ଘଟିଯାଏ, ଏଥିରେ ସେ ଅବା ସୁଖୀ ହୁଅନ୍ତେ କିପରି ? ଆମର ଏହି କୃତକର୍ମର ଦୋଷ ତାଙ୍କର ମଙ୍ଗଳ କାମନା ପଥରେ ମେଘନାଦ ପ୍ରାଚୀର ଛିଡ଼ା କରେଇ ପଥରୋଧ କରେ । ଏକଥା ବୁଝିଲେ ସିନା ହେବ । ତେଣୁ, ଆସ ଆମେ ସମସ୍ତେ ନିଜନିଜର କର୍ମର ଧାରାକୁ ସଜାଡ଼ି ନେବା । ଅପକର୍ମ ନ କରିବାର ଦୃଢ଼ ଶପଥ ନେବା । କାମ, କ୍ରୋଧ, ଲୋଭ, ମୋହ ଆଦିକୁ ସମ୍ପୂର୍ଣ୍ଣ ଦୂରେଇ ଦେଇ ନିଷ୍କପଟ ଭାବରେ ପରସ୍ପରକୁ ଭଲପାଇବା, ଭ୍ରାତୃତ୍ୱ ପ୍ରେମ ଡୋରିରେ ପରସ୍ପରକୁ ବାନ୍ଧିନେବା । ମୁକ୍ତ କଣ୍ଠରେ ପ୍ରଭୁଙ୍କର ଜୟଗାନ କରିବା । ଯେଉଁ ଉଦ୍ଦେଶ୍ୟରେ ପ୍ରଭୁ **'ଜନନୀ ଜଠର ଜରାୟୁ'** ମଧ୍ୟ ଦେଇ ଆମ ଗହଣକୁ ଆସିଛନ୍ତି, ତାଙ୍କର ସେହି ଲକ୍ଷ୍ୟ ପୂରଣରେ ସହାୟକ ସହଯୋଗୀ ହେବା ।

ମାନ ଅଭିମାନ ବାଦବିବାଦରେ କି ଅଛି କୁହ ?
ଦୁଃଖ କରନାହିଁ ଆସ ଆମ ପାଶ ପୋଛ ହେ ଲୁହ ॥
ଜୀବନ ଯେଉଁଠି ସେଇଠି ଯାତନା କଷଣ ଘୋର ।
ମଣିଷଟେ ପରି ମଣିଷ ଜୀବନ ଗଢ଼ରେ ତୋ'ର ॥
ବୃଥା ବାଦ ବିସମ୍ବାଦରୁ ମିଳୁଛି କି ମିଠା ରସ ।
ଅଭିମାନ ଅହଂକାର ଖୋଳପାରୁ ବାହାରି ଆସ ॥
ଦେଖ ମଧୁମୟ ଦିବ୍ୟ ସୁଧାମୟ ବିଶ୍ୱପ୍ରକୃତି ।
ତାହାରି କୋଳରେ ହଜିଯାଅ ଧନ ତେଜି ବିକୃତି ॥
ଆଘାତ ହାଣିଲେ ପ୍ରତିଘାତ ମିଳେ ଏହି ତ ନୀତି ।
ସେଥିରୁ ଓହରି କୋଳାକୋଳି ହୁଅ ଲଭିବ ପ୍ରୀତି ॥
କି ଲୋଡ଼ା କହୁନ ଅଛି ଯଦି ପାଶେ ସାଧନା ବଳ ।
ସେ ବଳ ସଞ୍ଚିଲେ ଛୁଇଁବନି ତିଳେ କରାଳ କାଳ ॥
ହଜିଯାଉ ସବୁ ମିଳୁଥାଉ ଖାଲି ଦିବ୍ୟ ଦର୍ଶନ ।
ଯା' ପ୍ରାପ୍ତିରେ ହୁଏ ସଫଳ ସାର୍ଥକ ଏଇ ଜୀବନ ॥

ମନୁଷ୍ୟ ଦେହଧରି ମଣିଷ ସମାଜରେ ଜନ୍ମହୋଇ, ମଣିଷ ପରି ମଣିଷଟିଏ ପରି ଜୀବନ ଧାରଣ କରିବାପାଇଁ, ଏହି ମାନବ ଜନ୍ମ ଓ ଜୀବନକୁ ସଫଳ ସାର୍ଥକ କରିବାକୁ ପ୍ରଭୁଙ୍କର ଧରାବତରଣ । ଏଥିପାଇଁ ଗୁରୁପଦାଶ୍ରୟୀ ହୋଇ ଦୁଃଖ ନକରି, ମାନ ଅଭିମାନ, ବୃଥା ବାଦ ବିସମ୍ବାଦକୁ ସର୍ବାଦୌ ତ୍ୟାଗ କରି, ଅଭିମାନ ଓ ଅହଂକାର ଖୋଳପାରୁ ମୁକ୍ତ ହୋଇ, ଘାତ ପ୍ରତିଘାତର କୁନୀତି ଛାଡ଼ି, ମାନବୀୟ ପ୍ରେମପ୍ରୀତିରେ ଦିବ୍ୟ ଆନନ୍ଦ ପ୍ରାପ୍ତିର ମଧୁର ରସାସ୍ୱାଦନ ହିଁ ଆମମାନଙ୍କର ସ୍ପୃହଣୀୟ । ଏହିପରି ଅନୁକୋଟି ସଦ୍‌ଶିକ୍ଷା ଆମେ ପ୍ରଭୁଙ୍କ କରୁଣା କଲ୍ୟାଣରୁ ଲାଭ କରୁଁ । ଆଖିରୁ ଧାରଧାର ଲୁହପୋଛି ଦେଇ ସଦ୍‌ସାହସ ଦିଅନ୍ତି ପରମକାରୁଣିକ ପ୍ରଭୁ । ଜୀବନ ସଂଗ୍ରାମରେ ବୀର ପରି ଅବତୀର୍ଣ୍ଣ ହୋଇ ଆଧ୍ୟାତ୍ମିକ ଦିବ୍ୟଜୀବନ ପ୍ରଦାନ କରନ୍ତି ପ୍ରେମମୟ ଜୀବନଦେବତା ଠାକୁରେ । ଗତିମୁକ୍ତି ପ୍ରଦାନ କରନ୍ତି ଅଗତିକୁ, ବଦ୍ଧଜୀବକୁ । ପାବନ କରନ୍ତି ପତିତକୁ । ହାତଧରି ବାଟ କଢ଼ାଇ ଆଗେଇ ନିଅନ୍ତି ସାଧନମାର୍ଗରେ, ଚରମପ୍ରାପ୍ତି ଲକ୍ଷ୍ୟରେ ।

ଏହା ପୂର୍ବରୁ ମାତୃଗର୍ଭରେ ଅବସ୍ଥାନ କରୁଥିବା ଶିଶୁ ତଥା ମା'ର ପିଣ୍ଡରେ କ୍ରମବର୍ଦ୍ଧମାନ ଅବସ୍ଥା ନେଇ ଚୈତନ୍ୟର 'ଇସ୍ୱାସୀ କ୍ରିୟା' ଶ୍ରୁତି ଶ୍ରବଣ କର୍ମ, ଧୀଶକ୍ତି ମାୟାଜଗତ ସହିତ ସଂଲଗ୍ନିତ ହୋଇଥିବା ପିଣ୍ଡର ପ୍ରତ୍ୟେକଟି ସ୍ନାୟୁ ତଥା ସ୍ନାୟୁର 'ଶୃତୀକ୍ଷା' ସ୍ତର ସମ୍ପର୍କରେ ଆଲୋଚନା କରାଯାଇଥିଲା । ଘୂର୍ଣ୍ଣନଶୀଳ ମାୟାଜଗତରୁ ସ୍ଥିରୀକୃତ ହୋଇ କିପରି ମାତୃଗର୍ଭରେ ଥିବା ଶିଶୁର ପିଣ୍ଡରେ ଶବ୍ଦ ସ୍ୱର ଯୋଗାଇ ଦିଆଯାଏ, ସେ ସମ୍ପର୍କରେ ବର୍ଣ୍ଣନା କରାଯାଇଥିଲା । ତେଣୁ ଶବ୍ଦରୁ କିପିର ନାଦ ସୃଷ୍ଟି ହୁଏ, ପିଣ୍ଡର ନାଦକର୍ଦ୍ଦଣ କୋଷକୁ ସ୍ପର୍ଶ କରି କେନ୍ଦ୍ରୀଭୂତ ହୁଏ ଏବଂ ନାଦ ଧାରଣର ପରବର୍ତ୍ତୀ ଅବସ୍ଥା ସମ୍ପର୍କରେ ଏହି ସଂଖ୍ୟାରେ ସଂକ୍ଷିପ୍ତ ଆଲୋଚନା କରାଯାଉଅଛି ।

ଶୂନ୍ୟ'ଶବ୍ଦ'ରୁ ନାଦ ସୃଷ୍ଟି ହୋଇ ଶୂନ୍ୟ ମାର୍ଗ ଆକାଶ ତତ୍ତ୍ୱରେ ଘୂରି ବୁଲୁଥାଏ । ଯେତେବେଳେ ଆକାଶ ତତ୍ତ୍ୱ ଭେଦକରି 'ନାଦ' 'କାରଣ' ଜଗତର ଅଗ୍ନିତତ୍ତ୍ୱକୁ ସ୍ପର୍ଶ କରେ, ସେତେବେଳେ ସ୍ୱୟଂଚାଳିତ କ୍ରିୟା ଦ୍ୱାରା 'ନାଦ' ଅଗ୍ନିରୂପ ଧାରଣ କରି ସୂକ୍ଷ୍ମାତି ସୂକ୍ଷ୍ମ ଅବସ୍ଥାରେ କ୍ରିୟାଶୀଳ ହୋଇ ଝୁଲି ରହିଥାଏ । ଏହି ଝୁଲିବା ଅବସ୍ଥାରେ ବ୍ରହ୍ମ ଅଣୁଚନ୍ଦ୍ରିକାଗୁଡ଼ିକ 'ପରମାଣୁ ସ୍ୱର' ସୃଷ୍ଟି କରି ତଥା ଗ୍ରହାଣୁପୁଞ୍ଜରେ ଏକ ବଳୟ ସୃଷ୍ଟି କରି କେନ୍ଦ୍ରୀଭୂତ ହୁଅନ୍ତି । ଏହାପରେ ପୂର୍ବବର୍ଣ୍ଣିତ 'ନାଦପୁଞ୍ଜ' 'ଶକ୍ତିତ କ୍ରିୟା' ଦ୍ୱାରା 'ଭ୍ରମରୀ' ମାୟାଗ୍ରନ୍ଥିରେ କୁରୁକୁଳିଆ ପୋକ ଭଳି ଲୁକ୍‌କାୟିତ ଅବସ୍ଥାରେ ରହିଯାଆନ୍ତି । ନାଭିକମଳରେ ଥିବା ପଦ୍ମଚକ୍ରମାନେ ଏହି ଅବସ୍ଥାରୁ ଉପରୋକ୍ତ ଗ୍ରହାଣୁପୁଞ୍ଜଗୁଡ଼ିକୁ ସୂକ୍ଷ୍ମାତିସୂକ୍ଷ୍ମ କ୍ରିୟା ଦ୍ୱାରା 'ନାଦ'ଗୁଡ଼ିକୁ ଧାରଣ କରି ବ୍ରହ୍ମରନ୍ଧ୍ରର ଗର୍ଦ୍ଦଣରେ ସାଥି ହୋଇଯାଆନ୍ତି । ପିତାମାତାଙ୍କର ପୁଣ୍ୟଫଳ (ସୁକୃତ), ଐଶ୍ୱର୍ଯ୍ୟ ଏହି ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଉକ୍ତ କର୍ମଫଳ ନାଦବ୍ରହ୍ମରେ ସମ୍ମିଳିତ ହୋଇ କର୍ମାନୁସାରେ ଫଳପ୍ରଦାନ କରିଦିଅନ୍ତି । ସୁକୃତ ଐଶ୍ୱର୍ଯ୍ୟ ଫଳର ପ୍ରାବଲ୍ୟ ଅଧିକ ଥିଲେ, ଏହି ଗ୍ରନ୍ଥି ମଣ୍ଡଳରୁ (ନାଦ) ଗ୍ରହଣ କରି ଯେଉଁ ସନ୍ତାନ ସୃଷ୍ଟି ହୁଅନ୍ତି, ସେମାନଙ୍କୁ **'ନିତ୍ୟ ସିଦ୍ଧ ସାଧୁ'** କୁହାଯାଏ । ଏହି ମହାତ୍ମାମାନଙ୍କର ହାଇ, ଛାଇ, ବାୟୁ ନ ଥାଏ । ଭୂମିଷ୍ଠ ହେଲେ ସେମାନଙ୍କ ପାଦ ଭୂମିକୁ ସ୍ପର୍ଶ କରି ନ ଥାଏ ।

ଏମାନଙ୍କ ନିଶ, ଦାଢ଼ି ନ ଥାଏ, ଜଟ କୌପୀନ ଧାରଣ କରି ଆସିଥାନ୍ତି । ଜଟ ୬ଟି (ଛଅ) ସେ ଆଣିଥା'ନ୍ତି । କେଶ ନଥାଏ, ଚର୍ମ ମାଂସରେ ଜଟଟି ତିଆରି ହୋଇଥାଏ । କୌପୀନ ଧାରଣ ମଧ୍ୟ ଚର୍ମର

ଆବରଣରେ ଥାଏ । ଜାତ ହେବାର ୩ ମାସରେ 'ପଦ୍ମାସନ', ସମାସନ, ଶୀର୍ଷାସନ, ମୟୂରାସନ, ଆପେ ଆପେ କରିପାରନ୍ତି ଓ ବେଦ, ବେଦାନ୍ତ ଉପନିଷଦରେ ଅଭ୍ୟସ୍ତ ହୋଇଥାନ୍ତି ।

ସମୟ ସମୟରେ ବାହ୍ୟଜ୍ଞାନ ଶୂନ୍ୟ ହୋଇଯା'ନ୍ତି । ସେହି ବାହ୍ୟଜ୍ଞାନ ଶୂନ୍ୟର ସମୟ ରାତ୍ର ୩ ଘଟିକାରୁ ୫ ଘଟିକା ମଧରେ, ସେହି ସମୟ ମଧରେ ଶକଟକ ବ୍ରହ୍ମ ମଣ୍ଡଳ ପର୍ଯ୍ୟନ୍ତ ଅନୁଭବ ତଥା ବ୍ରହ୍ମ ଦର୍ଶନରେ ବୁଡ଼ି ରହିଥା'ନ୍ତି ।

ଭ୍ରୂଲତା ସବୁବେଳେ ଲାଲବର୍ଣ୍ଣ ଧାରଣ କରି ସ୍ଥିର ରହେ । ସମୟକ୍ରମେ ବର୍ଣ୍ଣ ପରିବର୍ତ୍ତନ କରି ହରିଦ୍ରା ବର୍ଣ୍ଣରେ ପରିଣତ ହୁଏ । ସାଧୁଙ୍କ ଶିଷ୍ୟତ୍ୱ ଲାଭକରି ଯେଉଁମାନେ ବାରମ୍ବାର ସେବା କରୁଥିବେ କିମ୍ବା ପୂର୍ବରୁ ସାଧୁ ଅବା ବ୍ରାହ୍ମଣ ଗୃହରେ ଜନ୍ମ ହୋଇଥିବେ ସେହିମାନେ ହିଁ ଗୁରୁଙ୍କୁ ପାଇପାରିବେ ଓ ତାଙ୍କର ଶିଷ୍ୟତ୍ୱ ଲାଭ କରି ଚେତନ ହେବେ । ଗୁରୁ ଶିଷ୍ୟଙ୍କୁ ପରୀକ୍ଷା କରି ଦେହ ଥିବା ପର୍ଯ୍ୟନ୍ତ ୭ଟି ଶିଷ୍ୟର ଅଧିକାରୀ ହୋଇ ପାରିବେ । ମାତୃଗର୍ଭରେ ଥିବାବେଳେ ଶିଶୁ ମୁନି ନିରାକାରଙ୍କ ସହିତ ଯୋଗ ହୋଇଥାଏ । ''ବ୍ରହ୍ମାନନ୍ଦ ମୁନି'' ବ୍ରହ୍ମଙ୍କ ସହ ଯୋଗ ହୋଇ ଲୀଳା କରୁଥିବାରୁ ତାଙ୍କୁ ବ୍ରହ୍ମାନନ୍ଦ ମୁନି କୁହାଯାଏ ।

ଏମାନେ ଭୂମିଷ୍ଠ ହେଲେ କୁଆଁ କୁଆଁ ରାବ କରନ୍ତି ସତ, କିନ୍ତୁ ମୋହ ମାୟାରେ ଜଡ଼ିତ ହୁଅନ୍ତି ନାହିଁ । ଆଜନ୍ମ ମୁନି ହୋଇଥା'ନ୍ତି । ବର୍ତ୍ତମାନ ମୁନି ବାହାରିବା କଷ୍ଟ ସାଧ । ବ୍ରହ୍ମାନନ୍ଦ ମୁନି ୫ବର୍ଷରୁ ଗୃହତ୍ୟାଗ କରି ବାସ୍ତବ ଗୁରୁଙ୍କ ଅନ୍ୱେଷଣରେ ଯାଇ ତାହାଙ୍କୁ ପ୍ରାପ୍ତ ହୁଅନ୍ତି । ଏହି ବାସ୍ତବ ଗୁରୁ ମଧ ଲୁଚି ଛପି ସୃଷ୍ଟିକୁ ରକ୍ଷାକରି ଚାଲିଯାନ୍ତି ।

ଜନନୀ ଜଠର ଜରାୟୁ ଭେଦି । ବ୍ରହ୍ମ ଆସି ଲୀଳା କରେ ପ୍ରସିଦ୍ଧି ॥
ପଞ୍ଚଭୂତେ ଗଢ଼ା ହୁଏ ଶରୀର । ମାତ୍ର ପ୍ରକୃତିରୁ ଅଟନ୍ତି ପର ॥
ମାତୃ ଗରଭର ଅକୁହା କଥା । ଫେଡ଼ିଣ କହନ୍ତି ଦେବାକୁ ଚେତା ॥
ଚେତା ପାଇ ଚଇତନରେ ହେଜ । ତାହାକୁ ପାଇବା ହେବ ସହଜ ॥

ଜନନୀ ଜଠର ଜରାୟୁର ନିଭୃତ ଘନ ଅନ୍ଧକାର କୋଠାରୀ ମଧରେ ରହି ଯେ ନିଜକୁ ନିଜେ ଜାଣନ୍ତି ଓ ମାତୃ ଗର୍ଭସ୍ଥ ସାର ଗର୍ଭର ଅଦୃଶ୍ୟମାନ ତତ୍ତ୍ୱକୁ ଦର୍ଶନ କରି ଯେ ଅନାୟାସରେ ପ୍ରକାଶ କରନ୍ତି, ସେ ହିଁ ବ୍ରହ୍ମ । ତାଙ୍କର ଆବିର୍ଭାବ ଧରାପୃଷ୍ଠରେ ହେଲେ ସେ ନିଜକୁ ନିଜେ ଧରା ଦେଇଥାନ୍ତି । ନଚେତ ଯେ ସ୍ୱୟଂ, ତାଙ୍କୁ ଜାଣିବାର ସାଧକାହାର ବା ଅଛି ? ସେ ତାଙ୍କର ସ୍ୱ ଲୀଳା ରଚନା କରି ଯେତିକି ଜଣାନ୍ତି, ସେତିକି ହିଁ ଆମେ ଜାଣୁ । ଏହି ଜନନୀ ଜଠର ଜରାୟୁ ମାଧମରେ ଆମେ ଯେଉଁ ଅଶ୍ରୁତପୂର୍ବ ତତ୍ତ୍ୱକୁ ଜାଣିବାର ସୁଯୋଗ ପାଇଛୁ, ତାହାହିଁ ତାଙ୍କର ଅପୂର୍ବ କରୁଣା । ସୂକ୍ଷ୍ମତତ୍ତ୍ୱର ବିଚାର ଓ ବୁଦ୍ଧିର ସେହିଁ ପରିଚାୟକ । ସିଦ୍ଧମୁନି ଓ ବ୍ରହ୍ମାନନ୍ଦ ମୁନି, କେଉଁ ଭାବରେ ମାତୃଗର୍ଭର ଜରାୟୁ ମଧ ଦେଇ ଧରାପୃଷ୍ଠକୁ ଆସନ୍ତି ଓ କି କ୍ରିୟାମାନ କରନ୍ତି, ତାହା ତାଙ୍କୁ ହିଁ ଜଣା ।

କ୍ରମଶଃ...



# କଲ୍ୟାଣ ଦେଲି ତୋତେ

ତାଙ୍କ ବିଷୟରେ ଯେତେ ଚିନ୍ତା କରିବ, ସେତେ ଆନନ୍ଦ ନିଶ୍ଚୟ ଅନୁଭବ କରିହେବ । ମାତ୍ର, ସେ ବେଳକୁ ବେଳ ଏତେ ଅବୋଧ ହୋଇ ତୁମ ମାନସରେ ପ୍ରବେଶ କରିବେ ଯେ, ତୁମେ ଥଳକୂଳ ନପାଇ କେବଳ ହତାଶା ସଙ୍ଗୀତ ଗାନ କରିବାକୁ ବାଧ ହେବ । ତେଣୁ ଏକମାତ୍ର ଉପାୟ ''କାହିଁକି, କ'ଣ, କିପ୍ରି'' ଆଦି ଶବ୍ଦ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବରେ ପରିହାର କରି ସର୍ବୋତଭାବେ ନିଜକୁ ତାଙ୍କ ନିକଟରେ ସମର୍ପଣ କରିଦେବା । ତେଣିକି ସେ ତାଙ୍କ ଇଚ୍ଛାନୁସାରେ ଏ ଶରୀର ରୂପକ ଯନ୍ତ୍ରରେ ନିଜେ ଯନ୍ତ୍ରୀ ହୋଇ ମାର୍ଗଦର୍ଶନ କରାଇ ନେବେ । ଆମର ଆଉ କୌଣସି ଦାୟିତ୍ୱ ରହିବ ନାହିଁ । ତାଙ୍କର ଯେଉଁ ଇଚ୍ଛା, ତାହା ନିଶ୍ଚିତଭାବେ ନିଃସନ୍ଦେହରେ ଜୀବର କେବଳ ମଙ୍ଗଳ ସାଧନ ହିଁ କରିଥାଏ । ଆଜିର ସନ୍ଧି ମୁହୂର୍ତ୍ତରେ ଅଭ୍ୟାସ ଦ୍ୱାରା ଏହି ଭାବକୁ ଦୃଢ଼ କରିବା ହିଁ ଏକାନ୍ତ ଆବଶ୍ୟକ । କାରଣ ସ୍ଥୂଳ ଉପସ୍ଥିତିରେ ସେ କଲ୍ୟାଣ ପସରା ଧରି ଅପେକ୍ଷା କରିଛନ୍ତି । ଏ ସୌଭାଗ୍ୟ କ'ଣ ଆଉଥରେ ଆସିବ ?

ଆଉ କେତେଦିନ ନାହିଁ ନାହିଁ କହି
ଠକିବ ଏ ଦୀନ ଜନେ ।
ମୀମାଂସା ଲକ୍ଷ୍ୟରେ ଆସିଛ କହୁଛ
ବସିଛ କାହିଁ ମଉନେ ॥

ଶୂନ୍ୟରେ ରହିଣ ଯେଉଁ ସୂତ୍ର ନେଇ
ଖେଳୁଥିଲ ଜୀବ ସଙ୍ଗେ ।
ସ୍ଥୂଳରେ ଆସି ବି ବଦଳିଲ ନାହିଁ
ବସିଲ ପ୍ରାରବ୍ଧ ମଙ୍ଗେ ॥

ହେ ଦୀନବାନ୍ଧବ, ଦୁଃଖହାରୀ ନାମ
ଲିଭାଇ ଦିଅ ମୋ ମନ୍ତୁ ।
ଯାହା ଇଚ୍ଛା ତାହା କରିଯାଅ ଆଉ
ଦହନ କରନା ତନୁ ॥

ରେ ଜୀବ !

ମାୟା ବନ୍ଧନରେ ବନ୍ଦୀ ହୋଇ ମାୟାବୀ ଜୀବ ହୋଇ ରହିଗଲୁ । ହେଲେ କେବେ ଦିନେ ଭାବିଛୁ କି ଯେଉଁ ପରମପିତା ତୋତେ କଲ୍ୟାଣ ଦେଇ ଜୀବସ୍ୱରୂପରେ ଏ ଧରାପୃଷ୍ଠକୁ ପଠାଇଛନ୍ତି, ସେହି ମଙ୍ଗଳମୟ ତୋ'ର ହିତାକାଂକ୍ଷୀ ପିତା ହୋଇ ଜୀବନଯାତ୍ରାର ସମସ୍ତ ସମସ୍ୟା ସମାଧାନ କରି କରାଇବା ସଙ୍ଗେ ସଙ୍ଗେ ତୋ'ର ଅସଂଯତ ପ୍ରକୃତି, ପ୍ରବୃତ୍ତି ଆଦି ଗୁଣମାନଙ୍କୁ ନିରନ୍ତର ସଂଯତ ଏବଂ ଶୋଧନ କରିଚାଲିଛନ୍ତି । ମାତ୍ର, ମାୟାର ପ୍ରଭାବରେ ତୁ ସେ ସମସ୍ତ ଅମୃତଧାରାକୁ ଉପଲବ୍ଧି କରିବାର ସାମର୍ଥ୍ୟ ହରାଇ ବସିଛୁ ।

ସେହି କଲ୍ୟାଣମୟ ପିତା ତୋ'ର ଶରୀରଟି ନିର୍ମାଣ କରି ତହିଁରେ ହାତ, ଗୋଡ଼, ଚକ୍ଷୁ, ନାସା, କର୍ଣ୍ଣ ଓ ଜିହ୍ୱା ଆଦି ଇନ୍ଦ୍ରିୟମାନଙ୍କୁ ଖଞ୍ଜି ଦେଇଛନ୍ତି । ସର୍ବପ୍ରଥମେ ତୋ'ରି ମଙ୍ଗଳ ନିମିତ୍ତ ସେ ଖାଦ୍ୟ, ପାନୀୟ, କୃଷି, ବାଣିଜ୍ୟ ଆଦି ବୃତ୍ତି, ବିଦ୍ୟା, ଚିକିତ୍ସା ସୂତ୍ର ତଥା ଜ୍ଞାନ ଅର୍ଜନ ପାଇଁ ଶାସ୍ତ୍ର, ଗ୍ରନ୍ଥ, ବେଦ, ବେଦାନ୍ତ, ଉପନିଷଦ, ପୁରାଣ ଇତ୍ୟାଦି ସୃଷ୍ଟି କରାଇ ପର୍ଯ୍ୟାୟ କ୍ରମେ ଏ ଧରାପୃଷ୍ଠକୁ ପ୍ରେରଣ କରିଛନ୍ତି । ଉପରୋକ୍ତ ଉପାଦାନଗୁଡ଼ିକୁ କର୍ମଯୋଗ ମାଧ୍ୟମରେ ପ୍ରାପ୍ତ ହେବା ପାଇଁ ତୁମ୍ଭମାନଙ୍କ ଅନ୍ତରରେ ବୁଦ୍ଧି, ବିବେକ ଓ ଜ୍ଞାନ ରୋପଣ କରିଅଛନ୍ତି । ତାହାରି ପ୍ରଭାବରେ ତୁମେ ଅର୍ଜନ କରିଥିବା ଓ କରୁଥିବା ବୋଧଶକ୍ତି ଦ୍ୱାରା ତୁମ୍ଭମାନଙ୍କର ଜୀବନଯାତ୍ରା ସଞ୍ଚାଳିତ ହୋଇଚାଲିଛି ।

ଧନରେ ! ମନେରଖିବୁ, ପରମସତ୍ତା ଯେଉଁ ଯେଉଁ ଉପାଦାନ ସୃଷ୍ଟିକରି ନିଜର ଆଜ୍ଞାବଳରେ ଧରାବତରଣ କରାଇଛନ୍ତି, ସେ ସମସ୍ତ ସତ୍ତା ତୋ' ଶରୀରରେ ପରିବ୍ୟାପ୍ତ ହୋଇରହିଛି । ସୃଷ୍ଟି ହୋଇଥିବା ତଥା ଧରାବତରଣ ହୋଇଥିବା ସମସ୍ତ ଉପାଦାନ, ବସ୍ତୁ ତଥା ଚେତନା 'ଚରମ' ଅନ୍ତର୍ଗତ ଅତିମାନସ ସ୍ତର ବା ଶୂନ୍ୟମାର୍ଗର ଲୀଳା ଅଟେ । ତେଣୁ ତୁ ନିଜେ 'ଚରମ' ଏବଂ ତୋ ଭିତରେ ସୃଷ୍ଟି ହୋଇଥିବା, କ୍ରିୟାଶୀଳ ହେଉଥିବା ପ୍ରତ୍ୟେକ ଅଂଶ 'ଚରମ' ଅଟେ ଏବଂ ସଙ୍ଗଠିତ ହେଉଥିବା କାର୍ଯ୍ୟପ୍ରଣାଳୀର ସମସ୍ତ ଅଂଶ କେବଳ, କେବଳ 'ଚରମ'ହିଁ 'ଚରମ' ହୋଇ ଲୀଳା ରଚନା କରିଚାଲିଛନ୍ତି ।

ରେ ବାଉଳା ! ସେ କଲ୍ୟାଣକାରୀ ପିତା ପଞ୍ଚଭୂତ ନିର୍ମାଣ କରି ତାହାରି ଆଧାରରେ ତୋ'ର ଏ ପିଣ୍ଡ ପ୍ରସ୍ତୁତ କରିଛନ୍ତି । ସେଥିପାଇଁ ସେହି ପଞ୍ଚଭୂତର ତତ୍ତ୍ୱ ଯାହାକୁ ତୁ ମାୟାର ପ୍ରଭାବରେ ଭୁଲିଯାଇଛୁ, ସେଗୁଡ଼ିକର ଗୁଣତତ୍ତ୍ୱ କ୍ରମାନ୍ୱୟରେ ତୋ'ରି ପୃଷ୍ଠାରେ ବର୍ଣ୍ଣନା କରିଚାଲିଛନ୍ତି ସେ । ଏଥିପୂର୍ବରୁ ବର୍ଣ୍ଣିତ 'ଅଗ୍ନିତତ୍ତ୍ୱ'ର ରହସ୍ୟ ଅସମାପ୍ତ ଥିବାରୁ ଆଉ କିଛି ନିଗୂଢ଼, ନିଗମ ତତ୍ତ୍ୱ ସମ୍ବଳିତ ତଥ୍ୟ କହୁଛି । ସ୍ୱଚ୍ଛ ତଥା ଶ୍ରଦ୍ଧାଯୁକ୍ତ ମନରେ ତୋ'ର ମାନସପଟରେ ସାଇତି ରଖିବୁ ।

'ଚରମ'ରେ ଧନ ମୋର ଜ୍ଞାନପୁଷ୍ପ ମାଳା ।
ଭାବଚହଲା ପଥର ଅଟୁ ତୁହି ଭେଳା ॥୧॥
ମର୍ତ୍ତ୍ୟକୁ ଆସିଛୁ ତୁହି ପିତାଆଜ୍ଞା ପାଇ ।
ନିତ୍ୟ ଆଶିଷ ତୋ ସାଥେ ସଦା ଅଛି ରହି ॥୨॥
ଅନିତ୍ୟେ ମନକୁ ରଖି ବିଚଳିତ ହେଉ ।
ଚକ୍ଷୁମେଲି ପକ୍ଷଖୋଲି ଜ୍ଞାନକୁ ନ ନେଉ ॥୩॥
ତଥାପି କହୁଛି ଧନ ଅନ୍ତର୍ମୁଖୀ ହୁଅ ।
ପିତାଙ୍କ କଳାକୁ ଧରି ଅମରତ୍ୱ ନିଅ ॥୪॥
ଅଗ୍ନିତତ୍ତ୍ୱ କହୁଅଛି ପୂର୍ବର ସଂଖ୍ୟାରୁ ।
ସ୍ଥିରମନେ ଶୁଣ ଯାହା ତାହାର ଉତ୍ତାରୁ ॥୫॥
'କମଳାଗ୍ନି' ନାମବହି ପ୍ରଚଣ୍ଡ ସ୍ୱରୂପ ।
ସଂହାର କରନ୍ତି ସେହୁ ସକଳ ପ୍ରତାପ ॥୬॥
ପ୍ରଳୟ ସମୟେ ବ୍ରହ୍ମଆଜ୍ଞା ପ୍ରାପ୍ତ ହୋଇ ।
'ପ୍ରଚଣ୍ଡାଗ୍ନି' ନାମରେ ସେ ପ୍ରଳୟ ରଚଇ ॥୭॥
ବ୍ରାହ୍ମଣକୁଳର ଗୁରୁ ''ବ୍ରହ୍ମ ଅଗ୍ନି'' ନାମ ।
'ହୁତାଶନ' ଯେଣୁ ବ୍ରହ୍ମ ରେତରୁ ଜନମ ॥୮॥
ହୃତ ଅଶନ କରି ସେ ହୁତାଶନ ହେଲେ ।
ବ୍ରହ୍ମ ତେଜୋମୟ ବ୍ରହ୍ମବାଦୀ ଯେ ସେବିଲେ ॥୯॥
ପାଷାଣରେ ଗୁପ୍ତେ ଛନ୍ତି ''ପାଷାଣାଗ୍ନି'' ହୋଇ ।
'ଲୌହଧାତୁ' ସ୍ଥାନେ ''ଲୌହଅଗ୍ନି'' ଛନ୍ତି ରହି ॥୧୦॥
ରବି ମଣ୍ଡଳରେ ତାଙ୍କ ନାମ 'ସୂର୍ଯ୍ୟ ଅଗ୍ନି' ।
ବାୟୁରେ ମିଳିତ ହେଲେ ହୋନ୍ତି 'ପ୍ରଖରାଗ୍ନି' ॥୧୧॥
ବାୟୁ ଯେଉଁ ଭାବେ ଅଣଚାଶ ରୂପ ହୋଇ ।
ଅଗ୍ନି ମଧ ସେହିପରି ଅଣଚାଶ ରୂପ ନେଇ ॥୧୨॥

କରୁଥାନ୍ତି ବ୍ରହ୍ମଆଜ୍ଞା ନିଷ୍ଠାରେ ପାଳନ ।
ନିର୍ଦ୍ଦେଶ ମାତ୍ରେ କରନ୍ତି ବ୍ରହ୍ମାଣ୍ଡ ଦହନ ।।୧୩।।
ବାୟୁ ସଙ୍ଗେ ମିଶି ପୁଣି 'ବାୟବାଗ୍ନି' ନାମେ ।
ଲେଲିହାନ ଜିହ୍ୱାରେ ସେ ଗ୍ରାସନ୍ତି ମରମେ ।।୧୪।।
ସାଗର ଗର୍ଭରେ ତାଙ୍କ ନାମ 'ବଡ଼ବାଗ୍ନି' ।
ବନ ଦହନରେ ହୋନ୍ତି ସେହି 'ଦାବାଅଗ୍ନି' ।।୧୫।।
ଶିବଙ୍କ ଲଲାଟ ନେତ୍ରେ 'ଶୈବାଗ୍ନି' ନାମେଣ ।
ଲକ୍ଷ୍ମୀପାକଶାଳେ 'ବୈଷ୍ଣବାଗ୍ନି' ବିଚରଣ ।।୧୬।।
ସଞ୍ଜୀବନୀ ଆଳେ 'ବାଳଅଗ୍ନି' ନାମ ବହି ।
ଜ୍ୱରପୀଡ଼ା ସଙ୍ଗେ 'ଜ୍ୱରଅଗ୍ନି' ନାମ ପାଇ ।।୧୭।।
ଯଜ୍ଞ ହୋମରେ ସେ 'ଯଜ୍ଞଅଗ୍ନି' ହୋଇଛନ୍ତି ।
'ବଜ୍ରାଗ୍ନି' ନାମେ ଇନ୍ଦ୍ରଙ୍କ ବଜ୍ରରେ ରହନ୍ତି ।।୧୮।।
ଦୁର୍ଗାଙ୍କର ଭାଲନେତ୍ରେ 'ଶକ୍ତ୍ୟାଗ୍ନି' ନାମରେ ।
'ଘୁଣାଗ୍ନି' ନାମେ ରହନ୍ତି ପାତାଳ ପୁରରେ ।।୧୯।।
ପାତାଳରେ ଅନ୍ୟନାମ 'ବିଷାଗ୍ନି' ଅଟଇ ।
ଶୋକାତୁର ଅନ୍ତର୍ଗତେ 'ଶୋକାଗ୍ନି' ହୁଅଇ ।।୨୦।।
'କାମଅଗ୍ନି' ନାମରେ ସେ କଳିଦର୍ପ ହାରୀ ।
'କୋପାଗ୍ନି' ନାମରେ ଋଷି ହୃଦୟେ ବିହରୀ ।।୨୧।।
ଚିତାରେ ସେ ଜଳି 'ଚିତାଅଗ୍ନି' ହୋଇଥାନ୍ତି ।
ପୌରୁଷରେ 'ବ୍ରହ୍ମଅଗ୍ନି' ନାମେ ବିରାଜନ୍ତି ।।୨୨।।
ଅସୀମ ଅଟଇ ଧନ ଅଗ୍ନିଙ୍କର ଗୁଣ ।
ସଂକ୍ଷେପରେ କହିଦେଲି ମନେ ମନେ ଗୁଣ ।।୨୩।।

ତୋର ମଙ୍ଗଳାକାଂକ୍ଷୀ
ପିତା

# କେଶବ କୈବଲ୍ୟ କଣିକା

## ଠାକୁରଙ୍କ ଶ୍ରୀମୁଖନିଃସୃତ ବାଣୀ :

୧. ତୁମମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ମୁକ୍ତି, ମୋକ୍ଷ, ନିର୍ବାଣ, ଚରମପ୍ରାପ୍ତି ପଛରେ ଦୌଡୁଛନ୍ତି । ହେଲେ ଏ ଦଉଡ଼ ଅନ୍ଧ ଦଉଡ଼ । ନିଜର ପ୍ରକୃତ ସାଧନ ଲୀଳା ନଜାଣି ନଶୁଣି ବଡ଼ବଡ଼ ଆଶାଆକାଙ୍କ୍ଷାରୁ କ'ଣ ମିଳେ ? କିଛି ନାହିଁ ।

୨. ଅନେକ ସମୟରେ ଜୀବର ମନ କୌଣସି କାମ କରିବାକୁ ଚାହୁଁଥିଲେ ମଧ୍ୟ, ଶରୀରର ଅଶ୍ୱସ୍ତି ଯୋଗୁଁ ଶରୀର ଜୀବକୁ ତାହା କରାଇ ଦିଏ ନାହିଁ । କେତେକେ ଅହଂକାର ଓ ଜିଦିରୁ ସାଧନଲୀଳାରୁ ଓହରି ଦୂରେଇ ରହନ୍ତି ।

୩. ଯେଉଁ ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ତୁମର ସୂକ୍ଷ୍ମମନରେ ଯେଉଁ ଶୁଭଚିନ୍ତା ଓ କର୍ମପ୍ରେରଣା ଆସୁଛି, ସାଧନା ପଥରେ ଜଗତକଲ୍ୟାଣ ପାଇଁ ତତ୍‌କ୍ଷଣାତ୍ ତାହା କରାଯିବା ଉଚିତ । ତେଣିକି ଯାହା ହେବା କଥା ହେଉ । ପରମପିତା ତୁମର ସହାୟ ହେବେ ହିଁ ହେବେ ।

୪. ମନର ପ୍ରକୃତି କ'ଣ ଜାଣିଛ ? ଉତ୍ତମ ଭାବ ନେଇ ଭାବନିକଟ ସହ ଉତ୍ତମ ଆଚରଣ ନେଇ ମନ ପାଖକୁ ଯିବ । ମନ କିଛି କରେ ନାହିଁ । ମନ ଶୁଦ୍ଧ ଓ ସ୍ୱଚ୍ଛ । ମନ ନିର୍ମଳ । ମନ ନିର୍ଦ୍ଦୋଷ । ପ୍ରକୃତି ପ୍ରବୃତ୍ତି ଭାବର କାର୍ଯ୍ୟକୁ ଅପଭ୍ରଂଶ କରି ମନର କାର୍ଯ୍ୟ ବୋଲି ସଚରାଚର କୁହାଯାଉଛି । ଶୁଦ୍ଧ ଆଚରଣ ନେଇ ମନ ପାଖକୁ ଯିବ । ଯେପରି ଭାବ ଓ ଆଚରଣ ନେଇ ମନପାଖକୁ ଯିବ, ସେହି ଭାବ ହିଁ ମନଦର୍ପଣରେ ପ୍ରତିଫଳିତ ହୋଇଯିବ । ତହୁଁ ମନରେ ଛାପଟିଏ ଲାଗିଯିବ । ସେଇଠୁ ଦୋଷ ଦେବ ମନକୁ । କିନ୍ତୁ ପ୍ରକୃତି ପ୍ରବୃତ୍ତିର ଦୋଷ ଯେ ଅସଲ, ସେକଥା ମୂଳରୁ ପାଶୋରି ଯାଇଥିବ । ନୁହେଁ କି ??

୫. ଆଜିକାଲି ସମାଜରେ କୌଣସି ବାପାମାଆ ଉତ୍ତମ, ତେଜସ୍ୱୀ, ଓଜସ୍ୱୀ, ଜ୍ଞାନୀ, ଶକ୍ତିମାନ ସନ୍ତାନଟିଏ ପାଇବା ପାଇଁ ବିଧିନିଷେଧ ମାନି ଦିନ, ବାର, ନକ୍ଷତ୍ର ଧରି ସମ୍ଭୋଗ ସୁଖରେ ରହୁନାହାନ୍ତି । ଇନ୍ଦ୍ରିୟ ଓ ପ୍ରବୃତ୍ତିର ତାଡ଼ନାରେ ମନସୁଖରେ ସୌଖୀନରେ ସମ୍ଭୋଗକ୍ରିୟାରେ ଲିପ୍ତ ରହି ପରୋକ୍ଷ ଭାବରେ ଯେଉଁ ସନ୍ତାନ ଆସିବା କଥା ଆସୁଛନ୍ତି । ଦୈବାତ୍‌ବଶତଃ ଜଣେ ଜଣେ ସୁପୁତ୍ର, ସୁକନ୍ୟା, ସାଧୁ, ଜ୍ଞାନୀ, ପଣ୍ଡିତ, ବୁଦ୍ଧିମାନ ସନ୍ତାନ ଆସୁଛନ୍ତି ।

୬. ବର୍ତ୍ତମାନ ପରିବେଶ ଓ ପରିସ୍ଥିତିରେ ପିତାମାତାଙ୍କର ଅନେକ ସମୟରେ ବିଭସଭାବ ରହୁଛି । ବିଭସ ଭାବଯୁକ୍ତ ପିତାର ଔରସରୁ ମନ୍ଦପ୍ରକୃତି ଓ ମନ୍ଦ ସ୍ୱଭାବର ସନ୍ତାନ ଜନ୍ମନେବା ସ୍ୱାଭାବିକ । ଜନ୍ମ

ନେଉଛନ୍ତି ମଧ୍ୟ । ଏହି କାରଣରୁ ପିତାମାତା ଓ ସନ୍ତାନସନ୍ତତିଙ୍କ ମଧ୍ୟରେ ଅନେକ ସମୟରେ କଳହ, ଦ୍ୱନ୍ଦ୍ୱ ଓ ସଂଘର୍ଷ ଇତ୍ୟାଦି ଉପୁଜୁଛି ।

୭. ବାପାମାଆଙ୍କର ସଂଯୋଗର ତିଥି, ବାର, ନକ୍ଷତ୍ର, ସମୟ ତଥା ବିନ୍ଦୁସ୍ଥାପନ କାଳର ଗ୍ରହାଦିର ଯୋଗ ସହିତ ପ୍ରାରବ୍ଧ ଫଳରୁ ସୁସନ୍ତାନ ବା କୁସନ୍ତାନ ଭୂମିଷ୍ଠ ହୁଅନ୍ତି ।

୮. ଏ ସଂସାରରେ ଜୀବକୁ ମାଧ୍ୟମ କରି ଭଗବାନ ସବୁକିଛି କରୁଛନ୍ତି । ମାୟାକୁ ଧରି ପରଂବ୍ରହ୍ମଙ୍କର ଏହାହିଁ କର୍ମପଦ୍ଧତି । ଯଦି ଭଗବାନ ସବୁ କରୁଛନ୍ତି ବା ଜୀବ ଦ୍ୱାରା କରାଉଛନ୍ତି, ତେବେ ଜୀବକୁ ନାନା ଉପଦେଶ ଦେଇ ନୀତିନିୟମର ବଶବର୍ତ୍ତୀ ହେବାପାଇଁ ଓ କର୍ମଯୋଗ ଅଭ୍ୟାସ କରିବାପାଇଁ ଦେଇଛନ୍ତି ପୁଣି କାହିଁକି ? ଏହାର କାରଣ ହେଉଛି, ଜୀବନକାଳ ମଧ୍ୟରେ ଜୀବ ନୀତିନିୟମ ମାନି କର୍ମଯୋଗ ଅଭ୍ୟାସ କରି ପାରିବାର ଶକ୍ତି ପରଂବ୍ରହ୍ମ ଜୀବ ମଧ୍ୟରେ ଜନ୍ମରୁ ହିଁ ଦେଇଛନ୍ତି, ତେଣୁ ତାଙ୍କ ମାଧ୍ୟମକୁ ସଜାଡ଼ି ରଖୁଛନ୍ତି ।

୯. ତୁମେମାନେ ତୁମର ବୈଷୟିକ ଓ ସାଂସାରିକ କର୍ମଜଞ୍ଜାଳ ମଧ୍ୟରେ ନିଶ୍ଚିତ ଭାବରେ ଆଧ୍ୟାତ୍ମିକ କର୍ମ କରି ପାରିବ । ନିଷ୍ଠା ଥିଲେ ଓ ମନଦେଲେ ଆଧ୍ୟାତ୍ମିକ କର୍ମ କରି ସାଧନାଲୀଳାରେ ଆଗେଇଯିବା ପାଇଁ ତିଳେମାତ୍ର ଅସୁବିଧା ହେବ ନାହିଁ । ସେଥିପାଇଁ ତୁମକୁ ବିଧାନ ଦିଆଯାଇଛି ଓ ମଧ୍ୟେ ମଧ୍ୟେ ବତେଇ ଚେତେଇ ମଧ୍ୟ ଦିଆଯାଉଛି । କଥାମାନି ଚାଲି ଆଗେଇଗଲେ ସିନା ପୂର୍ଣ୍ଣ ଅନୁଭୂତି ହେବ ।

୧୦. ଜୀବକୁ ତା'ର ତଥା ସମାଜର କଲ୍ୟାଣ ପାଇଁ ଦାନ, ତ୍ୟାଗ, ସେବାଦି କରିବାର କ୍ଷମତା ପରଂବ୍ରହ୍ମ ଅବଶ୍ୟ ଦେଇଛନ୍ତି । ସବୁର ନିୟମନୀତି ମଧ୍ୟ ଦିଆଯାଇଛି । ସେ ସବୁ ମାନି ଅହଂକାର ଶୂନ୍ୟ ହୋଇ ଏହା ଯେତେ ବେଶି କରିବ, ଏ ଜନ୍ମରେ ତା'ର ଫଳ ତୁମେ ନିଶ୍ଚୟ ପାଇଯିବ । ଦୁଃଖର କଥା, ଏଥିପ୍ରତି ଲକ୍ଷ୍ୟ ନଦେଇ ସାମର୍ଥ୍ୟ ଥିଲେ ସୁଦ୍ଧା ଅନେକେ ଏହା କରିବାକୁ କୁଣ୍ଠିତ ହେଉଛନ୍ତି । ଫଳତଃ ସେମାନେ ଠକାମିରେ ପଡୁଛନ୍ତି, ଦୁଶ୍ଚିନ୍ତା ଭୋଗୁଛନ୍ତି, ମନେମନେ ଘାରି ହେଉଛନ୍ତି । ଅଥଚ ଦୋଷ ଦେଉଛନ୍ତି ଭଗବାନଙ୍କୁ ଓ ଭାଗ୍ୟକୁ । ମାତ୍ର ଦୋଷ ଯେ ନିଜ ପାଖରେ ତାହା ଆଦୌ ବୁଝୁ ନାହାନ୍ତି ।

୧୧. ପୂର୍ଣ୍ଣ ବିଶ୍ୱାସ ଆସିଲେ ମନରେ ଦୃଢ଼ତା ଆସିବ, ମନରେ ଦୃଢ଼ତା ଆସିଗଲେ, ତୁମକୁ ଦିଆଯାଇଥିବା ସାଧନା ଲୀଳା'ରେ ସହଜରେ ଆଗେଇ ଯାଇ ଲକ୍ଷ୍ୟ ସ୍ଥଳରେ ଦିନେ ନା ଦିନେ ଏ ଜନ୍ମରେ ପହଞ୍ଚିଯିବ । ତା'ନକଲେ ଜନ୍ମଜନ୍ମାନ୍ତରରେ ତୁମ ପାଇଁ ଅନ୍ୟ ଜଣେ କିଏ କରିଦେବ କି ? ଅନ୍ତଃକରଣରେ ସନ୍ଦେହ, ସଂଶୟ, ଦ୍ୱନ୍ଦ୍ୱ ଆଦି ଉପୁଜି ଠୁଳ ହୋଇ ରହିଲେ, ବିଶ୍ୱାସ ଓ ମାନସିକ ଦୃଢ଼ତା ଅଭାବରୁ କିଛି ମଧ୍ୟ ସୁବିଧାରେ କରିବା ସମ୍ଭବ ହେବ ନାହିଁ ।

୧୨. ଶ୍ରଦ୍ଧାରୁ ବିଶ୍ୱାସ, ବିଶ୍ୱାସରୁ ମାନସିକ ଦୃଢ଼ତା, ମାନସିକ ଦୃଢ଼ତାରୁ ସାଧନକର୍ମ, ସାଧନକର୍ମରୁ ଅନୁଭୂତି, ଅନୁଭୂତିରୁ ଦୃଢ଼ ବିଶ୍ୱାସ ଏବଂ ନିର୍ଭରତା, ନିର୍ଭରତା ବା ଶରଣାଗତିରୁ ଆତ୍ମବିଶ୍ୱାସ ଜାତ ହୁଏ । ଜୀବର ମନ, ଚୈତନ୍ୟ ଓ ବ୍ରହ୍ମ ଏକ ସରଳରେଖାରେ ରହିଗଲେ ସବୁ ସ୍ୱତଃ ସମ୍ପାଦିତ ହୋଇଯାଏ ।

୧୩. ଅର୍ଘ୍ୟତିଥିରେ କ୍ଷେତ୍ରକୁ ଆସି ନପାରିଲେ ନିଜଘରେ ବିଧାନ ମାନି ବିଗ୍ରହ ସମ୍ମୁଖରେ ଅର୍ଘ୍ୟନିବେଦନ କରି ଯତ୍ନରେ ସାଇତି ରଖିବ । ପରେ କେବେ ଅର୍ଘ୍ୟତିଥିରେ ତାହା ଅର୍ପଣ କରି ଅର୍ଘ୍ୟଫଳ ଛୁଆଇଁ ନେବ । ଅର୍ଥ ନିବେଦନ କରିଥିଲେ, ତାହା ଅଦଳବଦଳ ବା ଖର୍ଚ୍ଚ କରିବା ଅନୁଚିତ । ଅର୍ଥ ଅଭାବରେ କେବଳ ଫଳ ନିବେଦନ କଲେ ମଧ ଆମର ଆପତ୍ତି ନାହିଁ; କିନ୍ତୁ ବିଧିବଦ୍ଧ ଭାବେ ଏହା କରାଯିବା ଉଚିତ ।

୧୪. ଧାରାଧାରୀ ଗୁରୁଭାଇ ଭଉଣୀଙ୍କର ଦେହାନ୍ତ ହେଲେ ପ୍ରେତକର୍ମାଦି କ୍ରିୟା ଦଶଦିନ କରିବା ପରେ ଏଗାର ଦିନରେ ବିଧାନ ଅନୁସାରେ ତିଳତର୍ପଣ କରିବା ଏକାନ୍ତ କର୍ତ୍ତବ୍ୟ ।

୧୫. ସାଧନ ପ୍ରକ୍ରିୟା ଅଭ୍ୟାସ ନକଲେ ତହିଁରେ ନିଶ୍ଚୟ ଭୁଲ ରହିବ । ଅଭ୍ୟାସ ଦ୍ୱାରା ଭୁଲର ସଂଶୋଧନ ହୁଏ । ତେଣୁ ସାଧନାରେ ଅଭ୍ୟାସ ନିତାନ୍ତ ଆବଶ୍ୟକ । ଅଭ୍ୟାସ ଛାଡ଼ିଦେଲେ ତ ପଛରେ ପଡ଼ି ରହିବ ହିଁ ରହିବ । ତୁମେ ନିଜେ ପରା ତୁମ ପାଇଁ ଦାୟୀ !!

୧୬. ଅନେକ ସମୟରେ ତୁମର ତୁମ ନିଜ ଉପରେ, ପୁଣି ଆମ ଉପରେ ସନ୍ଦେହ ରହୁଛି । ତେଣୁ ମନରେ ଦ୍ୱନ୍ଦ୍ୱ ଉପୁଜୁଛି । ସବୁ କାର୍ଯ୍ୟକ୍ରମ ଗୁରୁସ୍ୱାମୀଙ୍କ ଇଚ୍ଛା ଅନୁସାରେ ହେଉଛି ଓ ତାଙ୍କୁ ସନ୍ତୁଷ୍ଟ କରିବା ପାଇଁ କରାଯାଉଛି ବୋଲି ମନେକରି କରିଗଲେ, ଏପରି ଦ୍ୱନ୍ଦ୍ୱ, ସନ୍ଦେହ, ଅବିଶ୍ୱାସ ରହନ୍ତା ନାହିଁ । ତୁମେ ନିଜେ ମଧ ତାହା କରି ଶାନ୍ତି, ସନ୍ତୋଷ ଓ ଅନୁଭୂତି ପାଇ ପାରନ୍ତ ।

୧୭. ଜନ୍ମରାଶି ଓ ନକ୍ଷତ୍ର ଗ୍ରହାଦି ଯୋଗ ଚକ୍ରର ପ୍ରଭାବରୁ ଜୀବର ଖରାପଯୋଗ ବା ଭଲଯୋଗ ପଡ଼େ ଓ ଭୋଗ ହୁଏ । ପୂର୍ଣ୍ଣ ବିଶ୍ୱାସର ସହିତ ସାଧନାଭ୍ୟାସ ଫଳରେ ଖରାପ ଯୋଗର ମାତ୍ରା ଊଣା ହୁଏ ଓ ଭଲଯୋଗର ମାତ୍ରା ଅଧିକ ହୁଏ ।

ଅନୁକୂଳ ପରିବେଶରେ ଥିଲୁ ଅତି ପାଖରେ
ପ୍ରତିକୂଳ ପରିସ୍ଥିତିରେ ଚାଲିଗଲୁ ତୁ ଦୂରେ ।
ଶ୍ରୀପଦକୁ ପର କରିଲୁ ବିଷୟକୁ ଜାବୁଡ଼ି
ନିନ୍ଦା ପାଇଁ ଛନ୍ଦା ପାଦକୁ ତେଜି ହେଲୁ ଅଗାଡ଼ି ॥

ନୀଳଚକ୍ର
ଚରମର ସଂକେତ

## ଚରମ ଚୈତନ୍ୟ ମହାଯଜ୍ଞ (ତୃତୀୟ ଚରଣ)

**୧୪୨୨ ସାଲ, କୁମ୍ଭ ଦି୨୮ନ, ସନ ୨୦୧୫ ମସିହା**

**ମାର୍ଚ୍ଚ ୧୨ ତାରିଖରୁ ମୀନ ଦି୧ନ ମାର୍ଚ୍ଚ ୧୫ ତାରିଖ ପର୍ଯ୍ୟନ୍ତ ।**

**ସ୍ଥାନ : ଶୁକୁଳି, ମୟୂରଭଞ୍ଜ ।**

କାଳର ଅଫେରନ୍ତା ଘୂର୍ଣ୍ଣାୟମାନ ଚକ୍ରରେ ଗତି କରି କରି ଆମେ ଆଜି **'ଚରମଚୈତନ୍ୟ'** ମହାଯଜ୍ଞର ତୃତୀୟ ତଥା ଏକ ନିର୍ଣ୍ଣାୟକ ଚରଣରେ ଉପନୀତ ହୋଇଅଛେ । କିଏ ଜାଣେ; ଏହି ଅଭିନବ କ୍ରିୟାର ଅନ୍ତିମ ଚରଣ କେବେ ଆଉ କେଉଁଠାରେ ସଂରଚିତ ହେବ ? ଏ ସୃଷ୍ଟି ଯେପରି ଅବୋଧ, ଅବର୍ଣ୍ଣନୀୟ, ଅଚିନ୍ତ୍ୟ, ଅଗମ୍ୟ, ଅପରିଚିତ ଏବଂ ଅସୀମ, ଏହାର ସ୍ରଷ୍ଟା ମଧ୍ୟ ଠିକ୍ ସେହିପରି ଅବ୍ୟକ୍ତ, ଅଣାକାର ଓ ଅତୁଳନୀୟ ଅଟନ୍ତି । ତାଙ୍କର ସୃଷ୍ଟି ନିର୍ମାଣ, ପାଳନ ଓ ସଂହାରକ୍ରିୟା ମଧ୍ୟ ଏ ପର୍ଯ୍ୟନ୍ତ ଅଜଣା ଓ ଅଗମ୍ୟ ହୋଇ ରହିଯାଇଅଛି । କେବଳ ସେ ହିଁ ଯେତେବେଳେ ଚାହିଁବେ, ଉକ୍ତ ଅସୀମ ରହସ୍ୟର ଉନ୍ମୋଚନ କରି କରାଇ ପାରିବେ, ନଚେତ୍ କଦାପି ସମ୍ଭବ ନୁହେଁ । ମହାସାଗର ତଟର ଗୋଟିଏ କ୍ଷୁଦ୍ର ବାଲିକଣିକା ଯଦି ମହାସାଗରର ଗଭୀରତା ନିର୍ଣ୍ଣୟ କରିବାର ପ୍ରୟାସ କରି ଜଳରାଶି ମଧ୍ୟକୁ ଲମ୍ଫ ପ୍ରଦାନ କରେ, ତେବେ ତାହାର ଅବସ୍ଥା ଏବଂ ଅସ୍ତିତ୍ୱ କ'ଣ ହେବ ? ଏହା ହିଁ ଏକ ସାଧାରଣ ଜୀବର ସ୍ରଷ୍ଟା ବା ପରମପୁରୁଷ ବା ଚରମଙ୍କୁ ଜାଣିବା ପ୍ରୟାସର ପରିଣାମ ହେବ, କହିଲେ ଅତ୍ୟୁକ୍ତି ହେବନାହିଁ । ସେହି ମର୍ମରେ ପ୍ରାତଃ ସ୍ମରଣୀୟ ମହାସନ୍ଥ ମହାପୁରୁଷ ଅଚ୍ୟୁତାନନ୍ଦ ତାଙ୍କ ରଚିତ ମହାକାବ୍ୟ **'ତତ୍ତ୍ୱବୋଧିନୀ'** ରେ ଉଲ୍ଲେଖ କହିଛନ୍ତି,

ସବୁ ଜଳଯାକ ସମୁଦ୍ରେ ଠୁଳ । ସମୁଦ୍ର ଯାଇ ଆକାଶରେ ମେଳ ।।
ଆକାଶେ ଥାଇ ବରଷା କରଇ । ସେ ସକଳ ପୁଣି ସମୁଦ୍ରେ ଯାଇ ।।
ଅରୂପରୁ ରୂପ ପ୍ରକାଶ ହେବ । ରୂପ ଯାଇ ଅରୂପରେ ମିଶିବ ।।
ରୂପ, ଅରୂପ ସମ କରିଥିବୁ । ସମତା ରୂପରେ ସବୁ ପାଇବୁ ।।

ପୁନଶ୍ଚ, **'ଶୂନ୍ୟ ସଂହିତା'**ରେ ଲେଖିଛନ୍ତି :-

ଅରୂପରୁ ନାମ ରୂପ ହୁଏ ସିନା ସ୍ୱରୂପେ ଅରୂପେ ମିଶେ ।

ଅରୂପରେ ଯେହୁ ସ୍ୱରୂପରେ ସେହୁ ବସ୍ତୁ ଭିନ କର୍ମେ ବସେ ।।

ଯେଉଁ ପରମସତ୍ତା ବାହ୍ୟଜଗତରେ ରହି ସାଧକକୁ ଚମତ୍କୃତ କରିଦିଅନ୍ତି, ଅନ୍ତର୍ଦୃଷ୍ଟିରେ ଦେଖିଲେ ସେ ହିଁ ସାଧକର ଆପଣା ମଧ୍ୟରେ ଦର୍ଶନ ଦିଅନ୍ତି । ସେତେବେଳେ ସାଧକ ଉଭୟ ଅବସ୍ଥା (ବାହ୍ୟ ଦର୍ଶନ ଓ ପିଣ୍ଡ ବ୍ରହ୍ମାଣ୍ଡ ଦର୍ଶନ)ର ସ୍ମାରକ ପାଇଁ ବ୍ୟାକୁଳ ହୋଇ ଉଠେ । କାରଣ, ଥରେ ଶରୀର ମଧ୍ୟରେ ଦର୍ଶନ ପ୍ରାପ୍ତ ହୋଇଗଲେ ବାହ୍ୟଦର୍ଶନର ଆବଶ୍ୟକତା ରହେ ନାହିଁ । ଅଥବା ବାହ୍ୟଦର୍ଶନର କୌଣସି ଗୁରୁତ୍ୱକୁ ସାଧକ ସ୍ମରଣ ରଖିପାରେ ନାହିଁ । ସେଥିପାଇଁ ସମାଧି ଅବସ୍ଥାରେ ପିଣ୍ଡବ୍ରହ୍ମାଣ୍ଡ ମଧ୍ୟରେ ପରମାତ୍ମାଙ୍କୁ ଦର୍ଶନ କରିବା ସମୟରେ ତା'ର ପୂର୍ବାବସ୍ଥାର ସ୍ମୃତି ପାଇଁ ବରଭିକ୍ଷା କରି ନେଇଥାଏ । ଯେ ପର୍ଯ୍ୟନ୍ତ ସାଧକ ଏହି ଅବସ୍ଥାରେ ଉପନୀତ ହୋଇ ନପାରେ, ସେପର୍ଯ୍ୟନ୍ତ ତା'ର ମନ ଅସ୍ଥିର ଓ ଦ୍ୱନ୍ଦ୍ୱଯୁକ୍ତ ହୋଇ ଏକ ଅଭାବନୀୟ ପଥରେ ପଥଚ୍ୟୁତ ହୋଇ ଘୂରି ବୁଲୁଥାଏ । ସନ୍ଦେହ, ଅବିଶ୍ୱାସ, ଅନାସ୍ଥା ଓ ଭ୍ରମ ତାହାର ଚିର ସହଚର ହୋଇଯାଏ । ଅତି ନିକଟରେ, ଅତ୍ୟନ୍ତ ଏକାନ୍ତରେ କାୟାର ଛାୟା ପରି ତା'ର ପ୍ରିୟତମ ତା' ଭିତରେ, ବାହାରେ ଓ ଚତୁଃପାର୍ଶ୍ୱରେ ରହିଥିଲେ ମଧ୍ୟ ସେ ତାହାଙ୍କୁ ଅନୁଭବ କରିପାରେ ନାହିଁ, ବରଂ ଯେଉଁପରି ମୃଗ ନାଭିରେ କସ୍ତୁରୀ ଥିବାର ମୃଗ ଜାଣି ନପାରି, କସ୍ତୁରୀର ସୁଗନ୍ଧ ଆସ୍ୱାଦନ ପାଇଁ ବ୍ୟଗ୍ର ମନରେ ଘୂରି ବୁଲୁଥାଏ, ଠିକ୍ ସେହିପରି ସେ ଅସ୍ଥିର ହୋଇ ଜନ୍ମଜନ୍ମାନ୍ତରବାଦରେ ବ୍ରହ୍ମାଣ୍ଡରେ ବିଚରଣ କରିଚାଲିଥାଏ । ଏହି ପ୍ରକ୍ରିୟା ସୃଷ୍ଟି ଆରମ୍ଭରୁ ପ୍ରଚଳିତ ହୋଇ ଆସୁଅଛି ଏବଂ ବର୍ତ୍ତମାନ ମଧ୍ୟ ସେପରି କୌଣସି ପରିବର୍ତ୍ତନ ପରିଲକ୍ଷିତ ହୋଇପାରୁନାହିଁ । ଯେଉଁଥିପାଇଁ ଏକ ମୀମାଂସା ସୂତ୍ର ନେଇ ସ୍ୱୟଂ ସ୍ରଷ୍ଟା ଆଜି ଧରାପୃଷ୍ଠରେ ଖେଳି ଖେଳାଇ ଚାଲିଛନ୍ତି । ତଥାପି ଜୀବର ବଦ୍ଧତା ଓ ଯୋଗମାୟାଙ୍କ ଶକ୍ତ ମାୟାରଜ୍ଜୁର ବନ୍ଧନ, ପ୍ରତିବନ୍ଧକ ସାଜି ଜୀବ-ପରମ ମିଳନ ପ୍ରକ୍ରିୟାରେ ଅନ୍ତରାୟ ସୃଷ୍ଟି କରୁଅଛି ।

**'ଚରମ ଚୈତନ୍ୟ ମହାଯଜ୍ଞ'** - ଏକ ନାମକରଣର ପରିପ୍ରକାଶ । ମାତ୍ର, ଏହାର ଗଭୀର ତଥା ଗାମ୍ଭୀର୍ଯ୍ୟପୂର୍ଣ୍ଣ ଅର୍ଥ ବ୍ୟାଖ୍ୟା କରିବା ଅତ୍ୟନ୍ତ କଷ୍ଟକର ବ୍ୟାପାର । ପ୍ରକାଶିତ ହୋଇଥିବା ବିଗତ ଦୁଇଟି ଚରଣର ସ୍ମରଣିକାରେ **'ଚରମ' 'ଚୈତନ୍ୟ'** ସମ୍ପର୍କରେ ଅନେକ ଆଲୋଚନା ଓ ପର୍ଯ୍ୟାଲୋଚନା ହୋଇସାରିଛି । କିନ୍ତୁ, ଯେହେତୁ ଆମେ ନିଜେ ବାସ୍ତବ ଅନୁଭବ ସୂତ୍ରର ଅନେକ ଦୂରରେ ରହିଯାଇଛେ, ସେଥିପାଇଁ ଦୁଇଟିଯାକ ସ୍ମରଣିକାର ବିଷୟବସ୍ତୁ ଆମ ମନ ଭିତରେ ଅନେକ ପ୍ରତିକୂଳାତ୍ମକ ଭାବ ସୃଷ୍ଟି କରି ଦେଇଛି । ଉଭୟର ମର୍ମ ପ୍ରାୟତଃ ସମ ପରିଭାଷା ପ୍ରକାଶ କରୁଥିଲେ ମଧ୍ୟ ଆମେ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇପାରୁ ନାହେଁ । ତେଣୁ ଉଭୟକୁ ପରସ୍ପରର ବିରୋଧାଭାଷ ଭାବରେ ଗ୍ରହଣ କରୁଛୁ । ସେହି ସମସ୍ତ ଦ୍ୱିବିଧାତ୍ମକ ଭାବର ମିଳନରେ ଚିରନ୍ତନ ସତ୍ୟକୁ ପରିପ୍ରକାଶ କରିବାପାଇଁ ଏହି ସ୍ମରଣିକାରେ ପ୍ରୟାସ କରାଯାଉଅଛି । ଆଶା, ଭ୍ରମାତ୍ମକ ତମସା ଅପସରି ଯାଇ ଜ୍ଞାନାଲୋକ ନିଶ୍ଚୟ ବିଚ୍ଛୁରଣ ହେବ ।

ପ୍ରଥମେ ଆସିବା **'ଚରମ'** ଶବ୍ଦକୁ । **'ଚରମ'** କିଏ ? କେଉଁଠି ରହନ୍ତି ? କ'ଣ ତାଙ୍କର ସ୍ୱରୂପ ? କିପରି ତାଙ୍କର ପରିପ୍ରକାଶ ? ସନ ୧୯୯୨ ମସିହା କୁମାରପୂର୍ଣ୍ଣିମା ତିଥିରେ ଏହି **'ଚରମ'** ଶବ୍ଦ ଏକ ପତ୍ରିକାର ରୂପ ନେଇ ଅବତରିତ ହୋଇଥିଲା ଏବଂ ଆଶ୍ଚର୍ଯ୍ୟଜନକ ଭାବେ ଉକ୍ତ ପତ୍ରିକାର ଏକ ସ୍ତମ୍ଭ **'କଲ୍ୟାଣ ଦେଲି ତୋତେ'**ରେ ଗୁରୁସ୍ୱାମୀ **'ଚରମ'** ବୋଲି ସମ୍ବୋଧନ କରି କଲ୍ୟାଣ ବର୍ଷା କରିବାରେ ଲାଗିଲେ । ଆମେ ମଧ ଗୁରୁସ୍ୱାମୀଙ୍କୁ **'ଚରମନାଥ'** ଭାବରେ ଆମର ହୃଦୟ ସିଂହାସନରେ ଉପବେଶନ କରାଇଲୁ ଏବଂ ତଦନୁସାରେ ଚରମନାଥ ଭାବରେ ସମ୍ବୋଧନ କରିବାକୁ ଲାଗିଲୁ । ତେବେ କିଏ ଏହି **'ଚରମ'**? ଗୁରୁସ୍ୱାମୀ, ପତ୍ରିକା, ଜୀବଜଗତ ନା ଆଉ କିଏ ? ଗୋଟିଏ ଶବ୍ଦ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଭାବ ନେଇ କିଭଳି ପ୍ରତିଫଳିତ କରିପାରୁଛି ? ଉକ୍ତ ପ୍ରସଙ୍ଗରେ ଗୋଟିଏ ଛୋଟ ଉଦାହରଣ - ଏ ସୃଷ୍ଟିରେ ଜଳ ସର୍ବତ୍ର ବିଦ୍ୟମାନ । ଯେତେବେଳେ ଜଳ, ସାଗର ଓ ମହାସାଗରରେ ସ୍ଥାନ ଅଧିକାର କରିଛି, ସେତେବେଳେ ତାହାର ନାମ  ସାଗର ଜଳ । ନଦୀ ମଧ୍ୟରେ ପ୍ରବାହିତ ହେଲେ ନଦୀଜଳ, ହ୍ରଦମଧ୍ୟରେ ରହିଲେ ହ୍ରଦଜଳ, ପୁଷ୍କରିଣୀରେ ଥିଲେ ପୁଷ୍କରିଣୀ ଜଳ, କୂପ ମଧ୍ୟରେ ସ୍ଥିତ ହେଲେ କୂପଜଳ, ମେଘରୂପ ନେଇ ବର୍ଷା ହେଲେ ବର୍ଷାଜଳ, କଳସୀ ମଧ୍ୟରେ ରଖିଲେ କଳସୀ ଜଳ । ଏହି କ୍ରମରେ ଯେଉଁଠି ଥିଲେ ମଧ ନାମକରଣ ଅନୁଯାୟୀ ଭିନ୍ନତା ରହେ । ମାତ୍ର ସେହି ବସ୍ତୁ ଏକ 'ଜଳ' ରୂପରେ ହିଁ ବିଦ୍ୟମାନ ହୋଇଥାଏ । ଠିକ୍ ସେହିପରି **'ଚରମ'** ଏପରି ଏକ ସ୍ଥାନ, ବସ୍ତୁ ବା ସ୍ଥିତି ଯାହା ସମ୍ପୂର୍ଣ୍ଣରୂପେ ଅକଳନୀୟ, ଅବର୍ଣ୍ଣନୀୟ, ଅବିଶ୍ୱସନୀୟ, ଅଚିନ୍ତ୍ୟ, ଅଗମ୍ୟ ଓ ଅରୂପ । ଯାହାର ଆଦି ନାହିଁ, ଅନ୍ତ ନାହିଁ କି ସ୍ଥିତି ମଧ ନାହିଁ । ସେଠାରେ କେହି ପହଞ୍ଚିପାରେ ନାହିଁ । ଅନୁଭବ ମଧ କରିପାରେ ନାହିଁ । ସେହି ସ୍ଥାନକୁ ହିଁ ଅବ୍ୟକ୍ତ ମଣ୍ଡଳ ନାମରେ ଜ୍ଞାନୀ, ଭକ୍ତ, ଯୋଗୀ, ମୁନି ଋଷିମାନେ ନାମିତ କରିଛନ୍ତି ।

ଅନେକ କାଳ ଧରି ଏହି ଅବ୍ୟକ୍ତ ବା **ଚରମ** (ଶେଷ) **ମଣ୍ଡଳ**, ଯାହା ଉପରେ ଆଉ କିଛି ହିଁ ନାହିଁ, ଅମୀମାଂସିତ ଉପାଖ୍ୟାନରେ କେବଳ ଶବ୍ଦର ରୂପ ନେଇ ରହିଆସିଛି । ତାହାର ଏକ ସଂକ୍ଷିପ୍ତ ବିବରଣ ଏଥିସହ ସଂଲଗ୍ନ ହୋଇଥିବା  ଚିତ୍ରମାନଙ୍କରେ ଚିତ୍ରିତ କରାଯାଇ ତାହାର ବିଷୟବସ୍ତୁକୁ ନିମ୍ନରେ ଆଲୋଚନା କରାଯାଉଛି ।

**'ଚରମ'** ହେଉଛି ଅବ୍ୟକ୍ତ । ସେଠାରେ ପ୍ରକୃତି ନାହାନ୍ତି, ପୁରୁଷ ମଧ ନାହାନ୍ତି । କୌଣସି ରୂପ, ରସ, ଗନ୍ଧ, ଗୁଣ, ପ୍ରବୃତ୍ତି କିଛି ହିଁ ନାହିଁ । ସୃଷ୍ଟି ପରିକଳ୍ପନାରେ ସେହି ଅବ୍ୟକ୍ତରୁ ଦୁଇ ବିନ୍ଦୁ ସାକାର ରୂପ ନେଇ ତଳକୁ ଖସିଆସନ୍ତି । ଗୋଟିଏ ବିନ୍ଦୁ **'ପ୍ରକୃତି'** ନାମରେ ଅନ୍ୟଟି **'ପୁରୁଷ'** ନାମରେ ପରିଚୟ ବହନ କରି ଦୁଇଟି ଭିନ୍ନ ମଣ୍ଡଳରେ ଜ୍ୟୋତିରୂପରେ ଅବସ୍ଥାନ କରନ୍ତି । ଅନେକ କଳ୍ପ ବିତିଯିବା ପରେ ପୁନଶ୍ଚ ସେହି ଦୁଇଟି ଜ୍ୟୋତିର୍ବିନ୍ଦୁ ଏକତ୍ର ହୋଇ ଅନ୍ୟ ଏକ ମଣ୍ଡଳରେ ଠୁଳ ହୋଇ ରହନ୍ତି । ଏହି ମଣ୍ଡଳର ନାମ-**'ପୂର୍ଣ୍ଣବ୍ରହ୍ମ ମଣ୍ଡଳ, ନିତ୍ୟକୃଷ୍ଣ ମଣ୍ଡଳ, ଗୋଲୋକଧାମ'** । ଉକ୍ତ ମଣ୍ଡଳରେ ପ୍ରକୃତିଙ୍କ ନାମ **'ରାଧା'** ଓ ପୁରୁଷଙ୍କ ନାମ **'କୃଷ୍ଣ'** । ମତାନ୍ତରରେ ଏହା ହିଁ ଲକ୍ଷ୍ମୀନାରାୟଣ, ମହାବିଷ୍ଣୁମହାଲକ୍ଷ୍ମୀଙ୍କ ନିବାସସ୍ଥଳୀ । ପ୍ରତ୍ୟହ, ପ୍ରତିମୁହୂର୍ତ୍ତରେ ଏଠାରେ ରାହାସ ଲାଗିରହିଛି । ଦେବ, ଯକ୍ଷ, କିନ୍ନର, ନାଗ

ଇତ୍ୟାଦି ସମଗ୍ର ବ୍ରହ୍ମାଣ୍ଡର ସମସ୍ତ ସାଧନସୂତ୍ର ଏହିଠାରୁ ଆରମ୍ଭ ହୋଇ ଏହିଠାରେ ହିଁ ସମାପ୍ତ ହୋଇଥାଏ । କିନ୍ତୁ, ଏହି ମଣ୍ଡଳର ଉର୍ଦ୍ଧ୍ୱରେ ଥିବା ସର୍ବଶେଷ ସ୍ଥାନ ହେଉଛି **'ଚରମ'** । ଯାହାଙ୍କ ବିଷୟରେ କେବଳ ପ୍ରକୃତି ଓ ପୁରୁଷ ରୂପେ ଅବସ୍ଥାନ କରିଥିବା ଲକ୍ଷ୍ମୀନାରାୟଣ/ରାଧାକୃଷ୍ଣଙ୍କ ବ୍ୟତୀତ ଅନ୍ୟ କାହାରିକୁ ଜଣା ନଥାଏ । ତେଣୁ ସେଥିପାଇଁ କାହାରି ମନରେ ଆଗ୍ରହ, ଉତ୍କଣ୍ଠା କିମ୍ବା ବ୍ୟାକୁଳତା ସୃଷ୍ଟି ହୋଇ ନଥାଏ । ଉକ୍ତ କାରଣ ବଶତଃ ସେହି **ଚରମରୁ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ** ଉତ୍ପତ୍ତି ହୋଇଥିଲେ ମଧ୍ୟ ମହାଭାଗଙ୍କର ମହାମାୟା କାରଣରୁ ସେ ସର୍ବେଶ୍ୱର ସର୍ବଦା **ଅଗମ୍ୟ** ତଥା ଅବୋଧ ହୋଇ ରହି ଯାଇଛନ୍ତି ।

**ପରବର୍ତ୍ତୀ ସମୟରେ ବ୍ରହ୍ମାଣ୍ଡ ନିର୍ମାଣ କରି ଲୀଳାଂଶ** ଅବତରଣ କରାଇବାର ଲକ୍ଷ୍ୟ ନେଇ ଉପରାଲୋଚିତ ପରମବ୍ରହ୍ମ **ମଣ୍ଡଳରୁ** ତିନୋଟି **ପୁରୁଷ ଅଂଶ** ଓ ତିନୋଟି ପ୍ରକୃତି ଅଂଶ ସୃଷ୍ଟି ହୁଅନ୍ତି, ଯଥା :- ବ୍ରହ୍ମାସାବିତ୍ରୀ, ବିଷ୍ଣୁଲକ୍ଷ୍ମୀ, ଶିବପାର୍ବତୀ । ଯେଉଁ ମଣ୍ଡଳରେ ବ୍ରହ୍ମା ସାବିତ୍ରୀ ରହିଲେ ତାହାର ନାମ **ବ୍ରହ୍ମମଣ୍ଡଳ**, ବିଷ୍ଣୁଲକ୍ଷ୍ମୀଙ୍କ ସ୍ଥାନ **ବିଷ୍ଣୁମଣ୍ଡଳ ବା ବୈକୁଣ୍ଠ**, ଶିବପାର୍ବତୀଙ୍କ **ସ୍ଥଳ ଶିବମଣ୍ଡଳ ବା ରୁଦ୍ରମଣ୍ଡଳ ବା କୈଳାସ** । ବ୍ରହ୍ମମଣ୍ଡଳରୁ ବ୍ରହ୍ମାଣ୍ଡର **ଉତ୍ପତ୍ତି ପ୍ରକ୍ରିୟା**, ବୈକୁଣ୍ଠରୁ **ପାଳନ ପ୍ରକ୍ରିୟା** ଓ ଶିବମଣ୍ଡଳରୁ **ସଂହାର ପ୍ରକ୍ରିୟା** ସମାହିତ ହେବାର ନିର୍ଣ୍ଣିତ ହେଲା । ଉକ୍ତ ପ୍ରକରଣରେ **ସୃଷ୍ଟି** ହେଲା ବ୍ରହ୍ମାଣ୍ଡ ତଥା ଅଗଣିତ **'ଲୋକ'**ସମୂହ । ସୃଷ୍ଟି ସଂରଚନ, ପାଳନ ଓ ସଂହାର ନିମିତ୍ତ ଅଶେଷ ଦେବତା, ଦେବୀ, ରାକ୍ଷସ, ଜନ, ଲୋକ, ମନୁଷ୍ୟ ତଥା ଅସଂଖ୍ୟ ଜୀବଜଗତ ସୃଷ୍ଟି ହେଲେ । ପୁରୁଷଙ୍କ ଅଂଶରେ ଦେବତା, ନର, ରାକ୍ଷସ ଏବଂ ପୁରୁଷ ଅଙ୍ଗ ସୃଷ୍ଟି ହେଲା ଏବଂ ପ୍ରକୃତିଙ୍କ ଅଂଶରୁ ମାୟା, ମହାମାୟା, ଯୋଗମାୟା, ବିଷ୍ଣୁମାୟା, ବୈଷ୍ଣବୀମାୟା ସମସ୍ତ ନାରୀଅଙ୍ଗ, ମେଦ, ମାଂସ, ଅସ୍ଥି, ରକ୍ତ, ଶୌର୍ଯ୍ୟ, ଭଲ-ମନ୍ଦ, ସୁନ୍ଦର-ଅସୁନ୍ଦର, ରୂପ, କୁରୂପ, ସ୍ଥଳ, ବୃକ୍ଷଲତା, ବାୟୁ, ଅଗ୍ନି, ତେଜ ଇତ୍ୟାଦି ସମସ୍ତ ଆବଶ୍ୟକୀୟ ଉପାଦାନ ସୃଷ୍ଟିହୋଇ ସମୟାନୁକ୍ରମେ ଏକ ସୃଷ୍ଟିର ଅବତରଣ ହେଲା, ଯାହାର ଏକ କିୟଦଂଶ ମଧ୍ୟରେ ଆମ୍ଭମାନଙ୍କର ସ୍ଥିତି ବିଦ୍ୟମାନ । ଏଠାରେ ଜନ୍ମ ନେଇଥିବା ପ୍ରତ୍ୟେକ ଜୀବ ଏହି ମୃତ୍ୟୁଲୋକର ନୀତି, ନିୟମ, ଆଇନ, କାନୁନ୍‌ର ପରିସର ମଧ୍ୟରେ ଗତି କରିବାପାଇଁ ବାଧ୍ୟ । ଯୋଗମାୟା ପ୍ରତ୍ୟେକଙ୍କୁ ତାଙ୍କର ମାୟାରଜ୍ଜୁରେ ଏତେ କଠିନ ବନ୍ଧନରେ ବାନ୍ଧି ରଖିଛନ୍ତି ଯେ, ଯାହାର ପ୍ରଭାବରେ ଜୀବ କେବେବି ମଧ୍ୟ ସେହି ବନ୍ଧନରୁ ମୁକ୍ତ ହେବାପାଇଁ ଚାହେଁ ନାହିଁ । ଯିଏ ଭଲ ଭାବରେ ହୃଦୟଙ୍ଗମ କରିଛି ଯେ ଜନ୍ମପରେ ମୃତ୍ୟୁ ଦିନେ ନା ଦିନେ ଅନିବାର୍ଯ୍ୟ । ସୃଷ୍ଟିର ମୃତ୍ୟୁଲୋକର ଏହାହିଁ ଏକ ଅପରିବର୍ତ୍ତନୀୟ ନିୟମ । ତଥାପି ସେହି ମାୟାକୁ  ଅତି ନିଜର ଏବଂ ଏକାନ୍ତ ଭାବି ସେହିଥିରେ ହିଁ ଲୀନ ହୋଇଯିବାକୁ ସେ ଆନନ୍ଦ ମନେକରି ସେଥିରେ ନିମଜ୍ଜିତ ରହିଥାଏ । ଏମାନଙ୍କୁ ମାୟାବନ୍ଧନରୁ ମୁକ୍ତକରି ନିତ୍ୟ ଆନନ୍ଦର ସ୍ୱାଦ ଚଖାଇ ନିଜର ପରିଚୟ ପ୍ରଦାନ କରିବାର ଲକ୍ଷ୍ୟରେ ପରମପିତା, ପରମବ୍ରହ୍ମ ମଣ୍ଡଳରୁ ବିଭିନ୍ନ ସମୟରେ ଅବତାର, ଅବତାରୀ, ଗୁରୁଅଙ୍ଗ, ଯଥା- ଗୁରୁ, ଉପଗୁରୁ, ଖଣ୍ଡଗୁରୁ, ସଦ୍‌ଗୁରୁ, ଧର୍ମଯାଜକ, ପରିବ୍ରାଜକ, ସାଧୁ, ସନ୍ଥ, ଯୋଗୀ, ମୁନି, ଋଷି ଇତ୍ୟାଦିଙ୍କୁ ପୃଥିବୀ ପୃଷ୍ଠରେ ଅବତରିତ କରାଇଥାଆନ୍ତି । ସେମାନେ ବିଭିନ୍ନ ନାମ ଗ୍ରହଣ କରି ଭିନ୍ନ ଭିନ୍ନ ଜ୍ଞାନର ଅଧିକାରୀ ହୋଇଥାଆନ୍ତି । ଇଷ୍ଟଦେବ/ଗୁରୁଦେବଙ୍କ ନିର୍ଦ୍ଦେଶରେ

ଯେଉଁ ପଥରେ ଗତିକରି ସେମାନେ ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଥା'ନ୍ତି, ଜନସମାଜକୁ ସେହି ସେହି ନିଜସ୍ୱ ପଥପ୍ରଦର୍ଶନ କରାଇ ବ୍ରହ୍ମାଭିମୁଖୀ ତଥା ଅନ୍ତର୍ମୁଖୀ ହେବାପାଇଁ କୌଶଳ ପ୍ରଦାନ କରନ୍ତି ଏବଂ ଜ୍ଞାନ ବିକିରଣ କରନ୍ତି । ଯେଉଁ ଗୁରୁଅଙ୍ଗ ଇତ୍ୟାଦିଙ୍କ ସଂପର୍କରେ ଆଲୋଚନା କରାଗଲା, ସେମାନେ ଉପର ବର୍ଣ୍ଣିତ ପରମବ୍ରହ୍ମ ମଣ୍ଡଳ, ରୁଦ୍ରମଣ୍ଡଳ, ବିଷ୍ଣୁମଣ୍ଡଳ ଓ ବ୍ରହ୍ମମଣ୍ଡଳରୁ ହିଁ ଜ୍ଞାନ ପ୍ରାପ୍ତ ହୋଇଥା'ନ୍ତି ଏବଂ ଶେଷରେ ସେହିଠାରେ ହିଁ ଲୀନ ହୋଇଯାଆନ୍ତି । ସର୍ବଶେଷ ପରିଣାମ ଏକ ହୋଇଥିଲେ ମଧ୍ୟ ପଥ ଭିନ୍ନଭିନ୍ନ ହୋଇଥିବାରୁ ସମାଜରେ ପରସ୍ପର ବିରୋଧାଭାଷ, ବିଦ୍ୱେଷ, ହିଂସା, ଦ୍ୱେଷ, ଗର୍ବ, ଅହଂକାର ଇତ୍ୟାଦି ମାୟାକଳ୍ପ ବିସ୍ତାର ଲାଭ କରିଯାଏ । ଫଳରେ ପୂର୍ଣ୍ଣେଶ୍ୱର(ପୂର୍ଣ୍ଣଗୁରୁ)ଙ୍କର ଇଚ୍ଛା ଅପୂର୍ଣ୍ଣ ରହିଯାଏ । ସମଦର୍ଶୀଭାବ, ନିର୍ବିକାର ଅବସ୍ଥା, ଦୟା, କ୍ଷମା, ଆଦର, ସ୍ନେହ, ଶ୍ରଦ୍ଧା ଆଦି ସଦ୍‌ଗୁଣର ବାସ୍ତବ ପରିପ୍ରକାଶ ହୋଇପାରେ ନାହିଁ ।

ଦେବତା ହୁଅନ୍ତୁ ବା ଯୋଗୀ, ମୁନି, ଋଷି, ସାଧୁ, ସନ୍ଥ, ସାଧକ, ଭକ୍ତ ଯିଏ ବି ହୁଅନ୍ତୁ ସମସ୍ତଙ୍କର ସର୍ବଶେଷ ଗତି ପରମବ୍ରହ୍ମ ମଣ୍ଡଳ ବା ଗୋଲକଧାମ ପର୍ଯ୍ୟନ୍ତ ହିଁ ହୋଇଥାଏ । ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ପରିମେୟ ହୁଏ ଯେ - **'ଚରମ'** ବା ପୂର୍ଣ୍ଣେଶ୍ୱର, ଯିଏ ସର୍ବେଶ୍ୱର ତଥା **ଅବ୍ୟକ୍ତ**, ସିଏ ପ୍ରତ୍ୟେକ ଅବସ୍ଥାରେ ସମସ୍ତ ମଣ୍ଡଳରେ ପୂର୍ଣ୍ଣଭାବରେ ବିରାଜିତ ଥିଲେ ମଧ୍ୟ ବ୍ରହ୍ମାଣ୍ଡରେ ଅନାଲୋଚିତ ତଥା ଅଜ୍ଞ ହୋଇ ରହି ଯାଆନ୍ତି ।

ଏହାହିଁ **'ଚରମ'** ଶବ୍ଦର ଏକ ସଂକ୍ଷିପ୍ତ ପରିଚୟ । ଜଳ ମଧ୍ୟରେ କଳସୀ ଏବଂ କଳସୀ ମଧ୍ୟରେ ଜଳ ନ୍ୟାୟରେ **'ଚରମ'** ସର୍ବବ୍ୟାପକ ହୋଇଥିଲେ ମଧ୍ୟ ମାନସରେ ଅଜ୍ଞାତ, ଅବୋଧ, ଅଚିନ୍ତ୍ୟ, ଅବର୍ଣ୍ଣନୀୟ ହୋଇ ରହିଯାଇଛନ୍ତି । ଗୋଲୋକଧାମ, ବୈକୁଣ୍ଠଧାମ, କୈଳାସଧାମ, ବ୍ରହ୍ମଲୋକ, ସତ୍ୟମ୍‌ଲୋକ, ତପଃଲୋକ, ଜନଃଲୋକ, ମହଃଲୋକ, ସ୍ୱଃ ଲୋକ, ଭୁବଃ ଲୋକ, ଭୂଲୋକ ବା ମୃତ୍ୟୁଲୋକ ସବୁଠାରେ ପ୍ରତ୍ୟେକ ଅବସ୍ଥାରେ ସମସ୍ତ ଗୁଣ, ରୂପ, ରସ, ଗନ୍ଧ ନେଇ ସେଇ **'ଚରମ'** ହିଁ ବିଦ୍ୟମାନ । ତେଣୁ ଚରମର ସତ୍ତା ଗୋଲୋକଧାମ, ବିଷ୍ଣୁ, ରୁଦ୍ର, ବ୍ରହ୍ମମଣ୍ଡଳକୁ ପରିବ୍ୟାପ୍ତ ହୋଇ ସର୍ବଲୋକ, ସକଳବ୍ରହ୍ମାଣ୍ଡ, ସ୍ଥାବର, ଜଙ୍ଗମ, କୀଟପତଙ୍ଗ ସମସ୍ତଙ୍କ ମଧ୍ୟରେ ବିଚ୍ଛୁରିତ ହୋଇ ରହିଛି ଏବଂ ଏହି ସମସ୍ତ ଲୋକର ଅସ୍ତିତ୍ୱ ଚରମ ସତ୍ତା ମଧ୍ୟରେ ସମାହିତ ହୋଇଯାଇଛି । ସୁତରାଂ ଚରମ ହିଁ ଆରମ୍ଭ ଓ ଚରମ ହିଁ ଶେଷ । ସେଥିପାଇଁ ପତ୍ରିକାର ନାମ **'ଚରମ'** । ଚରମର 'କଲ୍ୟାଣ ହେଲି ତୋତେ' ସ୍ତମ୍ଭର ସମ୍ବୋଧିତ ବ୍ୟକ୍ତିତ୍ୱ, ସ୍ଥିତି ମଧ୍ୟ **'ଚରମ'** ।

ଏଥର ଆସିବା **'ଚୈତନ୍ୟ'** ଶବ୍ଦର ଅନ୍ତର୍ନିହିତ ସତ୍ୟତାର ପରିଭାଷାକୁ । **'ଚୈତନ୍ୟ'**ର ଅର୍ଥ କ'ଣ ? ଚିତ୍+ଚେତନା=ଚୈତନ୍ୟ । ଚିତ୍ ହେଉଛି ବାୟୁସ୍ୱରୂପ ମନ ଅବସ୍ଥାର ପ୍ରକରଣ । ମନ ସର୍ବଦା ଚଞ୍ଚଳ, ଗତିଶୀଳ, ପରିବର୍ତ୍ତନୀୟ, ନିୟନ୍ତ୍ରଣହୀନ ହୋଇ ମାୟାରଜ୍ଜୁର ଶକ୍ତ ଶିକୁଳିରେ ବନ୍ଦୀ ହୋଇ ରହିଅଛି । ତେଣୁ ବାସ୍ତବତାକୁ ସ୍ୱୀକାର କରିବାପାଇଁ କେବେ ବି ମନେ କରିନାହିଁ । ଯଦି କେହି ସତ୍‌ପୁରୁଷ ତାକୁ ସତ୍ୟ ସହିତ ପରିଚିତ କରାଇବାକୁ ଯତ୍ନବାନ ହୁଅନ୍ତି, ସେ ତାକୁ ଗ୍ରହଣ କରିବା ପରିବର୍ତ୍ତେ ତାକୁ

ଏବଂ ତାଙ୍କ ବଚ଼ନକୁ ହେୟଜ୍ଞାନ କରି, ଅବାସ୍ତବ ଯୁକ୍ତିରେ ନିଜର ଅହଂ, ବଡ଼ିମା ପ୍ରକାଶ କରେ ଏବଂ ନିଜର ନିଷ୍ପତ୍ତି ହିଁ ସର୍ବଦା ଠିକ୍ ବୋଲି ନିଶ୍ଚୟ କରିନିଏ । ସେହି ବାୟୁସ୍ୱରୂପ ମନର ତାଳେତାଳେ ବିବେକ ବା ଚେତନା ତା' ସହିତ ଯୁକ୍ତ ହୋଇ ତାକୁ ସତର୍କ କରାଇଲେ ମଧ ସେ ତା' ସହିତ ଯୁକ୍ତ ହୋଇପାରେ ନାହିଁ । ତେଣୁ ସର୍ବଦା ଚେତନାହୀନ ହୋଇ କେବଳ ଚିତ୍ ସହିତ ରହିବାରେ ଆନନ୍ଦ ଉପଲବ୍ଧି କରେ ।

ଚିତ୍ ହେଉଛି ପ୍ରକୃତିଙ୍କ ଅଂଶ ଏବଂ ଚେତନା ହେଉଛି ପୁରୁଷଙ୍କ ଅଂଶ । ଯେପରି ପ୍ରକୃତିଙ୍କ ସହ ପୁରୁଷଙ୍କ ମିଳନ ନହେବା ଯାଏ କୌଣସି ସୃଷ୍ଟି ସମ୍ଭବ ହୋଇପାରେ ନାହିଁ, ସେହିପରି ଚିତ୍ ଯଦି ଚେତନା ସହିତ ସଂଯୋଗ ନ ହୁଏ, ତେବେ ''ଚୈତନ୍ୟ''ର ସ୍ଥିତି ମଧ ଉଦ୍ରେକ ହୋଇପାରିବ ନାହିଁ । ସାଧକମାନେ ଅକ୍ଳାନ୍ତ ଚେଷ୍ଟା, ଅସରନ୍ତି ଦୁଃଖ, କଷ୍ଟ, ବେଦନା, ଯନ୍ତ୍ରଣା ଅନୁଭବ କରି ଓ ସହ୍ୟକରି ନିଜର ମନ ବା ଚିତ୍‌କୁ ସଂଯମ କରାଇ ଚେତନାଯୁକ୍ତ କରାଇଥାନ୍ତି । ସେହି ସମୟରେ ସେ **'ଚୈତନ୍ୟ'** ପ୍ରାପ୍ତ ହୋଇ ଆତ୍ମାର ଦର୍ଶନ ପାଆନ୍ତି ଏବଂ ଆତ୍ମଜ୍ଞାନର ଅଧିକାରୀ ହୁଅନ୍ତି । ଏହି କ୍ରିୟାର ଅନ୍ତିମ ପରିଣତି ଏକ ହିଁ ହୋଇଥାଏ-ବ୍ରହ୍ମାନୁଭୂତି, ବ୍ରହ୍ମଦର୍ଶନ ବା ଆତ୍ମାନୁଭୂତି ଓ ଆତ୍ମଦର୍ଶନ । କିନ୍ତୁ, ଏକ ବିଲକ୍ଷଣ ମଧ ପ୍ରକାଶ ପାଇଥାଏ । କାରଣ ସାଧକର ସାଧନ ଅବସ୍ଥାରେ ଯେଉଁ ପଥଦେଇ ସେ ଗତିକରିଥାଏ, ସେହି ପଥଟିକୁ ସେ କେବଳ ଏକମାତ୍ର ପଥ ବୋଲି ବିଚାରକୁ ନେଇଯାଏ ଏବଂ ଅନ୍ୟ ପଥ, ଅନ୍ୟ ମତକୁ ହେୟଜ୍ଞାନ, ଅବମାନନା ତଥା ଅସ୍ୱୀକାର କରିଯାଏ । ଏହା ସଂଗଠିତ ହୋଇଥାଏ କେବଳ ତା'ର ଜ୍ଞାନ ଅହଂକାର ସହିତ ଯୁକ୍ତ ହୋଇଯାଇଥିବାରୁ । ଏଥିରେ ତାକୁ ମଧ ଦୋଷାରୋପ କରାଯାଇପାରିବ ନାହିଁ । କାରଣ 'ମାୟା'ର ରଜ୍ଜୁ ଅତି ଶକ୍ତ ଓ କଠିନ । ସେହି ମାୟାର ଆଶୀର୍ବାଦ ପ୍ରାପ୍ତ ନହୋଇ ଜ୍ଞାନପ୍ରାପ୍ତ ହୋଇଥିବାରୁ ଅସୀମ ସତ୍ତାକୁ ସେ ସସୀମ ଭାବରେ ଗ୍ରହଣ କରିନିଏ ଏବଂ ଅନ୍ୟକୁ ସେହି ପଥରେ ଗତିକରିବାକୁ ଏକରକମ ବାଧ କରାଏ ।

ପୂର୍ବ ସ୍ମରଣିକାରେ **'ଚୈତନ୍ୟ'**ର ବିଭାଗୀକରଣ ସମ୍ପର୍କରେ ଆଲୋଚନା କରାଯାଇଅଛି, ଯଥା - **ବ୍ରହ୍ମଚୈତନ୍ୟ, ବିଷ୍ଣୁଚୈତନ୍ୟ ଏବଂ ଶିବ ବା ମହେଶ୍ୱର ବା ରୁଦ୍ର ଚୈତନ୍ୟ** । ତେଣୁ ସେ ବିଷୟରେ ଏଠାରେ ଅଧିକ ବର୍ଣ୍ଣନା କରିବା ଅନାବଶ୍ୟକ । କେବଳ ଏତିକି କୁହାଯାଇପାରିବ ଯେ, ଉପରୋକ୍ତ **'ତ୍ରିଚୈତନ୍ୟ'**ର ଭାବରୂପ ସମ୍ପୂର୍ଣ୍ଣ ଭିନ୍ନ ଭିନ୍ନ ହୋଇଥାଏ । ଯେଉଁ ସାଧକ, ମୁନି, ଋଷି, ଯୋଗୀ ବା ଅବତାରମାନେ ଯେଉଁ 'ଚୈତନ୍ୟ' ଅନ୍ତର୍ଗତ ହୋଇଥା'ନ୍ତି, ସେମାନଙ୍କ ମଧ୍ୟରେ ସେହିଭାବର ଚେତନା ଖେଳୁଥାଏ । ତେଣୁ ସେମାନେ ସେମାନଙ୍କର ସେହି ବ୍ୟକ୍ତିଗତ ଚେତନାଯୁକ୍ତ ଚୈତନ୍ୟକୁ ସର୍ବଶେଷ ଏବଂ ବିକଳ୍ପହୀନ ବୋଲି ବିବେଚ଼ନା କରିଥାଆନ୍ତି । ସେଥିପାଇଁ ବ୍ରହ୍ମବାଦର ଅସଲ ସ୍ୱରୂପ ସ୍ୱବିଚ଼ାର ଏବଂ ବ୍ୟକ୍ତିଗତ ଅହଂଯୁକ୍ତ ଚେତନାର ଡାକୁଣୀରେ ଅଦୃଶ୍ୟ ହୋଇଯାଏ । ତାହାରି ପ୍ରତିଫଳନ ହେଉଛି 'ନାନାମୁନି, ନାନାମତ', 'ବହୁମନ, ବହୁମତ' । ଅନେକ ଦେବାଦେବୀ ଓ ତଦ୍‌ଅନ୍ତର୍ଗତ ଦ୍ୱନ୍ଦ୍ୱାତ୍ମକ ଭକ୍ତି, ଜ୍ଞାନ, ତନ୍ତ୍ରମାର୍ଗ ଆଦି ସେହି ଏକାତ୍ମକ ଚୈତନ୍ୟର ଅଭାବରୁ ସମଗ୍ର ବ୍ରହ୍ମାଣ୍ଡ ଅଗଣିତ ଭାଗରେ ବିଭକ୍ତ ହୋଇଯାଇଛି । ଫଳରେ କେହି କାହାରିକୁ ଗ୍ରହଣ କରିବାପାଇଁ ପ୍ରସ୍ତୁତ ନୁହଁନ୍ତି । ପରସ୍ପର ପରସ୍ପରକୁ

ଆଲିଙ୍ଗନ କରିବା ପରିବର୍ତ୍ତେ ଈର୍ଷା, ଦ୍ୱେଷ, ହିଂସା, ପ୍ରତିହିଂସାପରାୟଣ, ଘୃଣା ଆଦି କୁଗୁଣଗୁଡ଼ିକୁ ଆଦରି ନେଇ ସ୍ୱଅଭିମାନରେ ଶତମୁଖ ହୋଇପଡ଼ିଛନ୍ତି । ସୁତରାଂ ଧର୍ମରେ ଗ୍ଲାନି ଆସିଯାଇଛି । ଏ ମର୍ତ୍ତ୍ୟବାସୀ ସନାତନ ଧର୍ମକୁ ବିକୃତ କରି ଭିନ୍ନ ଭିନ୍ନ ନାମରେ ଧର୍ମକୁ ଅଭିହିତ ତଥା ନାମକରଣକରି ମୂଳଧାରାର ମୂଳପିଣ୍ଡ ଏବଂ ମୂଳସତ୍ତାକୁ ସମ୍ପୂର୍ଣ୍ଣଭାବେ ପାଶୋରି ଯାଇଛନ୍ତି ।

ଏହାର ଅନ୍ୟ ଏକ କାରଣ ରୂପେ ଯୁଗବାଦକୁ ମଧ୍ୟ ଗ୍ରହଣ କରାଯାଇପାରେ । ପ୍ରତିଯୁଗର ଆବଶ୍ୟକତାକୁ ବିଚାରକୁ ନେଇ ପରଂବ୍ରହ୍ମ ମଣ୍ଡଳରୁ **'ଚରମ'** ସତ୍ତାର ଇଚ୍ଛା ବହନକରି ଯେଉଁ ଧର୍ମାଚାର୍ଯ୍ୟ, ଅବତାରୀ, ଋଷି, ଯୋଗୀ, ମୁନି ତଥା ଗୁରୁଅଙ୍ଗମାନେ ଅବତରଣ କରିଛନ୍ତି, ସେମାନଙ୍କର ରୂପ, ଜ୍ଞାନ, ଲୀଳାର ଏକ ଶକ୍ତ ଆବରଣ ଜୀବର ମନକୁ (ଚିତ୍ତକୁ) ଆଚ୍ଛାଦିତ କରି ରଖିଛି । ତେଣୁ ଆଧ୍ୟାତ୍ମିକ ପଥରେ ଗତି କରିବାକୁ ମନେ କରୁଥିବା ଜୀବ ଯେତେ କ୍ଷିପ୍ର ଗତିରେ ବ୍ୟାକୁଳିତ ହୋଇ ଧାବମାନ କରୁଥିଲେ ମଧ୍ୟ ସେହି ଯୁଗୀୟ ଭାବଧାରାର ଉର୍ଦ୍ଧ୍ୱସ୍ତରକୁ ଚିନ୍ତା ମଧ୍ୟ କରିପାରୁନାହିଁ । ଯେଉଁ ଯେଉଁ ରୂପ ଯଥା :- ମୀନ, ବରାହ, ନୃସିଂହ, କଚ୍ଛପ, ରାମ, କୃଷ୍ଣ, ଆଲ୍ଲା, ଯୀଶୁ ଇତ୍ୟାଦି ଧରାବତରଣ କରିଯାଇଛନ୍ତି, ଜୀବର ଚିନ୍ତାଧାରା ଠିକ୍ ସେତିକିବାଟ ଯାଇ ଅଟକି ଯାଉଛି । ଅଧିକ ଚିନ୍ତା କରିବାର ଅବକାଶ ରହୁନାହିଁ । ଏହି ଯୁକ୍ତିରେ **'ଚୈତନ୍ୟ'** ବିବାଦ ଯେ ଯୁଗଯୁଗଧରି ଅମୀମାଂସିତ ରହି ଆସିଛି - ଏହା କହିଲେ ଅତ୍ୟୁକ୍ତି ହେବନାହିଁ । ସୁତରାଂ ଗତ ହୋଇଯାଇଥିବା ଯୁଗାନୁବାଦ ବିବାଦର ପରିସମାପ୍ତି ହୋଇ ବାସ୍ତବ ମୀମାଂସା ଅଧିଗତ, ମଜ୍ଜାଗତ ନ ହୋଇ ପାରିଲେ, ଚିତ୍ତ ବା ମନର ଶୁଦ୍ଧତା ହୋଇପାରବ ନାହିଁ କିମ୍ବା ଜୀବ ଆବଦ୍ଧ ସୀମାକୁ ଅତିକ୍ରମ କରି ବାସ୍ତବ ମୀମାଂସାରେ ପହଞ୍ଚି ପାରିବ ନାହିଁ । କିନ୍ତୁ ଏହା କିପରି ସମ୍ଭବ ହେବ ? ହଁ, ଏହା ନିଶ୍ଚିତ ସମ୍ଭବ ହେବ । କାରଣ ବ୍ରହ୍ମା ଚୈତନ୍ୟ, ବିଷ୍ଣୁ ଚୈତନ୍ୟ, ରୁଦ୍ର ଚୈତନ୍ୟର ଉର୍ଦ୍ଧ୍ୱରେ ଯେ ଆଉ ଏକ ଅପରିବର୍ତ୍ତନୀୟ, ଅସୀମ, ଅବ୍ୟକ୍ତ, ଅବର୍ଣ୍ଣନୀୟ, ଅଦୃଶ୍ୟ, ଅଚିନ୍ତ୍ୟ ଅକଳ୍ପନୀୟ **'ଚୈତନ୍ୟ'** ଅଛି ଯେଉଁଠାରୁ ଉପରୋକ୍ତ ତ୍ରିଚୈତନ୍ୟର ଉଦ୍ରେକ ହୋଇଛି ଏବଂ ସେହିଠାରେ ହିଁ ବିଲୀନ ହୋଇଯାଇଛି । ତାହାରି ନାମ **'ଚରମ ଚୈତନ୍ୟ'** । ଏହି ଚୈତନ୍ୟ ମଧ୍ୟରେ ବିଭେଦ ନାହିଁ, ବିଭାଗନାହିଁ, ବିରାମ ନାହିଁ, ବିଦ୍ୱେଷ ନାହିଁ, ବିଭିନ୍ନତା ନାହିଁ, ସୁଖ ନାହିଁ କି ଦୁଃଖ ନାହିଁ, ପାପ ନାହିଁ କି ପୁଣ୍ୟ ମଧ୍ୟ ନାହିଁ, ଭୁଲନାହିଁ, ଠିକ୍ ବି ନାହିଁ, ସତ୍ୟ ନାହିଁ କି ମିଥ୍ୟା ନାହିଁ, ସୃଷ୍ଟି ନାହିଁ, କି ବିଲୟ ନାହିଁ, ଆନନ୍ଦ ନାହିଁ କି ନିରାନନ୍ଦ ନାହିଁ, ରୂପ, ରସ, ଗନ୍ଧ, ସ୍ୱାଦ, ବିକାର ଓ ପ୍ରକାର ନାହିଁ । ତା ହେଲେ କ'ଣ ଅଛି ? ଅଛି କେବଳ **'ଚରମ'-'ଶେଷ'**, - **'ଅଖଣ୍ଡ ଶାନ୍ତି' 'ଅସରନ୍ତି ସ୍ଥିରତା'- 'ସମଦୃଷ୍ଟିଭାବ'** ଏବଂ **'ପରମସୁଖ'** - ଯେଉଁ ସୁଖକୁ ବ୍ୟକ୍ତ କରିବା ପାଇଁ ଭାଷା ମଧ୍ୟ ନାହିଁ । ଯେତେବେଳେ ଜୀବର ଚିତ୍ତ ବା ଚିଦ୍ ବା ମନ ମା' ପ୍ରକୃତିଦେବୀଙ୍କର କୃପାପ୍ରାପ୍ତ ହୋଇ ସ୍ଥିର ହୋଇଯାଏ, ସ୍ପନ୍ଦନହୀନ ହୋଇଯାଏ, ଚିନ୍ତାଶୂନ୍ୟ ହୋଇଯାଏ, ଭୂମି, ଜଳ, ବାୟୁ, ଅଗ୍ନି, ଆକାଶ ତତ୍ତ୍ୱରୂପୀ ମାୟାବନ୍ଧନରୁ ମୁକ୍ତ ହୋଇଯାଏ, ସେତେବେଳେ ସେ ସୃଷ୍ଟିର ଆରମ୍ଭ ଏବଂ ଅନ୍ତଃତତ୍ତ୍ୱର ଅନ୍ତିମ ରହସ୍ୟଯୁକ୍ତ ଚେତନା ସହିତ ଯୁକ୍ତ ହୋଇଯାଏ । ସେତିକିବେଳେ ସେ **'ଚରମଚୈତନ୍ୟ'** ପ୍ରାପ୍ତ ହୋଇ **'ଚରମ'**ଙ୍କୁ ଅନୁଭବ କରିବାର ଯୋଗ୍ୟତା ଅର୍ଜନ କରେ ।

'ଚରମ' ଓ 'ଚୈତନ୍ୟ' ସମ୍ପର୍କରେ ସମ୍ୟକ୍ ଧାରଣା ପରେ ଏବେ ଆସିବା ବର୍ତ୍ତମାନର ଅବସ୍ଥିତିକୁ । ଯୁଗାନୁବାଦକୁ ନେଇ ଅନେକ ବିରୋଧମତ ଦେଖିବାକୁ ମିଳୁଛି । ଅନେକ କହୁଛନ୍ତି ବର୍ତ୍ତମାନ କଳିଯୁଗ ଚାଲିଅଛି ଏବଂ ଏହା ଅନ୍ତିମ ପର୍ଯ୍ୟାୟରେ ଉପନୀତ । ଅନ୍ୟ କିଛି ବ୍ୟକ୍ତି ଆଲୋଚନା କରନ୍ତି କଳିଯୁଗର ଶେଷ ଆହୁରି ଅନେକ ଲକ୍ଷ ବର୍ଷ ବାକି ଅଛି । ବାସ୍ତବରେ ଉଭୟ ହିଁ ସତ୍ୟ କହୁଛନ୍ତି । ଏହି ସତ୍ୟର ଅନ୍ତରାଳରେ ଏକ ଗୁପ୍ତ ରହସ୍ୟ ଲୁକ୍କାୟିତ । ସେହି ଗୋପନୀୟ ତତ୍ତ୍ୱଟିର ଉନ୍ମୋଚନ ହୋଇନଥିବାରୁ ଏହି ବିବିଧତା ଦେଖିବାକୁ ମିଳୁଛି । ଏଠାରେ ସେହି ଅନାଲୋଚିତ ଗୁପ୍ତ ରହସ୍ୟର ଅନାବରଣ କରିବାର ପ୍ରୟାସ କରାଯାଉଛି । ଯଥା :-

ଯୁଗ ହେଉଛି ଚାରୋଟି । ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି । ଏହା ସତ୍ୟ ଏବଂ ଅପରିବର୍ତ୍ତନୀୟ । ମାତ୍ର, ଏହି ଯୁଗଗୁଡ଼ିକର ଅନ୍ତର୍ଯୁଗ ଅଛନ୍ତି ।

ସେହି ଅନ୍ତର୍ଯୁଗର ସାରଣୀ ନିମ୍ନରେ ପ୍ରଦତ୍ତ ହେଲା -

**ଯୁଗ-ଅନ୍ତର୍ଯୁଗ ସାରଣୀ**

| କ୍ରମ | ଯୁଗନାମ | ଅନ୍ତର୍ଯୁଗ-୧ | ଅନ୍ତର୍ଯୁଗ-୨ | ଅନ୍ତର୍ଯୁଗ-୩ | ଅନ୍ତର୍ଯୁଗ-୪ |
|---|---|---|---|---|---|
| ୧ | ସତ୍ୟ | ସତ୍ୟ | ତ୍ରେତୟା | ଦ୍ୱାପର | କଳି |
| ୨ | ତ୍ରେତୟା | ସତ୍ୟ | ତ୍ରେତୟା | ଦ୍ୱାପର | କଳି |
| ୩ | ଦ୍ୱାପର | ସତ୍ୟ | ତ୍ରେତୟା | ଦ୍ୱାପର | କଳି |
| ୪ | କଳି | ସତ୍ୟ | ତ୍ରେତୟା | ଦ୍ୱାପର | କଳି |

ପ୍ରତିଯୁଗର ଚାରି ଅନ୍ତର୍ଯୁଗ ଅଛି । ଗୋଟିଏ ଯୁଗରେ ଚାରି ସଂସ୍କୃତି - ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି ଭୋଗ ନହେଲେ ସେହିଯୁଗ ସମାପ୍ତ ହୁଏ ନାହିଁ । ତେଣୁ ଚାରିଯୁଗର ପର୍ଯ୍ୟାୟକ୍ରମେ ଚାରି ଅନ୍ତର୍ଯୁଗ ଭୋଗ ହେଲାପରେ ଗୋଟିଏ କଳ୍ପ ଭୋଗହୁଏ । ଏହାହିଁ ଯୁଗାନୁବାଦର ଏକ ଅତି ସଂକ୍ଷିପ୍ତ ବର୍ଣ୍ଣନା ।

ଉପରୋକ୍ତ ତଥ୍ୟକୁ ବିଚାରକୁ ନେଲେ ସତ୍ୟଯୁଗର ସତ୍ୟ, ତ୍ରେତୟା, ଦ୍ୱାପର ସଂସ୍କୃତି ସମାପ୍ତ ହୋଇ ବର୍ତ୍ତମାନ କଳି ସଂସ୍କୃତି ଉପସ୍ଥିତ ଏବଂ ଆମେ ସେହି ଅବଧିରେ ଗତି କରୁଅଛେ । ଉକ୍ତ ଅନ୍ତର୍ଯୁଗ କଳି ବର୍ତ୍ତମାନ ଅନ୍ତିମ ଚରଣରେ ପହଞ୍ଚିଯାଇଛି । ସେଥିପାଇଁ ସତ୍ୟଯୁଗର ପ୍ରାରମ୍ଭରୁ ଅଦ୍ୟାବଧି ଯେତେ ସଂସ୍କୃତି ତଥା ତଦ୍‌ଅନ୍ତର୍ଗତ ବିବାଦାତ୍ମକ ଭାବଧାରା ପ୍ରଚଳିତ ହୋଇ ସମାଜକୁ ଖଣ୍ଡବିଖଣ୍ଡିତ କରି ଦେଇଅଛି, ସେହି ସମସ୍ତ ବିବାଦର ସମାଧାନ ବା ମୀମାଂସାର ସମୟ ଉପନୀତ ହୋଇଯାଇଛି।

ପୂର୍ବରୁ ଆଲୋଚିତ ହୋଇଛି ପ୍ରତି ଅନ୍ତର୍ଯୁଗର ସମସ୍ୟାକୁ ଆଧାର କରି ସେହି ସମୟର ଆବଶ୍ୟକତା ଅନୁଯାୟୀ ଜ୍ଞାନ, ତତ୍ତ୍ୱ, ଭକ୍ତି ତଥା ଆଦର୍ଶକୁ ବିସ୍ତାର କରିବା ପାଇଁ ପରଂବ୍ରହ୍ମ ପରମାତ୍ମା ଉପରବର୍ଣ୍ଣିତ ଗୋଲୋକଧାମ, ବିଷ୍ଣୁଧାମ ବୈକୁଣ୍ଠ, ବ୍ରହ୍ମାଧାମ, ବ୍ରହ୍ମମଣ୍ଡଳ ତଥା ଶିବଧାମ କୈଳାସରୁ ବିଭିନ୍ନ ଅବତାରୀ,

ଅବତାର, ଗୁରୁଅଙ୍ଗ (ଗୁରୁ, ସଦ୍‌ଗୁରୁ, ଉପଗୁରୁ, ଖଣ୍ଡଗୁରୁ)ମାନଙ୍କୁ ପ୍ରେରଣ କରିଥା'ନ୍ତି ଏବଂ କରିଛନ୍ତି ମଧ୍ୟ । ମାତ୍ର, ବର୍ତ୍ତମାନର ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ । ପ୍ରତ୍ୟେକ ଅନ୍ତର୍ଯୁଗରେ ବିସ୍ତାରିତ ହୋଇଥିବା ଜ୍ଞାନତତ୍ତ୍ୱ ସାମ୍ପ୍ରତିକ ସ୍ଥିତିରେ ଭୟଙ୍କର ବିବାଦ ସୃଷ୍ଟି କରିଯାଇଛି । ସେଥିପାଇଁ **'ଚରମ'** ଯାହାଙ୍କ ଅବ୍ୟକ୍ତ ସ୍ଥିତିର ବ୍ୟକ୍ତ ଇଚ୍ଛାର ପ୍ରତୀକରୁ ଅବତାରୀ ଏବଂ ଅନ୍ୟମାନେ ଅବତରିତ ହୋଇଥିଲେ, ସେହି 'ଚରମ'ରୁ 'ଚରମ'ଙ୍କ ଇଚ୍ଛାର ବ୍ୟକ୍ତ ସ୍ୱରୂପରେ ମାନବଅଙ୍ଗ ଧାରଣ କରି ପୂର୍ଣ୍ଣଗୁରୁଙ୍କର ସ୍ୱରୂପ ନେଇ ଏ ମୃତ୍ୟୁଲୋକକୁ ଅବତରୀ ଆସିଛନ୍ତି । ଯାହାଙ୍କ ନାମ ହେଉଛି **'କେଶବ'** । ଏଠାରେ ପୂର୍ବଗୁରୁଙ୍କ ଏକ ଉକ୍ତି ଅବତାରଣ କଲେ ଭୁଲ ହେବନାହିଁ ବୋଲି ବିଚାର କରୁଛୁ ।

''ଆକାଶାଦ୍ ପତିତଂତ୍ୱୟା ଯଥା ଗଚ୍ଛତି ସାଗରଂ
ସର୍ବଦେବ ନମସ୍କାରଃ କେଶବଂ ପ୍ରତିଗଚ୍ଛତି ।''

ଆକାଶରୁ ଝରିପଡୁଥିବା ପ୍ରତ୍ୟେକ ଜଳବିନ୍ଦୁ ନିମ୍ନାଭିମୁଖୀ ହୋଇ ଯେପରି କେବଳ ସାଗରରେ ହିଁ ମିଶିଯାଇଥାଏ, ଠିକ୍ ସେହିପରି ଯେକୌଣସି ଦେବାଦେବୀଙ୍କ ନାମ ଧରି ପ୍ରଣାମ କଲେ ମଧ୍ୟ ସେ ପ୍ରଣାମଟି କେବଳ **'କେଶବ'**ଙ୍କ ନିକଟକୁ ହିଁ ପ୍ରେରଣ ହୋଇଥାଏ ।

ଧରାବତରଣର ୬୦ବର୍ଷ ଅତିକ୍ରାନ୍ତ ହୋଇଯାଇଛି । ଏହି ଅବଧି ମଧ୍ୟରେ ନିଜର ପରିଚୟ ପ୍ରଦାନକରି ବିଶ୍ୱକୁ ଏକମୁଖୀ ଆଦର୍ଶରେ ଅନୁପ୍ରାଣିତ କରିବାର ପ୍ରୟାସ ଜାରି ରଖି **'ଚରମ'** ପତ୍ରିକା ମାଧ୍ୟମରେ ତଥା ଯଜ୍ଞ ଓ ସତ୍‌ସଙ୍ଗ ଜରିଆରେ ଯଥାସମ୍ଭବ ପ୍ରଯତ୍ନ ସେ କରିଚାଲିଛନ୍ତି । ମାତ୍ର ଯୋଗମାୟାଙ୍କ ଶକ୍ତ ମାୟାରଜ୍ଜୁକୁ ଭେଦ କରି ଜୀବ ତାଙ୍କୁ ନା ଚିହ୍ନିପାରିଛି, ଗ୍ରହଣ ବା ସ୍ୱୀକାର କରିପାରିଛି ନା ତାଙ୍କର ଆଦର୍ଶ, ଉପଦେଶକୁ ସ୍ପର୍ଶ କରିପାରିଛି ? କେହି କେହି ତାଙ୍କୁ କଳ୍କୀ ଅବତାର କହୁଛନ୍ତି ତ ଅନ୍ୟକିଏ ବ୍ରହ୍ମ, ପରଂବ୍ରହ୍ମ ଇତ୍ୟାଦି ଅଳଙ୍କାରରେ ଆଭୂଷିତ କରିଚାଲିଛନ୍ତି । କିନ୍ତୁ, ଏହା ସତ୍ୟ ଯେ ସେ କଳ୍କୀ ଅବତାର ନୁହଁନ୍ତି । ବ୍ରହ୍ମ ମଣ୍ଡଳବାସୀ ବ୍ରହ୍ମାବତାର ନୁହଁନ୍ତି, ଗୋଲୋକାଧିବାସୀ ପରଂବ୍ରହ୍ମ ମଧ୍ୟ ନୁହଁନ୍ତି । କିନ୍ତୁ, ତାଙ୍କର ସତ୍ତା ବ୍ରହ୍ମଙ୍କ ଠାରୁ ଆରମ୍ଭ କରି ପରଂବ୍ରହ୍ମଙ୍କ ପର୍ଯ୍ୟନ୍ତ, ସ୍ୱର୍ବଲୋକରୁ ଆରମ୍ଭ କରି ସୌରମଣ୍ଡଳ ପର୍ଯ୍ୟନ୍ତ, ସର୍ବଲୋକପାଳ, ଦିଗ୍‌ପାଳ ଠାରୁ ଆରମ୍ଭ କରି ସକଳ ବ୍ରହ୍ମାଣ୍ଡ ତଥା ତଦ୍ ଅନ୍ତର୍ଗତ ସ୍ଥାବର, ଜଙ୍ଗମ, କୀଟପତଙ୍ଗ, ସର୍ବଜୀବ ମଧ୍ୟରେ ବିଦ୍ୟମାନ ଏବଂ ଏମାନଙ୍କର ସତ୍ତା ତାଙ୍କ ମଧ୍ୟରେ ଅବସ୍ଥିତ । ସେ ହିଁ ସ୍ୱୟଂ **'ଚରମ'** ବା **'ପରମ'** । ତାଙ୍କର ଏ ନରତନୁ ଯୋଗମାୟାଙ୍କ ସାହାଯ୍ୟରେ ପ୍ରକୃତିପ୍ରଦତ୍ତ ରୂପ । ସେଥିପାଇଁ ସେ **'ସନ୍ଦେଶପତ୍ର'**ରେ କହିଛନ୍ତି, 'ତମେ ମତେ ଚାହଁ, ମୁଁ ତୁମକୁ ଚାହିଁ ସାଇଁଙ୍କ ପାଖକୁ ନେଇଯିବି ।' କେଉଁ ସାଇଁଙ୍କ ପାଖକୁ ନେଇଯିବେ ? ତୁମମାନଙ୍କ ଭିତରେ ଯୋଗମାୟା ପ୍ରଭାବରେ ଯେଉଁ ସାଇଁଙ୍କ ନାମ, ରୂପ ଏକ ବୃହଦ୍‌କାୟ ରୂପର ଆକୃତି ନେଇ ତୁମମାନଙ୍କ ମନକୁ ବନ୍ଧନ କରି ଦେଇଛି ଏବଂ ତୁମେ ଯେଉଁ ରୂପ ଚାହୁଁଛ ସେ ରାମ ହୁଅନ୍ତୁ, କୃଷ୍ଣ ହୁଅନ୍ତୁ, ମହେଶ୍ୱର ହୁଅନ୍ତୁ, ଗଣେଶ, କାର୍ତ୍ତିକେୟ, ଦୁର୍ଗା, କାଳୀ, ତାରା, ଯୀଶୁ, ଆଲ୍ଲା ଇତ୍ୟାଦି ଯେକୌଣସି ରୂପ ହୁଅନ୍ତୁ, ତାହାକୁ ହିଁ ତୁମ ହୃଦୟ ମଧ୍ୟରେ ପ୍ରକାଶିତ କରାଇଦେବି । ତୁମର ମନ ବା ଚିତ୍ତକୁ ଶୁଦ୍ଧ, ପବିତ୍ର, ସ୍ଥିର କରାଇ ଚେତନାଯୁକ୍ତ କରାଇଦେବି । ଶେଷରେ ତୁମର ଚୈତନ୍ୟ

ଉଦୟ ହୋଇ ଆତ୍ମାନୁଭବ କରିପାରିବ, ଯେଉଁ ନାମରେ ଡାକିବ, ମୁଁ ସେହି ନାମରେ ଶୁଣିବି । ଯେଉଁ ରୂପ ଖୋଜିବ, ମୁଁ ସେହି ରୂପ ଦେଖାଇ ଦେବି । ତୁମେ କେବଳ ମୁଁ କହୁଥିବା, ପ୍ରଦାନ କରିଥିବା ପଥରେ ବିଶ୍ୱାସ ଏବଂ ଦୃଢ଼ତାର ସହ ଗତିକର ।

ମନେରଖ, ନଦୀର ପ୍ରବାହିତ ଜଳ ଯେପରି ପଛକୁ ଫେରିପାରେ ନାହିଁ, ସମୟର ଗତି ଯେପରି ଫେରିପାରେ ନାହିଁ, ଆଜିପର୍ଯ୍ୟନ୍ତ ମୁଁ ଦେଇଥିବା କଲ୍ୟାଣ କେବେ ବି ଫେରିବ ନାହିଁ । ଆଗକୁ ଆଗକୁ ଗତି କରି ଚାଲିଛି ଏବଂ ଚାଲିଥିବ । ନଦୀର ଜଳସ୍ରୋତ ପ୍ରବାହିତ ହେବା ସମୟରେ ଯେପରି ବିଭିନ୍ନ ବସ୍ତୁକୁ **ସ୍ପର୍ଶ କରେ, କିନ୍ତୁ ଭ୍ରୁକ୍ଷେପ ନକରି ଆଗକୁ ଆଗକୁ ମାଡ଼ିଚାଲେ ଠିକ୍ ସେହିପରି ମୁଁ ଦେଇଥିବା, ଦେଉଥିବା, ଦେବାକୁ ଥିବା 'କଲ୍ୟାଣ' କେବେବି ପଛକୁ ଫେରିବ ନାହିଁ । ତା'ର ଗତିପଥରେ ଯେଉଁ ବର୍ଜ୍ୟବସ୍ତୁକୁ ସେ ସ୍ପର୍ଶ କରି ତାକୁ ଦୂରେଇ ଦେଇ ଚାଲିଛି, ତାହାକୁ ହିଁ ତୁମେ କହୁଛ**''ଦୁଃଖ, ଶୋକ, ରୋଗ, ସନ୍ତାପ, ସମସ୍ୟା ଇତ୍ୟାଦି ।

ଦିବ୍ୟାତ୍ମା ପାଠକବୃନ୍ଦ ! **'ଚରମ' 'ଚୈତନ୍ୟ'** ଶବ୍ଦର କିଞ୍ଚିତ୍‌ଅଂଶ ଆଲୋଚନା କରିବାପରେ ଆପଣମାନଙ୍କ କିଛି ଦ୍ୱନ୍ଦ୍ୱର ସମାଧାନ ହୋଇଥିବ ବୋଲି ଆଶାରଖୁଛୁ । ସେହି ପରମକାରୁଣିକ, ଚରମନାଥ ସ୍ୱୟଂ ବର୍ଷବର୍ଷ ଧରି ଉପଦେଶ, କଲ୍ୟାଣ, ଜ୍ଞାନତତ୍ତ୍ୱ ବିତରଣ କରି ଚାଲିଥିଲେ ମଧ୍ୟ ତାଙ୍କ ସ୍ୱବର୍ତ୍ତମାନରେ ବି ଜୀବ ତାଙ୍କୁ ସ୍ୱୀକାର ବା ଗ୍ରହଣ କରିବାପାଇଁ ଅନିଚ୍ଛୁକ ଏବଂ ତାଙ୍କର ଆଦର୍ଶ ମାନିବାକୁ ଅନାଗ୍ରହୀ । କିନ୍ତୁ ସେ ପରମପିତା ସଂକଳ୍ପବଦ୍ଧ । ପ୍ରତିଜ୍ଞାବଦ୍ଧ । ସତ୍ୟସିଦ୍ଧ । ସଦ୍‌ପୁରୁଷ । ପୂର୍ଣ୍ଣଗୁରୁ। ଚାରି ଅନ୍ତଯୁର୍ଗର ମୀମାଂସା କରି ଗୋଟିଏ ଯୁଗ ସମାପ୍ତିର ସମାଧାନ ନିଶ୍ଚୟ କରିବେ । ସେଥିପାଇଁ ସେ ଆମମାନଙ୍କ ଉପରେ  ଆଉ ଭରସା ନରଖି, ନା ଅଭିମାନ ନା ଅନୁଶୋଚନା, ନା କ୍ରୋଧ ନା ଅଭିଶାପ କିଛି ବିଚାର ନକରି - ଆମ୍ଭମାନଙ୍କର ଚିତ୍(ମନ) ଶୁଦ୍ଧ, ସ୍ଥିର, ଅଚଞ୍ଚଳ କରାଇ ଚେତନା ସହିତ ସଂଯୁକ୍ତ କରି **'ଚୈତନ୍ୟ'** ଉଦୟ କରାଇବାର ପ୍ରତିଜ୍ଞା କରିଛନ୍ତି । ତେଣୁ ସ୍ୱୟଂ ଉପସ୍ଥିତ ରହି **'ଚରମ'** ମଣ୍ଡଳ ଭେଦ କରିବାର ମନ୍ତ୍ରଧ୍ୱନି ଅବତରିତ କରାଇଛନ୍ତି । ସେହି ମନ୍ତ୍ରଧ୍ୱନି ନିନାଦରେ **'ଚରମ'**ରୁ **'ଚରମ ଜ୍ଞାନ ବା ଚେତନା'** ଉଦ୍‌ଭାସିତ କରି ଆମ୍ଭମାନଙ୍କର ଅହଂଯୁକ୍ତ  ତଥା ଅନ୍ଧକାର ଆଚ୍ଛାଦିତ, ମୋହଯୁକ୍ତ ଚିତ୍ (ପ୍ରକୃତିଶକ୍ତି) ଓ ଚରମ ଚେତନା (ଅନ୍ତିମ ସ୍ଥଳର ଜ୍ଞାନ)କୁ ଯୁକ୍ତ କରିବାର ଲକ୍ଷ୍ୟ ନେଇ **'ଚରମ ଚୈତନ୍ୟ ମହାଯଜ୍ଞ'** ଆରମ୍ଭ କରିଦେଇଛନ୍ତି ।

ଦୃଢ଼ତା ଓ ବିଶ୍ୱାସର ସହ ସ୍ମରଣ ରଖନ୍ତୁ, ବର୍ତ୍ତମାନ ଧର୍ମ-ଅଧର୍ମ, ପାପ-ପୁଣ୍ୟ ଓ ସତ୍-ଅସତ୍ ମଧ୍ୟରେ ଯୁଦ୍ଧର ଶଙ୍ଖନାଦ ହୋଇସାରିଛି । ଆପଣମାନଙ୍କ ଉପରେ ନିର୍ଭର କରୁଛି-କେଉଁ ପକ୍ଷରେ ରହିବେ ? ବିଚାର ଆପଣମାନଙ୍କର ଏବଂ କଲ୍ୟାଣ ସେହି ଅବ୍ୟକ୍ତ ଚରମଙ୍କ ବ୍ୟକ୍ତ ସ୍ୱରୂପଙ୍କର । ଏଠାରେ ଆଉ ଏକ ସତ୍ୟର ଅବତାରଣ କରୁଛୁ, ଆପଣମାନେ ଯେଉଁ ମନ୍ଦିରକୁ ଯାଉଛନ୍ତି, ସେଠାରେ ଅଭିଷିକ୍ତ, ପୂଜିତ ଦେବାଦେବୀଙ୍କୁ ଦେଖୁଛନ୍ତି ନା ତାଙ୍କର ସ୍ୱରୂପକୁ ଆବଦ୍ଧ କରି ରଖିଥିବା ରୂପର ଢାଙ୍କୁଣୀକୁ ଦେଖୁଛନ୍ତି ? ଥରେ ଗମ୍ଭୀର ଭାବରେ ଚିନ୍ତା କରନ୍ତୁ । ଏହା କହିବାର ତାତ୍ପର୍ଯ୍ୟ, ଆପଣ **'କେଶବ'**କୁ ଦେଖୁଛନ୍ତି ନା

ପ୍ରକୃତିପ୍ରଦତ୍ତ ଶରୀରର ଢାଙ୍କୁଣୀ ଦେଖୁଛନ୍ତି ? ହେ ଦିବ୍ୟାତ୍ମନ୍ ! ତାଙ୍କ ଇଚ୍ଛାନୁଯାୟୀ ଯୋଗମାୟା ଶରୀର ରୂପକ ଏକ ଖୋଳପା ମଧ୍ୟରେ ସେହି ଅବ୍ୟକ୍ତ, ଅପରିସୀମ 'ଚରମ' ସ୍ୱରୂପକୁ ଲୁଚାଇ ରଖିଛନ୍ତି । କିନ୍ତୁ ସୂକ୍ଷ୍ମତଃ ସେ ଆମରି ଭିତରେ ଆତ୍ମା ସତ୍ତାନେଇ ଖେଳି ଖେଳାଉଛନ୍ତି । ଯୋଗମାୟା ସେତିକିବେଳେ ଆପଣଙ୍କୁ ତାଙ୍କର ଅସଲ ସ୍ୱରୂପ ସହ ସାକ୍ଷାତକାର କରାଇବେ, ଯେତେବେଳେ ପିଣ୍ଡରେ **'ଚରମ ଚୈତନ୍ୟ'**ର ଉଦୟ ହେବ । ତା ପୂର୍ବରୁ କଦାପି ସମ୍ଭବ ନୁହେଁ । **'ଚରମ ଚୈତନ୍ୟ'** ସେତିକିବେଳେ ସେ ନିଜେ ଉଦୟ କରାଇବେ, ଯେତେବେଳେ ଆପଣମାନେ କମ୍ବୁକଣ୍ଠରେ ଦୃଢ଼ତା ଓ ବିଶ୍ୱାସର ସହିତ ତାଙ୍କରି ଶ୍ରୀରଙ୍ଗୀ ଚରଣରେ ସର୍ବୋତଭାବରେ ନିଜକୁ ସମର୍ପିତ କରାଇ ପାରିବେ । ଏ ସମର୍ପଣ ଶକ୍ତି ସେତିକିବେଳେ ଜାଗ୍ରତ ହେବ, ଯେତେବେଳେ ତାଙ୍କର ଅହେତୁକ ଅନୁକମ୍ପା ଏବଂ ଆପଣଙ୍କର ଅଖଣ୍ଡ ବିଶ୍ୱାସ ଓ ଅବିଭାଜିତ ପ୍ରେମ ଏକ ବିନ୍ଦୁରେ ଏକତ୍ର ହେବ । ଏହାହିଁ **'ଚରମ ଚୈତନ୍ୟ ମହାଯଜ୍ଞ'**ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ।

ଆଜି ଏହି ମହାର୍ଘ୍ୟ ମୁହୂର୍ତ୍ତରେ ଯେଉଁ ପବିତ୍ର ଭୂମି ଉପରେ ଜୀବ-ବ୍ରହ୍ମଙ୍କର ଏକତ୍ରୀକରଣରେ ଆଉ ଏକ ବ୍ରହ୍ମମଣ୍ଡଳ ସୃଷ୍ଟି ହୋଇ ଯାଇଅଛି, ତାହାରି ସମ୍ପର୍କରେ ସମ୍ୟକ ଆଲୋଚନା କରିବା । ପୂର୍ବରୁ କୁହାଯାଇଛି ପ୍ରତି ଅନ୍ତର୍ଯୁଗର ମୀମାଂସା କରିବାକୁ ସେ ବଚନବଦ୍ଧ ହୋଇ ଆସିଛନ୍ତି । ତେଣୁ ଦ୍ୱାପର ଅନ୍ତର୍ଯୁଗ ସଂସ୍କୃତିର ଏକ ମୀମାଂସା ନ କରି କିପରି ରହିପାରିବେ ? ଆଜିର ନାମିତ ଏହି ସ୍ଥାନ **ଶୁକୁଳି** ଦ୍ୱାପର ସଂସ୍କୃତିରେ ଜଣେ ରାଜର୍ଷି **'ସତ୍ୟପଦ୍ମ'**ଙ୍କର ରାଜଧାନୀ ଥିଲା । ସେହି ରାଜସଭାରେ ରାଜକୁଳଗୁରୁର ଆସନ ଗ୍ରହଣ କରିଥିଲେ ମହାତ୍ମା **'ଶିଯୋକୁଳି'** । କିଚ୍ଛକଗଡ଼ରେ ମଧ୍ୟ ସେ ମହାପଣ୍ଡିତ ଉପାଧିରେ ଭୂଷିତ ହୋଇଥିଲେ । ସତ୍ୟାଶ୍ରୟୀ ଶିଯୋକୁଳି ଆଜନ୍ମ ବ୍ରହ୍ମଚାରୀ ଥିଲେ । ତାଙ୍କର ସତ୍ୟ ପ୍ରତି ରହିଥିବା ନିଷ୍ଠାରେ ସନ୍ତୁଷ୍ଟ ହୋଇ ବ୍ରହ୍ମଦେବ ତାଙ୍କୁ ଉଜ୍ଜୟିନୀରେ ତପସ୍ୟା କରିବାପାଇଁ ନିର୍ଦ୍ଦେଶ ଦେଲେ । ବ୍ରହ୍ମାଙ୍କ ଇଙ୍ଗିତ ଗ୍ରହଣ କରି ଶିଯୋକୁଳି ଉଜ୍ଜୟିନୀରେ ପ୍ରଚଣ୍ଡ ତପସ୍ୟା କଲେ । ସେହି କଠୋର ତପସ୍ୟାରେ ପ୍ରୀତ ହୋଇ ବ୍ରହ୍ମା ତାଙ୍କୁ **'ବ୍ରହ୍ମଜ୍ଞାନ'** ଆଶିଷ ପ୍ରଦାନ କଲେ । ବ୍ରହ୍ମଜ୍ଞାନୀ ହେବାପରେ ପୁନଶ୍ଚ ସେ ଏହି ସ୍ଥାନକୁ ଫେରି ଆସିଲେ । ତତ୍‌ପରେ **'ଦେବଦୂତ'** ନାମକ ଏକ ବ୍ରହ୍ମର୍ଷିଙ୍କ ନିକଟରୁ **'ପିଣ୍ଡନିର୍ଣ୍ଣିତ ତତ୍ତ୍ୱଜ୍ଞାନ'** ପ୍ରାପ୍ତ ହେଲେ । ଉକ୍ତ **'ପିଣ୍ଡ ନିର୍ଣ୍ଣିତ'** ଜ୍ଞାନ ପ୍ରାପ୍ତପରେ **'ତପଧଜ୍ଞାନ'** ପ୍ରାପ୍ତି ପାଇଁ ତପସ୍ୟାରେ ବୁଡି ରହିଲେ । ଏହି ଭୟଙ୍କର ସାଧନ ସମୟରେ ସେ ଯୋଗମାୟାଙ୍କ **'ମୋହ ପରୀକ୍ଷାଚକ୍ର'**ର ସମ୍ମୁଖୀନ ହେଲେ । ବ୍ରହ୍ମାଙ୍କ ଆଶିଷ ଥିବାରୁ ବ୍ରହ୍ମାଙ୍କ ନିର୍ଦ୍ଦେଶରେ **'ତପତିଶ୍ୟା'** ନାମକ ଏକ ସ୍ୱର୍ଗପରୀ ପ୍ରକଟିତ ହୋଇ ତାଙ୍କୁ **ମା' କିଚକେଶ୍ୱରୀଙ୍କ** ବ୍ରହ୍ମତାରକ ମନ୍ତ୍ର ଜପ କରିବାକୁ ନିର୍ଦ୍ଦେଶ ଦେଲେ । କିନ୍ତୁ ସେ ମନ୍ତ୍ର ସେ କେଉଁଠାରୁ ପ୍ରାପ୍ତ ହେବେ ପଚାରନ୍ତେ **'ତପତିଶ୍ୟା'** ତାଙ୍କୁ କହିଲେ ଏକମାତ୍ର ବ୍ରହ୍ମର୍ଷି **'ଧ୍ୱସ୍ଥକ'** ବ୍ରହ୍ମତାରକ ମଣ୍ଡଳ ଭେଦ କରିଛନ୍ତି । ସେ ହିଁ **'ବ୍ରହ୍ମ ମଣ୍ଡଳ'** ଉପରେ ମନ୍ତ୍ର, ତପ, ଆରାଧନା ସୂତ୍ରରେ ପାରଙ୍ଗମ ଅଟନ୍ତି । ତୁମେ ତାଙ୍କୁ ସ୍ମରଣ କର । ତୁମର ମୋହ ଦୂର ହେବ । ମନ୍ତ୍ରସିଦ୍ଧହେବ ଏବଂ **ମା' କିଚ୍ଛକେଶ୍ୱରୀଙ୍କ** ଦର୍ଶନ ଲାଭ କରିବ । ତାହାହିଁ ହେଲା । ସ୍ମରଣ ମାତ୍ରେ **'ଧ୍ୱସ୍ଥକ'** ଋଷି ଉପସ୍ଥିତ ହୋଇ

ଶିୟୋକୁଳିଙ୍କ ସମସ୍ତ ମାର୍ଗ ପ୍ରଶସ୍ତ କରିଦେଲେ । ଶେଷରେ **ମା' କିଚ୍‌କେଶ୍ୱରୀଙ୍କ** ଦର୍ଶନ ଲାଭ କରି ମୋହ ଓ ମାୟା ଚକ୍ରରୁ ମୁକ୍ତ ହୋଇଗଲେ । ମା' ସନ୍ତୁଷ୍ଟା ହୋଇ ବରଯାଚ୍‌ନା କରିବାରୁ ସେ ମା'ଙ୍କୁ ବର ମାଗିଥିଲେ -

୧. ଜୀବିତାବସ୍ଥାରେ ଅଥବା ମୃତ୍ୟୁପରେ ସର୍ବଦା ତୁମରି ଦର୍ଶନ ଲାଭ କରୁଥିବି ଓ ତୁମେ ସର୍ବଦା ମୋ ନିକଟରେ ଥିବ ।

୨. କଳିର ଅନ୍ତିମ ଚରଣରେ ଯେତେବେଳେ ସତ୍ୟ, ଅସତ୍ୟ ଦ୍ୱାରା କବଳିତ ହେବ, ସେହି ସମୟରେ ମୋର ଏହି ପୀଠ **'ସତ୍ୟପୀଠ'**ର ମର୍ଯ୍ୟାଦା ଲାଭ କରିବ ଓ ସତ୍ୟପୀଠର ଧ୍ୱଜା ଉତ୍ତୋଳନ ହେବ ।

୩. ମୋର **ଶିଷ୍ୟଗଣ ଯଥା : ବହୁକି, ଭଞ୍ଜୁକି, ହରିଦମ୍ଭା, ମୃଡକ, ଶୌଧ୍ୱୀନା, କୁମୁଦ୍ରତ, ଦ୍ରୁମ୍ଭକ** ଏହି ସତ୍ୟପୀଠର ଚତୁଃପାର୍ଶ୍ୱରେ ଶୂନ୍ୟସତ୍ତା ନେଇ ଘୂରୁଥିବେ ଓ ସତ୍ୟପୀଠ ମାନ୍ୟତା ସମୟରେ ଚରମ ପୁରୁଷଙ୍କର ଦର୍ଶନ ଲାଭ କରିବେ ।

ମା' କିଚ୍‌କେଶ୍ୱରୀ ଏ ସମସ୍ତ ବରପ୍ରଦାନ କରିବା ସହ ବଚ୍‌ନ ଦେଇଥିଲେ ଯୁଗାନ୍ତରେ ଯେତେବେଳେ **'କେଶବ'** ଧରାବତରଣ କରିବେ, ସେ ନିଜେ ଆସି ତୁମର ଏହି ସ୍ଥାନରେ ସତ୍ୟ ସନାତନ କେତନ ଉଡାଇବେ ଓ ସ୍ଥାନର ନାମକରଣ **'ସତ୍ୟପୀଠ'** ରଖିବେ । ଏହାପରେ ଗରୁଆଁ ନାମକ ରାକ୍ଷସ ଶିୟୋକୁଳିଙ୍କୁ ଆକ୍ରମଣ କରିବା ସମୟରେ ମା'କୀଚ୍‌କେଶ୍ୱରୀ ସେ ରାକ୍ଷସକୁ ବଧ କରି ତା'ର ଅଞ୍ଚଳରେ ମା' ମାତଙ୍ଗୀଙ୍କୁ ଆବାହନ କରି ସ୍ଥାପନ କଲେ ଏବଂ ସେ ଅଞ୍ଚଳର ଦାୟିତ୍ୱ ଦେଲେ । ସେହି ମର୍ମରେ ମହାପୁରୁଷ ଅଚ୍ୟୁତ କହନ୍ତି -

କହୁଅଛି ରାମ ତୋତେ ନିଗମ ବାରତା ।
କିତାକେ ହେତୁ 'ଚେତାଇ, ଶୁଣ ତୁହି କଥା ।।
ଶିରୋକୁଳ ନାମେ ସଦ୍ ଧର୍ମ ଯେ ହୋଇବ ।
ଏହିଠାରେ ଠୁଳ ହୋଇ ଧ୍ୱଜା ଉଡ଼ାଇବ ।।
'ଧରମ ବାରତା' କଥା ଟାହି କରୁଥିବେ ।
ସଦ୍ ଥାପି କେଶବ ଯେ, ଗତି ହେଉଥିବେ ।।
ରାଜରଷି ମାଆ ଶାପ୍ୟ ସଫଳ ତୁ ରାମ ।
ଆଜ୍ଞାରେ ମାତଙ୍ଗୀ ରୂପେ ହେଉଥିବ କାମ ।।

ସତ୍‌ସଙ୍ଗ ସ୍ଥାପନ, ଧର୍ମଧ୍ୱଜା ଉଡାଇବା ତାଙ୍କ ଗାଥାରେ ପ୍ରଥମ । ସମୟାନୁକ୍ରମେ ଶିୟୋକୁଳିଙ୍କ ନାମାନୁସାରେ ଏହି ସ୍ଥାନର ନାମଥିଲା 'ଶିରୋକୁଳ' । କଳି ସଂସ୍କୃତିରେ ଅପଭ୍ରଂଶ ହୋଇ ସ୍ଥାନଟିର ନାମ **ଶୁକୁଳି** ହୋଇଯାଇଅଛି । ଆଜି ସେହି ମଙ୍ଗଳମୁହୂର୍ତ୍ତ । ଏଠାରେ ସୂଚନା ଦେଲେ ଅତ୍ୟୁକ୍ତି ହେବନାହିଁ ଯେ,

ସନ ୧୯୯୮ ମସିହା ଏପ୍ରିଲ୍ ମାସ ୨୯ ତାରିଖ ଦିନ ଏହି **ଶୁକୁଳି**ଠାରେ ସେହି ପରମପୁରୁଷ ଶୁକୁଳିକୁ **'ସତ୍ୟପୀଠ'**ର ମାନ୍ୟତା ଦେବାଲାଗି ସଂକଳ୍ପ କରି ଘୋଷଣା କରିଯାଇଥିଲେ, କିନ୍ତୁ ସତ୍ୟର ଧ୍ୱଜା ଉତ୍ତୋଳନ ଓ 'ସତ୍ୟପୀଠ'ର ନାମକରଣ **'ଚରମ ଯଜ୍ଞ'** ପୂର୍ବରୁ କରି ନଥିଲେ ।

ଆଜି ଏହି ମହାନ ପୀଠରେ **'ଚରମ ଚୈତନ୍ୟ ମହାଯଜ୍ଞର'** ତୃତୀୟ ଚରଣରେ ସ୍ୱୟଂ ଧର୍ମଧ୍ୱଜା (କେତନୀ) ଉତ୍ତୋଳନ କରି ଆଜିଠାରୁ **ଶୁକୁଳି**ର ନାମକରଣ କଲେ **'ସତ୍ୟପୀଠ ଶୁକୁଳି'** । ମହାତ୍ମା ଶିୟୋକୁଲିଙ୍କ ପ୍ରାର୍ଥନା ଓ ମା' କୀଚ୍‌କେଶ୍ୱରୀଙ୍କ ବରଦାନର ମହିମା ରକ୍ଷାକରି **'ଚରମ'**, ''ଚରମ''ରେ ପ୍ରଥମ **ସତ୍ୟପୀଠ** ପ୍ରତିଷ୍ଠା କଲେ । ଉକ୍ତ ପୀଠ ଓ ପୀଠର ମହିମା ଯୁଗଯୁଗ ଧରି ଅମ୍ଳାନ ରହିବ । ପ୍ରେମ, ଭକ୍ତି, ବିଶ୍ୱାସର ସହ ଯେଉଁ ଭକ୍ତ ଏହି ପୀଠରେ ସତ୍ୟର ଉପଲବ୍ଧି ପାଇଁ ଇଚ୍ଛୁକ ହୋଇ ତପସ୍ୟା କରିବ, ସେ **'ଚରମ'**କୁ ଅବଶ୍ୟ ଲାଭ କରିବ, ଏଥିରେ କୌଣସି ସନ୍ଦେହ ନାହିଁ ।


ଶେଷରେ ଆସନ୍ତୁ, କମ୍ବୁକଣ୍ଠରେ କହିବା, ''ହେ ଭକ୍ତବତ୍ସଳ ! ହେ ଅବ୍ୟକ୍ତରୁ ବ୍ୟକ୍ତ ଚରମ''!! ''ହେ ପରମ କାରୁଣିକ !!! ଆମ ପରି ଅଜ୍ଞାନ, ଅଚେତନ ଜଡ଼ଜୀବ ପ୍ରତି ଏହିପରି କଲ୍ୟାଣ କରି ଆମକୁ ସଦାସର୍ବଦା ଆପଣଙ୍କର ସ୍ନେହ ବଳୟ ମଧ୍ୟରେ ରଖିଥାଆନ୍ତୁ ଏବଂ ଆମ୍ଭର ସମସ୍ତ ଜ୍ଞାତ ଓ ଅଜ୍ଞାତ ଦୋଷ, ତ୍ରୁଟି କ୍ଷମା କରି ଦିଅନ୍ତୁ । କଳି ସଂସ୍କୃତିର ଅନ୍ତିମ ଚରଣରେ ଘୋଷିତ ଏହି ପ୍ରଥମ **'ସତ୍ୟପୀଠ'**ରେ ଶ୍ରୀରଙ୍ଗା ଚରଣରେ ଏତିକି ମାତ୍ର ପ୍ରାର୍ଥନା ।''

ଓଁ ଶାନ୍ତିଃ ଓଁ ଶାନ୍ତିଃ ଓଁ ଶାନ୍ତିଃ ।


ଚରମ ମରମ ଭେଦିଲା ନାହିଁ
କରମ ନହେଲା ଧରମ ପାଇଁ ।
ଭରମରେ ପଡ଼ି ଅବୁଝା ହେଲୁ
ସରମରେ ସଢ଼ି ଲୁଚି ରହିଲୁ ॥



ମହାଶୂନ୍ୟ
ଚିତ୍ର ନଂ. ୧
କେଶବଙ୍କ ମର୍ତ୍ତ୍ୟାବତରଣର
କିଞ୍ଚିତ୍ ସୂତ୍ର
ପୂର୍ଣ୍ଣ
ମହାଶୂନ୍ୟ
ଅବ୍ୟକ୍ତ
ଚରମ
ଅରୂପ
ଅସଂଖ୍ୟ ବ୍ରହ୍ମାଣ୍ଡର ଉତ୍ପତ୍ତି
ଶକ୍ତି ମାୟା
ପୁରୁଷ ପ୍ରକୃତି
ମହା
ଶୂନ୍ୟ
ବ୍ୟକ୍ତ
ସାକାର
ପରବ୍ରହ୍ମ
ପ୍ରକୃତି ପୁରୁଷ
ଶ୍ରୀରାଧା କୃଷ୍ଣ
ନିତ୍ୟରାସସ୍ଥଳ
ମର୍ତ୍ତ୍ୟ ମାୟା
ଜରାୟୁ
ଯୋଗୀ, ମୁନି,
ଋଷି, ବ୍ରହ୍ମର୍ଷି ଇତ୍ୟାଦି
ଏବଂ ଅବତାର,
ଅବତାରୀଙ୍କ
ମର୍ତ୍ତ୍ୟାବତରଣ
(ଗୁରୁ, ଉପଗୁରୁ, ଖଣ୍ଡଗୁରୁ, ସଦ୍‌ଗୁରୁ)
ଶିଶୁ
ବ୍ରହ୍ମା ବିଷ୍ଣୁ ମହେଶ୍ୱର
ମାଂସ
ମଦ
ମତ୍ସ୍ୟ
ମୁଦ୍ରା
ମୈଥୁନ
ସାକାରବ୍ରହ୍ମଙ୍କର ପିତା,
ମାତାଙ୍କ ମର୍ତ୍ତ୍ୟାବତରଣ
ଚରମ
ଗୁରୁଅଙ୍ଗ
ଯୁଗାନୁବାଦରେ ତତ୍କାଳୀନ ପରିସ୍ଥିତି
ଆଧାରରେ ଅବତାର, ଜ୍ଞାନତତ୍ତ୍ୱଯୋଗୀ
ଧର୍ମଯାଜକ, ପରିବ୍ରାଜକ, ସାଧୁ,
ସନ୍ଥ, ସନ୍ନ୍ୟାସୀ ଇତ୍ୟାଦି ।
ଶ୍ରୀକେଶବ ପୂର୍ଣ୍ଣ ନରତନୁ/ପୂର୍ଣ୍ଣଗୁରୁ



ଚିତ୍ର ନଂ.୨
ଅବ୍ୟକ୍ତ, ବ୍ୟକ୍ତ, ବ୍ରହ୍ମ, ଅବସ୍ଥା
ଅବ୍ୟକ୍ତ
ଶ୍ରୀକେଶବ, ନିର୍ଗୁଣମୟ, ଅରୂପ, ନିରାମୟ
ପୁରୁଷ (ଶ୍ରୀକୃଷ୍ଣ) (୧) (ଶ୍ରୀମନ୍ନାରାୟଣ) ମହାବିଷ୍ଣୁ
(୨) ପ୍ରକୃତି (ଶ୍ରୀରାଧା/ମହାଲକ୍ଷ୍ମୀ)
ନିତ୍ୟରାସ ମଣ୍ଡଳ ଗୋଲୋକଧାମ
ପ୍ରକୃତିଙ୍କ ସ୍ୱେଦ ଜଳରେ ପୂର୍ଣ୍ଣ ଜଳରାଶି ଅଧିପତି ଦେବତା ବରୁଣ ପତ୍ନୀ ବାରୁଣୀ
ପ୍ରକୃତିଙ୍କ ନିଃଶ୍ୱାସରୁ ପବନ-ବାୟୁ ମୂଳାଧାର ଅଧିପତି ଦେବତା-ବାୟୁଦେବ, ପତ୍ନୀ- ସ୍ୱସ୍ତି ।
୧+୨
ବୈକୁଣ୍ଠ (ଲକ୍ଷ୍ମୀନାରାୟଣ ଲକ୍ଷ୍ମୀବିଷ୍ଣୁ)
ବ୍ରହ୍ମମଣ୍ଡଳ (ବ୍ରହ୍ମା ସାବିତ୍ରୀ)
ଶିବମଣ୍ଡଳ (କୈଳାସ) ମହାଦେବ-ଦୁର୍ଗା (ପାର୍ବତୀ)
ମୃତ୍ୟୁଲୋକ ପୃଥିବୀ


ଚିତ୍ର ନଂ.୩
ସୂକ୍ଷ୍ମକାରଣ ଜଗତରୁ ମର୍ତ୍ତ୍ୟଲୀଳା
୧+୨ ନିତ୍ୟରାସମଣ୍ଡଳ ଗୋଲୋକ
ସୂକ୍ଷ୍ମ କାରଣ ଜଗତ
ପୁରୁଷ (ଶ୍ରୀକୃଷ୍ଣ ଦ୍ୱିଭୁଜ)
ପ୍ରକୃତି (ଶ୍ରୀରାଧା) ରାସେଶ୍ୱରୀ
(୧) ଦୁର୍ଗା (ପାର୍ବତୀ)
(୨) ଲକ୍ଷ୍ମୀ
(୩) ସରସ୍ୱତୀ
(୪) ସାବିତ୍ରୀ
(୫) ରାଧା
(ବାମଅଂଶ) ନାରାୟଣ (ଚତୁର୍ଭୁଜ) ବୈକୁଣ୍ଠ (ଲକ୍ଷ୍ମୀ, ସରସ୍ୱତୀ)
ମହାଦେବ (ବାମଅଂଶ) + (ପାର୍ବତୀ)
ବ୍ରହ୍ମା (ନାଭିକମଳ) + (ସାବିତ୍ରୀ)
ବ୍ରହ୍ମାଣ୍ଡ/ମର୍ତ୍ତ୍ୟ ଓ ସୃଷ୍ଟି ନିର୍ମାଣ
ମହାବିରାଟ
ପ୍ରକୃତି ପଞ୍ଚଦେବୀ ପ୍ରଧାନ ଅଂଶ
ବିଷ୍ଣୁ (ଲକ୍ଷ୍ମୀ, ସରସ୍ୱତୀ ପ୍ରଧାନ ଅଂଶ)
ରୁଦ୍ର +
ବ୍ରହ୍ମା +
ଦୁର୍ଗା (ପ୍ରଧାନ ଅଂଶ)
ସାବିତ୍ରୀ (ପ୍ରଧାନ ଅଂଶ)
ମନ୍ଦାକିନୀ
ତୁଳସୀ
ମନସା
ଷଷ୍ଠୀ
ମଙ୍ଗଳଚଣ୍ଡୀ
କମଳଲୋଚନ କାଳୀ
ପୃଥିବୀ
ମର୍ତ୍ତ୍ୟାବତରଣ ଯୁଗଲୀଳା ସୃଷ୍ଟିପାଳନ
ମର୍ତ୍ତ୍ୟାବତରଣ ଯୁଗଲୀଳା ସୃଷ୍ଟିପାଳନ

# ପ୍ରକୃତି

## ଚିତ୍ର ନଂ.୪

**ମର୍ତ୍ତ୍ୟଲୀଳା ପାଇଁ ପ୍ରକୃତିଙ୍କ ବର୍ଣ୍ଣନା ଓ ସ୍ଥିତି**

**(୧) ଦୁର୍ଗା (ପାର୍ବତୀ)** → କ୍ଷୁଧା, ତୃଷା, ବୁଦ୍ଧି, ବିଦ୍ୟା, ନିଦ୍ରା, କ୍ଷାନ୍ତି, ଦୟା, ଶାନ୍ତି, କାନ୍ତି, ଜାତି, ଭ୍ରାନ୍ତି, ତନ୍ଦ୍ରା, ଛାୟା, ଚେତନା ତୁଷ୍ଟି, ପୁଷ୍ଟି, ଲକ୍ଷ୍ମୀ, ବୃତ୍ତି ।

**(୨) ଲକ୍ଷ୍ମୀ** → କମଳା, ଅନ୍ନପୂର୍ଣ୍ଣା, ମହାଲକ୍ଷ୍ମୀ, ସ୍ୱର୍ଗଲକ୍ଷ୍ମୀ, ଗୃହଲକ୍ଷ୍ମୀ, ଶୋଭାଲକ୍ଷ୍ମୀ, ପ୍ରୀତିଲକ୍ଷ୍ମୀ, ପ୍ରଭାଲକ୍ଷ୍ମୀ, ବାଣିଜ୍ୟଲକ୍ଷ୍ମୀ, ଚଞ୍ଚଳା, ଦୟା, କଳହା, ମାୟା ।

**(୩) ସରସ୍ୱତୀ** → ବାକ୍ୟବୁଦ୍ଧି, ଜ୍ଞାନଦାତ୍ରୀ ସତ୍ତ୍ୱଗୁଣ ସଂପନ୍ନ

ସର୍ବସରୋବରେ ଅଂଶ ନଦୀରୂପ ବ୍ରାହ୍ମଣୀ

**(୪) ସାବିତ୍ରୀ** → ବେଦ, ତନ୍ତ୍ର, ମନ୍ତ୍ର, ଯନ୍ତ୍ର, ଜପ, ତପ, ସଂଧ୍ୟା, ଜନନୀ

**(୫) ରାଧା** → (ମନ୍ଦାକିନୀ (ଗଙ୍ଗା), ସୌଭାଗ୍ୟଦାୟିନୀ କୀର୍ତ୍ତିପସରା, ଗୋପାଙ୍ଗନା ହ୍ଲାଦିନୀ ଶକ୍ତି, ଆକାର ଶୂନ୍ୟ ନିର୍ଗୁଣମୟୀ

## ପ୍ରଧାନ ଅଂଶରୁ ଆଂଶିକ କଳାରୁ ଦେବୀ

ସ୍ୱାହା, ସ୍ୱସ୍ତି, ପୁଷ୍ଟି, ତୁଷ୍ଟି, ସମ୍ପତ୍ତି, ଧୃତି, କ୍ଷମା, ରତି, ଶକ୍ତି, କୀର୍ତ୍ତି, ମିଥ୍ୟା, ଶାନ୍ତି, ଲଜ୍ଜା, ସ୍ମୃତି, ବୁଦ୍ଧି, ମେଧା, ମୂର୍ତ୍ତି, ନିଦ୍ରା, ମହାମାୟା, ସନ୍ଧ୍ୟା, ରାତ୍ରି, ଉଷା, ସୁଧା, ପିପାସା, ପ୍ରଭା, ପ୍ରତ୍ୟେକ ଗ୍ରାମଦେବତୀ, ମୃତ୍ୟୁ, ଜରା, ତନ୍ଦ୍ରା, ପ୍ରୀତି, ଶ୍ରଦ୍ଧା, ଭକ୍ତି, ସୁରଭୀ, କଦ୍ରୁ, ବନିତା, ରୋହିଣୀ, ଛାୟା, ସଂଜ୍ଞା, ଶତରୂପା, ଶଚୀ, ତାରା, ଅରୁନ୍ଧତୀ, ଅହଲ୍ୟା, ଅନୁସୂୟା, ଦେବହୂତି, ପ୍ରସୂତି, ମେନକା, ଅମ୍ବିକା, ଲୋପାମୁଦ୍ରା, ଆହୁତି, ଦେବକୀ, ଯଶୋଦା, ଶୈବ୍ୟା, ଦମୟନ୍ତି, ଗାନ୍ଧାରୀ, ଦ୍ରୌପଦୀ, ସାବିତ୍ରୀ, କୁନ୍ତି, ମନ୍ଦୋଦରୀ, କଳାବତୀ, କୈକେଇ, ସୁଭଦ୍ରା, କୌଶଲ୍ୟା, ସତ୍ୟଭାମା, ରେବତୀ, କାଳିନ୍ଦୀ, ମିତ୍ରବିନ୍ଦା, ଜାମ୍ବବତୀ, ଲକ୍ଷ୍ମଣା, ରୁକ୍ମିଣୀ, ସତ୍ୟବତୀ, ଉଷା, ଚିତ୍ରଲେଖା, ରେଣୁକା ।

# ଆଶ୍ରମ ସନ୍ଦେଶ

ତା୧.୧.୨୦୧୪ରିଖ(ବୁଧବାର) : ହାଟପଡା ଗୁରୁଭ୍ରାତା ଧ୍ରୁବାନନ୍ଦ ବିଶ୍ୱାଳଙ୍କ ବାସଭବନ ପରିସରରେ ବାର୍ଷିକ ନାମଯଜ୍ଞ ଓ ନବବର୍ଷର ଭାତୃ ମିଳନ ଅନୁଷ୍ଠିତ ହୋଇଯାଇଅଛି ।

ତା୧୧.୧.୨୦୧୪ରିଖ(ଶନିବାର) : ଠାକୁରା' ଯଦୁନାଥଙ୍କ ଜନ୍ମଜୟନ୍ତୀ ପାଳନ ଉପଲକ୍ଷେ ସ୍ୱର୍ଣ୍ଣକ୍ଷେତ୍ରରେ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା୧୪.୧.୨୦୧୪ରିଖ(ମଙ୍ଗଳବାର) : ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ସନାତନ ଆଧାତ୍ମିକ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା ।

ତା୧୬.୧.୨୦୧୪ରିଖ (ଗୁରୁବାର) : ଜଳଣରପୁର ଶାଖା ପରିସରରେ ଓଡାସିଂ କେନ୍ଦ୍ର ସହଯୋଗରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା ।

ତା୨୫.୧.୨୦୧୪ରିଖ(ଶନିବାର)ଏବଂ
ତା୨୬.୧.୨୦୧୪ରିଖ (ରବିବାର) : ଖୋର୍ଦ୍ଧା ନିଜିଗଡ଼ ଟାପଙ୍ଗ ଛକରେ ସଂଘ ତରଫରୁ ଅଦ୍ୱୈତ ପରିଡ଼ାଙ୍କ ପ୍ରଚେଷ୍ଟାରେ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି । ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ସାଧାରଣତନ୍ତ୍ର ଦିବସ ପାଳନ ଅନୁଷ୍ଠିତ ହୋଇଯାଇଅଛି ।

ତା୨୭.୧.୨୦୧୪ରିଖ(ସୋମବାର) : ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଖଞ୍ଜଣି ଭଜନ ଓ ମହାପୁରୁଷ ଅରକ୍ଷିତ ଦାସଙ୍କ ଉଦ୍ଦେଶ୍ୟରେ ପୋଡ଼ପିଠା ଲାଗି କରାଯାଇଥିଲା ।

ତା୬.୨.୨୦୧୪ରିଖ (ଗୁରୁବାର) : ଭୁବନେଶ୍ୱର ପାଣ୍ଡବନଗର ଗୁରୁଭ୍ରାତା ପ୍ରଫୁଲ୍ଲ ଚନ୍ଦ୍ର ସାହୁଙ୍କ ବାସଭବନ ପରିସରରେ ସଂଘ ତରଫରୁ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା୯.୨.୨୦୧୪ରିଖ (ରବିବାର) : ମାହାଙ୍ଗା ନିକଟସ୍ଥ କଏରପୁର ଗ୍ରାମ ତାରେଣୀମନ୍ଦିର ନିକଟରେ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ସଂଘ ତରଫରୁ ଆଞ୍ଚଳିକ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା୧୦.୨.୨୦୧୪ରିଖ (ସୋମବାର) ଏବଂ
ତା ୧୪.୨.୨୦୧୪ରିଖ (ଶୁକ୍ରବାର) ପର୍ଯ୍ୟନ୍ତ : ରାଉରକେଲା ଆଠନମ୍ବର ସେକ୍ଟର ତାରେଣୀ ମନ୍ଦିର ନିକଟରେ ସଂଘ ତରଫରୁ ଯଜ୍ଞ ଓ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା୧୬.୨.୨୦୧୪ରିଖ (ରବିବାର) : ଦେବାଳିଆ ଗ୍ରାମରେ ସଂଘ ତରଫରୁ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା୧୯.୨.୨୦୧୪ରିଖ (ବୁଧବାର) : ଜଗତସିଂହପୁର ଜିଲ୍ଲା ବଡ଼ ବାଖରାବାଦ ଗ୍ରାମ ପରିସରରେ ସଂଘ ତରଫରୁ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା୨.୩.୨୦୧୪ରିଖ (ରବିବାର) : ଖୋର୍ଦ୍ଧା ନିକଟ ବୋରକଣି ଗ୍ରାମର ବଂଶୀଧର ସାହୁ ଓ ଲଳିତା ସାହୁଙ୍କ ବାସଭବନ ପରିସରରେ ସଂଘତରଫରୁ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଅଛି ।

ତା୬.୩.୨୦୧୪ରିଖ (ଗୁରୁବାର) : ବୋରକରା ଗ୍ରାମରେ ସଂଘ ତରଫରୁ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା୭.୩.୨୦୧୪ରିଖ (ଶୁକ୍ରବାର) : କେନ୍ଦ୍ରାପଡ଼ା ବଣିଆମାଳ ଗୁରୁଭ୍ରାତା ୰ ପ୍ରହଲ୍ଲାଦ ଭାଇଙ୍କ ବାର୍ଷିକ ଶ୍ରାଦ୍ଧତିଥିରେ ସଂଘ ତରଫରୁ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଥିଲା ।

ତା୯.୩.୨୦୧୪ରିଖ (ରବିବାର) : ଚାନ୍ଦୋଳ ସଠିଲ ନିକଟ ପକ୍ଷଚ ଗ୍ରାମର ନିତ୍ୟାନନ୍ଦ ବିଶ୍ୱାଳଙ୍କ ବାସଭବନ ପରିସରରେ ସଂଘ ତରଫରୁ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା୧୧.୩.୨୦୧୪ରିଖ (ମଙ୍ଗଳବାର) : ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ପୂଜକମାନଙ୍କ ସଂସ୍କାର ହୋମ ଅନୁଷ୍ଠିତ ହୋଇଯାଇଅଛି ।

ତା୧୨.୩.୨୦୧୪ରିଖ(ବୁଧବାର) ଠାରୁ
ତା୧୬.୩.୨୦୧୪ରିଖ(ରବିବାର)ପର୍ଯ୍ୟନ୍ତ : କେନ୍ଦୁଝର ସତଙ୍ଗିଠାରେ ସଂଘ ତରଫରୁ ତ୍ରିଶକ୍ତି ଶାନ୍ତିଯଜ୍ଞ, ଜଳାଭିଷେକ ଓ ସତ୍‌ସଙ୍ଗ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି ।

ତା୧୭.୩.୨୦୧୪ରିଖ (ସୋମବାର) : ସିପୁରା ସ୍ୱର୍ଗତ କାଶିଭାଇଙ୍କ ବାସଭବନ ପରିସରରେ ହୋଲି ମହୋତ୍ସବ ପାଳନ କରାଯାଇଅଛି ।

ତା୨୨.୩.୨୦୧୪ରିଖ (ଶନିବାର) : ଅସୁରେଶ୍ୱର ଦଧିବାମନ ମନ୍ଦିର ନିକରେ ସଂଘ ତରଫରୁ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା୨୩.୩.୨୦୧୪ରିଖ (ରବିବାର) : ଟାୟାଁପାଳ ନିକଟ ରାମଚନ୍ଦ୍ରପୁର ଗ୍ରାମ ପରିସରରେ ସଂଘ ତରଫରୁ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା୨୫.୩.୨୦୧୪ରିଖ(ମଙ୍ଗଳବାର)ଠାରୁ
ତା୨୯.୩.୨୦୧୫ରିଖ(ଶନିବାର) ପର୍ଯ୍ୟନ୍ତ : ଗଜପତି ଜିଲ୍ଲା କଇଁପୁର ନିକଟ ମହେନ୍ଦ୍ରଗିରି ଠାରେ କ୍ଷିତିଜ୍ୟୋତିଃ ଶାନ୍ତିଯଜ୍ଞ ଓ ସତ୍‌ସଙ୍ଗ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି ।

ତା୩୧.୩.୨୦୧୪ରିଖ (ସୋମବାର) : ଭଦ୍ରକ ଜିଲ୍ଲା ବେତାଳି ଗାଁ ହାଟ ନିକଟ ଗୁରୁଭ୍ରାତା ଭରତ ଚନ୍ଦ୍ର ସେଠୀଙ୍କ ବାସଭବନ ପରିସରରେ ସଂଘ ତରଫରୁ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଅଛି ।

ତା୩.୪.୨୦୧୪ରିଖ (ଗୁରୁବାର) : କଟକ ନାରାୟଣ ମିଶ୍ର ଲେନ୍‌ର ଗୁରୁଭ୍ରାତା ୰ରାମଚନ୍ଦ୍ର ଆଚାର୍ଯ୍ୟଙ୍କ ବାସଭବନ ପରିସରରେ ସଂଘ ତରଫରୁ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ

ହୋଇଯାଇଅଛି ।

ତା୧୪.୪.୨୦୧୪ରିଖ(ସୋମବାର) : ଠାକୁମା' ସୁକାନ୍ତିଦେବୀଙ୍କ ଜନ୍ମଜୟନ୍ତୀ ପାଳନ ଉପଲକ୍ଷେ ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ସତ୍‌ସଙ୍ଗ ମହୋତ୍ସବ ।

ଚାରିଯୁଗ ଅଷ୍ଟମ ପ୍ରହର ନାମଯଜ୍ଞ ପାଇଁ ଚାରିମଣ୍ଡପରେ ମଣ୍ଡପ ପୂଜା କରାଯାଇଥିଲା ।

ତା୧୫.୪.୨୦୧୪ରିଖ (ମଙ୍ଗଳବାର): ନାମଯଜ୍ଞ ପାଇଁ ଶ୍ରୀକଳସ ଶୋଭାଯାତ୍ରା, ସଂଧ୍ୟାରେ ବିମାନ ପରିକ୍ରମା କରାଯାଇଥିଲା । ସକାଳ ୬ଘଟିକାରୁ ସଂଧ୍ୟା ୬ଘଟିକା ମଧ୍ୟେ ଶ୍ରୀପାଦୁକା ମେଳା ସ୍ୱର୍ଣ୍ଣକ୍ଷେତ୍ରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି ।

ତା୧୬.୪.୨୦୧୪ରିଖ (ବୁଧବାର) : ସ୍ୱର୍ଣ୍ଣକ୍ଷେତ୍ରର ଚାରିମଣ୍ଡପରେ ଚାରିଯୁଗର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଅଛି ।

ତା୧୭.୪.୨୦୧୪ରିଖ (ଶୁକ୍ରବାର) : ନାମଯଜ୍ଞର ବିରତି କରାଯାଇ ନଗର ପରିକ୍ରମା କରାଯାଇଥିଲା ।

ତା ୨୦.୪.୨୦୧୪ରିଖ(ରବିବାର) ଠାରୁ
ତା ୨୪.୪.୨୦୧୪ରିଖ (ଗୁରୁବାର) ପର୍ଯ୍ୟନ୍ତ : ଅନୁଗୁଳ ଜିଲ୍ଲା ପାଟକୁମୁଣ୍ଡାଠାରେ ଯଜ୍ଞ ଓ ସତସଂଗ ମହୋତ୍ସବ ନାଲକୋ କେନ୍ଦ୍ର ସଙ୍ଗଠନ ଶାଖା ସମୂହର ମିଳିତ ସହଯୋଗରେ ସଂଘ ଆନୁକୂଲ୍ୟରେ ମହାସମାରୋହର ଅନୁଷ୍ଠିତ ହୋଇଯାଇଅଛି ।

ତା୩୦.୪.୨୦୧୪ରିଖ (ବୁଧବାର) : ସୁନ୍ଦରପୁର ନିକଟ ନୌପଡା ଗ୍ରାମର ଗୁରୁଭ୍ରାତା ଜୀତେନ୍ଦ୍ର ମହାନ୍ତିଙ୍କ ବାସଭବନ ପରିସରରେ ସଂଘ ତରଫରୁ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

**ସୁବିଧାବାଦୀ ମଣିଷଟି ନୁହଁଇ କେବେ ଆଧ୍ୟାତ୍ମିକବାଦୀ**
**ଅବସର ବିନୋଦନ କରିବାକୁ ଭକତର ଭେକ ପିନ୍ଧି ।**
**ଭାବରେ ନ ମଜ୍ଜି ନାମ ଅର୍ଜିବାକୁ ଧାଇଁ ଆସନ୍ତି ସରାଗେ**
**ଠିକଣା ବେଳରେ ପ୍ରମାଦ ପଡ଼ିଲେ ଅଡ଼ିହ୍ନା ହୁଅନ୍ତି ଢଙ୍ଗେ ॥**

## DECLARATION FORM-I

(Rule-8)

## THE CHARAM PUBLICATION

| | | |
|---|---|---|
| 1. Place of Publication | : | Swarnakshetra, Kshitijyoti Ashram, Mahanga, Cuttack - 754206 |
| 2. Periodicity of Publication | : | Bi-Monthly |
| 3. Place of Printing | : | Rasad Ad Agency, Cuttack-12 |
| 4. Publisher' Name | : | General Secretary, |
| Address | : | Viswa Bhratrutwa Dibyatma Parishad Swarnakshetra, Mahanga - 754206 |
| Nationality | : | Indian |
| 5. Editor's Name | : | Keshab Das Brundaban |
| Nationality | : | Indian |
| Address | : | Swarnakshetra, Kshitijyoti Ashram, Mahanga Cuttack - 754206 |
| 6. Name & Address of Individual who owns the magazine | : | General Secretary, Viswa Bhratrutwa Dibyatma Parishad Swarnakshetra, Mahanga, Cuttack - 754206 |
| 7. Partner or Share Holders Holding more than one percent of the total capital | : | NIL |

Published by Keshab Chandra Samal on behalf of Vishwa Bhratrutwa Dibyatma Parishad, Kshitijyoti Ashram, Swarna Kshetra, Mahanga, Cuttack and printed at Rasad Ad Agency, Cuttack and published at Kshitijyoti Ashram Swarnakshetra, Mahanga, Cuttack. Editor - Keshab Das Brundaban.

I, Keshab Chandra Samal, General Secretary, on behalf of Vishwa Bhratrutwa Dibyatma Parishad, Kshitijyoti Ashram, Swarna Kshetra, Mahanga, Cuttack, Odisha do hereby declare that I am the publisher of the periodical magazine entitled "THE CHARAM" printed at Cuttack City and published at the office of the 'THE CHARAM PUBLICATION" Kshitijyoti Ashram, Swarna Kshetra, Mahanga, Cuttack-754206 and the particulars in respect of the said magazine given above are true to the best of my knowledge and belief.

Sd/-

**Place : Mahanga**
Date : 27.10.2015

**(KESHAB CHANDRA SAMAL)**
Signature of the Publisher

ଆମର ଲକ୍ଷ୍ୟ : ଚରମପ୍ରାପ୍ତି